ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 201 | ଭାଗ ୩୨ | ସଂଖ୍ୟା୨୦୧
Bhubaneswar | Friday 11 October 2024 | Page 8 Rs. 4.00
ଭୁବନେଶ୍ୱର | ଶୁକ୍ରବାର ୧୧ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



## ଛୁଟି ଘୋଷଣା

ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ‘ସଂଚାର’ କାର୍ଯ୍ୟାଳୟ ଅକ୍ଟୋବର ୧୧ (ଶୁକ୍ରବାର)ରୁ ୧୪ ତାରିଖ (ସୋମବାର) ପର୍ଯ୍ୟନ୍ତ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ଆସନ୍ତା ୧୬ ତାରିଖ (ବୁଧବାର)ରେ ପ୍ରକାଶ ପାଇବ।

ପରିଚାଳକ

## ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ‘ସଂଚାର’ ପରିବାର ପକ୍ଷରୁ ଏହାର ପାଠକ-ପାଠିକା, ଶୁଭେଚ୍ଛୁ, ସମ୍ବାଦଦାତା, ଏଜେଣ୍ଟ, ବିତରକ ଏବଂ ବିଜ୍ଞାପନଦାତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା। ମା’ଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ, ସମସ୍ତଙ୍କ ଜୀବନରୁ ଦୁଃଖର କାଳିମା ଦୂର ହୋଇଯାଉ, ଏହା ହିଁ କାମନା।

ସମ୍ପାଦକ

# ଅଲ୍‌ବିଦା ‘ଟାଟା’

ମୁମ୍ବାଇ, ୧୦।୧୦ (ଏଜେନ୍ସି): ଶିଳ୍ପ ଏବଂ ବ୍ୟବସାୟ କ୍ଷେତ୍ରରେ ସାରା ଦୁନିଆରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ରତନ ଟାଟାଙ୍କ ମରଶରୀର ପଞ୍ଚଭୂତରେ ବିଲୀନ ହୋଇଛି। ଗୁରୁବାର ଅପରାହ୍ଣରେ ମୁମ୍ବାଇର ୱର୍ଲି ଶ୍ମଶାନଘାଟରେ ତାଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପାର୍ସୀ ରୀତିନୀତିରେ ସମ୍ପନ୍ନ ହୋଇଛି।

ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ପାର୍ଶୀ ପରମ୍ପରାକୁ ‘ଦଖମା’ ଅନୁଯାୟୀ ମରଶରୀରକୁ ଗାଧୋଇ ଦିଆଯିବା ପରେ ନୂଆ ବସ୍ତ୍ର ପିନ୍ଧାଇ ଦିଆଯାଇଥିଲା। ଏହାପରେ ମରଶରୀର ନିକଟରେ ପ୍ରାର୍ଥନା କରାଯାଇଥିଲା। ଶ୍ମଶାନରେ ତୋପ ସଲାମୀ ଦିଆଯିବା ପରେ ଅପରାହ୍ଣରେ ମରଶରୀରକୁ ଇଲେକ୍ଟ୍ରିକ୍ ଚୁଲାରେ ଦାହ କରାଯାଇଛି।

ବୁଧବାର ବିଳମ୍ବିତ ରାତିରେ ମୁମ୍ବାଇର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ୮୬ ବର୍ଷୀୟ ରତନ ଟାଟା। ମରଶରୀରକୁ ଆଜି ସକାଳେ ଦକ୍ଷିଣ ମୁମ୍ବାଇର ନ୍ୟାସନାଲ୍ ସେଣ୍ଟର ଫର ପର୍ଫର୍ମିଂ ଆର୍ଟ୍ସ (ଏନ୍‌ସିପିଏ) ଲନ୍‌ରେ ରଖାଯାଇଥିଲା। ଏଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ, ନୀତିନ ଗଡ଼କରି, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବୀଶ, ଅଜିତ ପାୱାର, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ବିଶିଷ୍ଟ ଶିଳ୍ପତି ମୁକେଶ ଅମ୍ବାନି, ଭାରତୀ ଏଣ୍ଟରପ୍ରାଇଜର୍ସ ମୁଖ୍ୟ ରାଜେଶ ଭାରତୀ, ଅଭିନେତା ଅନୁପମ ଖେର, ଟାଟାର ଜେନେରାଲ ମ୍ୟାନେଜର ତଥା ସ୍ୱର୍ଗତ ଟାଟାଙ୍କ ବନ୍ଧୁ ଶାନ୍ତନୁ ନାଇଡୁ ପ୍ରମୁଖଙ୍କ ସମେତ ବହୁ

➪ପୃଷ୍ଠା-୬



# ସରଗରମ ପୂଜା ପଲିଟିକ୍ସ





ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ପୂଜା ପାଇଁ ଗାଁଠୁ ସହର ଉତ୍ସବମୁଖର। କଟକ ଓ ଭୁବନେଶ୍ୱରରେ ଥିବା ୩ ଶହରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ଚାଲିଛି। ଗୁରୁବାର ମା’ ଦୁର୍ଗାଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ମହାଷ୍ଟମୀ ପୂଜା ହେଉଛି। ଦୁର୍ଗାପୂଜାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରମୁଖ ପୂଜା ମଣ୍ଡପ ବୁଲି ମା’ଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶୁକ୍ରବାର ଭୁବନେଶ୍ୱରରେ ଥିବା ମଣ୍ଡପ ବୁଲି ମା’ ଦୁର୍ଗାଙ୍କ ଦର୍ଶନ କରିବେ। ତାଙ୍କ ସହିତ ମନ୍ତ୍ରୀମାନେ ପୂଜା ମଣ୍ଡପ ବୁଲିବାର କାର୍ଯ୍ୟକ୍ରମ ରହିଛି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶୁକ୍ରବାର ଭୁବନେଶ୍ୱରରେ ଥିବା ମଣ୍ଡପ ବୁଲିବେ ବୋଲି ସୂଚନା ମିଳିଛି।

ଶନିବାର ନବମୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଟକରେ ଥିବା ପୂଜା ମଣ୍ଡପ ବୁଲିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ବିଜେପି କଟକ ନଗର (ଜିଲା) ସଭାପତି ଲଲାଟେନ୍ଦୁ ବଡ୍ଡୁ, ପୂର୍ବତନ ମନ୍ତ୍ରୀ ସମୀର ଦେ, ଦଳର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ବିଧାୟକ ପ୍ରକାଶ ସେଠୀ ପ୍ରମୁଖ ଭେଟି ନିମନ୍ତ୍ରଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶନିବାର

➪ପୃଷ୍ଠା-୬

# ବିଜେଡିର କଂଗ୍ରେସ ପ୍ରେମକୁ ଝଟ୍‌କା

## ମନ ଭାଙ୍ଗିଦେଲା ହରିଆନା ଫଳାଫଳ

## ଆପ୍ ଅବସ୍ଥା ଦେଖି ବିଜେଡିର ସନ୍ନିପାତ

ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ହରିଆନା ନିର୍ବାଚନ ଫଳାଫଳ ପରେ ବିଜେଡିର କଂଗ୍ରେସ ପ୍ରେମକୁ ଝଟ୍‌କା ଲାଗିଛି । ଦେଶର ପ୍ରାୟ ସମସ୍ତ ଏକଜିଟ୍‌ପୋଲ୍‌ରେ ହରିଆନାରେ କଂଗ୍ରେସ ବିଜୟୀ ହେବ ଓ ଦେଶରେ କଂଗ୍ରେସର ପତିଆରା ବୃଦ୍ଧି ନେଇ ପୂର୍ବାନୁମାନ ପ୍ରକାଶ ପାଇବାପରେ ବିଜେଡିର କଂଗ୍ରେସ ପ୍ରେମ ଜାଗ୍ରତ ହୋଇଥିଲା। ଇଣ୍ଡିଆ ମେଣ୍ଟ ଆଡକୁ ଢଳିବା ସହିତ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ଦେବାଶିଷ ସାମନ୍ତରାୟ ସେହି ଲାଇନ୍‌ରେ ବୟାନବାଜି ଆରମ୍ଭ କରିଦେଇଥିଲେ ।

ସବୁ ପୂର୍ବାନୁମାନକୁ ଫେଲ କରି ହରିଆନାରେ ବିଜେପି କ୍ଷମତାକୁ ଫେରିବାପରେ ବିଜେଡିର ଇଣ୍ଡିମେଣ୍ଟ ଓ କଂଗ୍ରେସ ପ୍ରେମରେ ଏକ ପ୍ରକାର ପାଣି ପଶିଯାଇଛି । ଆଉ ବିଜେଡି ନେତାମାନେ କଂଗ୍ରେସ ସପକ୍ଷରେ ବୟାନବାଜି ତ ଦୂରକଥା ପଦୁଟିଏ ହେଲେ ମୁହଁ ଖୋଲୁନାହାନ୍ତି । ବିଶେଷକରି ଇଣ୍ଡିଆ ମେଣ୍ଟର ବଡ ଭାଗୁଆଳି ଆପ୍‌ର ଅବସ୍ଥା ଦେଖିଲାପରେ ବିଜେଡିର ସନ୍ନିପାତ ସ୍ଥିତି ଉପୁଜିଛି। କାରଣ ଆପ୍ ଗୋଟିଏ ଜାତୀୟଦଳ ହୋଇଥିବା ଏବଂ ଦିଲ୍ଲୀ ଓ ପଞ୍ଜାବରେ ଏହାର ସରକାର ଥିବା ସତ୍ତ୍ୱେ ହରିଆନା କିମ୍ବା ଜାମ୍ମୁ କାଶ୍ମୀରରେ କଂଗ୍ରେସ ଏହା ସହିତ ମେଣ୍ଟ କରିନଥିଲା । ଏହାର ଫଳ କଂଗ୍ରେସ ଭୋଗିଲା । ଅବଶ୍ୟ ଆପ୍ ନିଜ ବଳରେ ଜାମ୍ମୁକାଶ୍ମୀରରେ ଖାତା ଖୋଲିବାରେ ସମର୍ଥ ହେଲା । କିନ୍ତୁ ଆପ୍‌କୁ ଯେଭଳି କଂଗ୍ରେସ ଶେଷ ମୂହୂର୍ତ୍ତରେ ବାଏ ବାଏ କଲା ତାହା ଦେଖିବାପରେ କଂଗ୍ରେସ କିମ୍ବା ରାହୁଲଙ୍କ ଉପରେ ବିଜେଡିର ଆଉ ଭରସା ପାଉନାହିଁ ।

କିନ୍ତୁ ବିଜେଡିରେ ଥିବା କିଛି କଂଗ୍ରେସ ପ୍ରେମୀ ବିଶେଷକରି ରାହୁଲଗାନ୍ଧୀଙ୍କ କଟୋରୀରେ ଥିବା ନେତାମାନେ ଆଶା ଛାଡି ନାହାନ୍ତି । ଏହି ନେତାମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ପ୍ରଦୀପ ମାଝି, ଦଳର ମିଡିଆ ସେଲ୍ ପ୍ରଭାରୀ ଡକ୍ଟର ପ୍ରିୟବ୍ରତ ମାଝି, ରୋହିତ ପୂଜାରୀ, ସାରଦା ନାୟକ, ଦୀପାଳି ଦାସ, ଯୋଗେଶ ସିଂହ, ଅଧିରାଜ ପାଣିଗ୍ରାହୀ, ରାଜେନ୍ଦ୍ର ଛତ୍ରିଆ, ଚିରଞ୍ଜୀବ ବିଶ୍ୱାଳ, ବାପି ସର୍ଖେଲ, ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି, ସୁଶାନ୍ତ ମିଶ୍ର, ବିକ୍ରମ ପଣ୍ଡା ଏବଂ ଚନ୍ଦ୍ରଶେଖର ସାହୁଙ୍କ ଭଳି ପୁରୁଣା କଂଗ୍ରେସିଆ ରହିଛନ୍ତି । ଏମାନେ ଅତୀତରେ ସିଧସଳଖ ଭାବେ ରାହୁଲ ଓ ତାଙ୍କ ଟିମ୍ ସହିତ କାମ କରିଛନ୍ତି । ତେଣୁ କଂଗ୍ରେସର ଗୋଟିଏ ବଡ ଚେନ୍ ବିଜେଡିରେ ରହିଥିବା କୁହାଯାଉଛି । ଏମାନେ ସୁଯୋଗ ପାଇଲେ ସେତୁ ବାନ୍ଧିବା କିଛି ବଡ କଥା ନୁହେଁ ।

ଅନ୍ୟ ପକ୍ଷରେ ରାଜ୍ୟରେ ଓ ଜାତୀୟ ସ୍ତରରେ ଉଭୟ ବିଜେଡି ଓ କଂଗ୍ରେସ ହେଉଛନ୍ତି ବିଜେପିର ବିରୋଧି । ରାଜ୍ୟରେ ବିଜେଡି କ୍ଷମତାରୁ ହଟିଥିବାବେଳେ କଂଗ୍ରେସ କିନ୍ତୁ ତାହାର ବିଧାୟକ ସଂଖ୍ୟା ୯ ରୁ ୧୪କୁ ବଢ଼ାଇବାରେ ସକ୍ଷମ ହୋଇଛି । ଅନ୍ୟ ପକ୍ଷରେ କ୍ଷମତାରୁ ହଟିଥିଲେ ବି ବିଜେଡିର ଭୋଟହାର ୪୦ ପ୍ରତିଶତ ପାଖାପାଖି ରହିବା ସହିତ ବିଧାନସଭାରେ ବିଜେପି ଠାରୁ ଅଧିକ ୨ଲକ୍ଷ ଭୋଟ ପାଇଛି । କଂଗ୍ରେସର ଭୋଟ ହାର ୧୭ ପ୍ରତିଶତ ପାଖପାଖି ରହିଛି । ତେଣୁ ଯଦି ବିଜେଡି ଓ କଂଗ୍ରେସ

➪ପୃଷ୍ଠା-୬

# ହାନ୍ କଙ୍ଗଙ୍କୁ ସାହିତ୍ୟରେ ନୋବେଲ




ଷ୍ଟକ୍‌ହୋମ୍, ୧୦।୧୦: ଦକ୍ଷିଣ କୋରିଆର ହାନ୍ କଙ୍ଗ୍ ସାହିତ୍ୟରେ ନୋବେଲ ପୁରସ୍କାର ପାଇଛନ୍ତି। ଜୀବନଧର୍ମୀ ଆଧ୍ୟାତ୍ମିକ ଲେଖା ପାଇଁ ତାଙ୍କୁ ନୋବେଲ ପୁରସ୍କାର ମିଳିବ। ପୁରସ୍କାର ଘୋଷଣା କରି ନୋବେଲ ଆସେମ୍ବଲି କହିଛି, ହାନ୍ କଙ୍ଗ (୫୩)ଙ୍କୁ ତାଙ୍କ ଗହନ କାବ୍ୟାତ୍ମକ ଗଦ୍ୟ ପାଇଁ ନୋବେଲ ପୁରସ୍କାର ଦିଆଯାଉଛି। ତାଙ୍କ ଗଦ୍ୟ ମାନବ ଜୀବନର ଐତିହାସିକ ଆଘାତ ଏବଂ ଜଟିଳତାକୁ ଉଜାଗର କରିଥାଏ।

୧୯୭୦ରେ ଦକ୍ଷିଣ କୋରିଆର ଗୁଆଙ୍ଗଜୁ ସହରରେ ଜନ୍ମଗ୍ରହଣ କରିଥିଲେ କଙ୍ଗ। ନଅ ବର୍ଷ ବୟସରେ ସେ ସପରିବାର ସହିତ ସିଓଲ ଚାଲିଯାଇଥିଲେ । ତାଙ୍କ ପିତା ଜଣେ ପ୍ରତିଷ୍ଠିତ ଔପନାସିକ। ହାନ୍ କଙ୍ଗ ତାଙ୍କ ସାହିତ୍ୟରେ ସମାଜର ଅଦୃଶ୍ୟ ନିୟମର ସମ୍ମୁଖୀନ ହୋଇଛନ୍ତି ଓ ପ୍ରତ୍ୟେକ କାର୍ଯ୍ୟରେ

➪ପୃଷ୍ଠା-୬

# ତେଲମରାଙ୍କୁ ରାଜଧାନୀ ମନା

- ପିନାକ ପ୍ରସ୍ତୁତକଲେ ଲିଷ୍ଟ
- ଦକ୍ଷ ଅଫିସରଙ୍କୁ ଉମାଙ୍କ ଗ୍ରୀନ ସିଗ୍ନାଲ
- କମିଶନରେଟ ପୋଲିସରେ କମ୍ପନ



ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ଏଣିକି ତେଲ ମାରିଲେ ଚଳିବନି । ଯ୍ୟା ନା ତା’ ନାଁ କହି ଗାଦି ମାଡିବସି ହେବନି। ଲାଞ୍ଚ ଖାଇ ପୋଲିସର ଛବିକୁ ବର୍ଷ ବର୍ଷ ଧରି ଲୋକଙ୍କ ଆଗରେ ଖରାପ କରିଥିବା କିଛି ବାବୁ ହେବେ ତଡିପାର। ଏଭଳି କିଛି ଚରମବାଣୀ ଶୁଣାଇଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ। ଜଣେ ଦକ୍ଷ ତଥା ବେଶ ଅଭିଜ୍ଞ ଅଫିସର ଭାବେ ଟୁଇନ ସିଟିର ଗୁରୁଦାୟିତ୍ୱ ନେଇଥିବା ସୁରେଶଙ୍କ ଏଭଳି କଥା ଏବେ ପୋଲିସ ମହଲରେ କମ୍ପନ ସୃଷ୍ଟି କରିଛି । କିଛିଦିନ ତଳେ ଡିଜିପିଙ୍କ ନିର୍ଦ୍ଦେଶରେ କିଛି ଜିଲ୍ଲା ପୋଲିସ ଖଣି ମାଫିଆଙ୍କ ସହ ଲିଙ୍କରେ ଥିବା କଥା ଏକ ଚିଠି ଦ୍ୱାରା ଅବଗତ କରାଯାଇଥିଲା। ଏବେ ପୁଣି ସମାନ ଅବସ୍ଥା ଦେଖିବାକୁ ମିଳିଛି ଟ୍ୱିନ୍ ସିଟିରେ। ମୁଖ୍ୟତଃ ରାଜଧାନୀ ଭୁବନେଶ୍ୱରରେ ଖୁବଶୀଘ୍ର ଦଲାଲଗିରି ଚଳାଇ ଆସୁଥିବା ଅଫିସରଙ୍କୁ ଜିଲ୍ଲା ବାହାରକୁ ବିଦା କରିବାକୁ ଆରମ୍ଭ ହୋଇଛି ପ୍ରୟାସ।

କମିଶନରେଟ ପୋଲିସରେ ନବକଳେବର ହେବା ପରେ ନୂଆ କରି ଆଡିସିନାଲ କମିଶନର ଭାବେ ଉମାଶଙ୍କର ଦାସ ଓ ଡିସିପି ଭାବେ ପିନାକ

➪ପୃଷ୍ଠା-୬

# ଇ-କେୱାଇସି ସରିଲେ ନୂଆ ରାସନ କାର୍ଡ

ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ପ୍ରାୟ ୨ କୋଟି ୩୦ ଲକ୍ଷ ଇକେୱାଇସି ସରିଛି। ଆଉ ପ୍ରାୟ ୧ କୋଟି ଲୋକଙ୍କ ଇକେୱାଇସି ବାକି ଅଛି । ୧୫-୨୦ ଦିନରେ ଏହା ଶେଷ ହେବା ପରେ ନୂଆ କାର୍ଡ ବଣ୍ଟାଯିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାସନ କାର୍ଡରେ ଜାଲିଆତି ରୋକିବା ପାଇଁ ଏହା



ସହାୟକ ହୋଇପାରିବ। ଅନେକ ଲୋକ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଯାଞ୍ଚ କରି ନୂଆ କାର୍ଡ ବଣ୍ଟନ କରାଯିବ।

# ମାମଲତକାରଙ୍କୁ ଠାଏ





- ସୌଭିକଙ୍କ ଗର୍ଜନ ପରେ ପ୍ରକାଶଙ୍କ ବାଏ ବାଏ
- ଧରାଛୁଆଁ ଦେଉନାହାନ୍ତି ବରିଷ୍ଠ ନେତା ଅମର
- ଅପମାନିତ ହୋଇ ବିଜେଡି ଛାଡ଼ିଛନ୍ତି ଭର୍ତ୍ତୃହରି ଓ ଅନୁଭବ

ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ): ବିଜେଡି ନେତାମାନେ ଏବେ ଦଳର ମାମଲତକାରମାନଙ୍କ ଗାଲରେ ଠାଏ କଷିବା ଆରମ୍ଭ କରିଦେଇଛନ୍ତି। ଗତକାଲି ଖୋଲା ମଞ୍ଚରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମାମଲତକାରଙ୍କ ବିରୁଦ୍ଧରେ ଗର୍ଜନ କରିଥିବାବେଳେ ଆଜି ପୂର୍ବତନ ବିଧାୟକ ପ୍ରକାଶ ବେହେରା ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଅଣଦେଖା କାରଣରୁ ଭର୍ତ୍ତୃହରି ଓ ଅନୁଭବ ଦଳ ଛାଡି ବିଜେପିକୁ ପଳାଇଥିବାବେଳେ ଏବେ ସେମାନଙ୍କ ରାସ୍ତାରେ ଆହୁରି ଅନେକ ଯିବାପାଇଁ ଧାଡି ବାନ୍ଧିବା ଆରମ୍ଭ କରିଥିବା ନେଇ ଆଲୋଚନା ହେଉଛି।

ବିଜେଡି ନିର୍ବାଚନ ହାରିବା ପରେ ପ୍ରଥମ ନେତାଭାବେ ପ୍ରକାଶ ବେହେରା ଦଳ ଛାଡିଛନ୍ତି। ଗତ ନିର୍ବାଚନରେ ପ୍ରକାଶ କଟକ ବାରବାଟୀରୁ ପ୍ରାର୍ଥୀ ହୋଇଥିଲେ। ତେବେ ସେଠାରେ ସେ କଂଗ୍ରେସ ପ୍ରାର୍ଥୀ ସୋଫିଆଙ୍କ ଫିରଦୋଶଙ୍କ ଠାରୁ ପରାସ୍ତ ହୋଇଥିଲେ। ସାଲେପୁରର ପୂର୍ବତନ ବିଧାୟକଙ୍କୁ ବିଜେଡିର ମାମଲତକାରମାନେ କାହିଁକି କଟକରୁ ପ୍ରାର୍ଥୀ କଲେ ତାହା ଅନେକ ବୁଝିପାରି ନଥିଲେ। ତେବେ ପ୍ରକାଶ କଂଗ୍ରେସରୁ ବିଜେପି ବାଟ ଦେଇ ବିଜେଡିକୁ ଆସିଥିବାବେଳେ ଏବେ କୁଆଡେ ଯିବେ ତାହା ଉପରେ ନଜର। ଆଜି ପ୍ରକାଶ ବିଜେଡିକୁ ବାଏ ବାଏ କରିଥିବାବେଳେ ଗତକାଲି କିନ୍ତୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଦଳର ମାମଲତକାରମାନେ କିଭଳି ତାଙ୍କ ପିତା ପ୍ରଭାତ ବିଶ୍ୱାଳଙ୍କୁ ୨୦୧୯ରେ ଏବଂ ୨୦୨୪ରେ ତାଙ୍କୁ ହରାଇବାକୁ ଷଡଯନ୍ତ୍ର କରିଥିଲେ ତାହା ଖୋଲା ସଭାରେ କହିଥିଲେ ବି ଦଳ ପକ୍ଷରୁ କେହି ହେଲେ ଏହାକୁ ଖଣ୍ଡନ କରିନାହାନ୍ତି। ସୌଭିକଙ୍କ ଏହି ବାଣ ସିଧା ନବୀନ ନିବାସ ଆଡେ ଥିଲେ ବି ସମସ୍ତେ ଚୁପ୍ ହୋଇ ମଜା ଦେଖୁଛନ୍ତି। ସେହିଭଳି ନିର୍ବାଚନ

➪ପୃଷ୍ଠା-୬




# ବଡ଼ମାଣତିଆରେ ଶାରଦୀୟ ଦୁର୍ଗାପୂଜା

**କେନ୍ଦ୍ରାପଡ଼ା, ୧୦।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆ ପଞ୍ଚାୟତର ବଡମାଣିତିଆ ଗ୍ରାମରେ ଦୁର୍ଗତୀ ନାଶିନୀ ମା' ଦୁର୍ଗାଦେବୀଙ୍କ ପଞ୍ଚଦିନାତ୍ମକ ଦୂର୍ଗାପୂଜା ଅନୁଷ୍ଠିତ ହେଉଛି । ଦୀର୍ଘ ୩୨ବର୍ଷ ଧରି ଲଗାତର ଭାବେ ଏହି ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଷୋଡ଼ଶ ଉପଚାର ପୂଜାବିଧି ଅନୁଯାୟୀ ଅନୁଷ୍ଠିତ ହୋଇ ଆସୁଛି। ଗ୍ରାମାଞ୍ଚଳରେ ଏହି ପୂଜା ବିଧି ମୁତାବକ ପାଳନ କରାଯାଉଥିବାରୁ ଏଠାରେ ପ୍ରବଳ ଜନସମାଗମ ହୋଇଥାଏ। ପରମ୍ପରାକୁ ବଜାୟ ରଖି ମା'ଙ୍କ ପୂଜା ଆନନ୍ଦ ଓ ଭକ୍ତିର ସହ କରାଯାଉଛି ବୋଲି ବଡମାଣିତିଆ ଗ୍ରାମନିବାସୀ ତଥା କେନ୍ଦ୍ରାପଡା ଜିଲା ପରିଷଦର ପୂର୍ବତନ ସଭାପତି ମାନସ କୁମାର ପରିଡା କହିଛନ୍ତି । ଏହି ପୂଜା ସହିତ ୫ଦିନ ବ୍ୟାପି ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଅବସରରେ ବିଲ୍ୱବରଣ, କଳସାଧିବାସ ଆଦି ପୂଜା ପାରମ୍ପରିକ ରୀତିରେ ହୋଇଥିବା ବେଳେ ଆସନ୍ତା କାଲି ମହାଷ୍ଟମୀ ପୂଜା ଅନୁଷ୍ଠିତ ହେବ । ନବମୀ ପୂଜା ପରେ ଦଶହରାରେ ମା'ଙ୍କୁ ବିସର୍ଜନ କରାଯିବ । ଏହି ପୂଜା ମଣ୍ଡପରେ ପ୍ରତ୍ୟେହ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଉଛି ବୋଲି ଶ୍ରୀ ପରିଡା ସୂଚନା ଦେଇଛନ୍ତି । ଏହି ପୂଜାକୁ କମିଟିର ସଭାପତି ରବୀନ୍ଦ୍ର କୁମାର ପରିଡ଼ା ୩୨ ବର୍ଷ ତଳେ ଆରମ୍ଭ କରିଥିଲେ। ସେବେଠାରୁ ନିରବଚ୍ଛିନ୍ନ ଭାବେ ପୂଜା ହୋଇଆସୁଛି ବୋଲି ଶ୍ରୀ ପରିଡ଼ା କହିଛନ୍ତି ।



### ଜାତି ବଦଳାଇ ଆବାସ ଯୋଜନାରେ ଘର ପାଇଥିବା ଦେବହୁତି ଲେଙ୍କାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ ?

# ଆନ୍ଦୋଳନ କରିବାକୁ ଦଳିତ ମହିଳାଙ୍କ ଚେତାବନୀ

**ରାଜନଗର, ୧୦।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ରାଜନଗର ପଞ୍ଚାୟତରେ ଆବାସ ଯୋଜନାରେ ବଡ଼ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହେଉଛି। ଦଳିତଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦେବହୁତି ଲେଙ୍କା ପିତା ରବିନାରାୟଣ ଲେଙ୍କା ସବର୍ଣ୍ଣକୁ ଅସବର୍ଣ୍ଣ ଦର୍ଶାଇ ଦିଆଗଲା ଘର। ଏହି ଘଟଣା ସବୁ ମହଲରେ ଚର୍ଚ୍ଚା ହେଲା। କେମିତି ଜଣେ ସବର୍ଣ୍ଣ ମହିଳାଙ୍କୁ ଅସବର୍ଣ୍ଣ ଦର୍ଶାଇ ପଞ୍ଚାୟତ ଘର ଦେଲା। ଯେତେବେଳେ ଏହାକୁ ନେଇ ପଞ୍ଚାୟତ ପିଇଓ ବିଜୟ ସେଠୀଙ୍କୁ ସାମ୍ବାଦିକ ପ୍ରଶ୍ନ କଲେ ତାହା ପୂର୍ବ ପିଇଓ ବିବେକଙ୍କ ସମୟରେ ହୋଇଥିବାର କହିଥିଲେ। ପରେ ଏହି ଘଟଣାକୁ ନେଇ ତିନି ଜଣିଆ ବ୍ଲକ ଓ ପଞ୍ଚାୟତ ଇନକ୍ୱାରୀ ଟିମ୍ କରାଗଲା। ଯେଉଁଥିରେ ବ୍ଲକ ସର୍ବଶିକ୍ଷା ଅଭିଯାନ ଜେଇ ରାଜେନ୍ଦ୍ର ମାହାନ୍ତି, ଏପଓ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ ଓ ଜିଆରଏସ ଶ୍ରଦ୍ଧାଞ୍ଜଳି ପ୍ରଧାନ ରହିଥିଲେ। ଏହି ତିନି ସରକାରୀ କର୍ମଚାରୀ ଯେଉଁ ଇନକ୍ୱାରୀ ରିପୋର୍ଟ କଲେ ସେଥିରେ ଦେବହୁତି ଲେଙ୍କାଙ୍କୁ ପୂର୍ବଭଳି ଅସବର୍ଣ୍ଣ ଦର୍ଶାଯାଇ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ବିବେଚନା କରାଗଲା। ଶେଷରେ ଦେବହୁତି ଅସବର୍ଣ୍ଣ ହୋଇ ଘର ପାଇଲେ ଏବଂ ଘର ବାବଦକୁ ସମ୍ପୂର୍ଣ୍ଣ ଟଙ୍କା ମିଳିଲା କିନ୍ତୁ ଏହି ଦୁର୍ନୀତି ଉପରେ ସରପଞ୍ଚ କି ପିଇଓ କେହିବି ପାଟି ଖୋଲିଲେ ନାହିଁ କିମ୍ବା ଅଭିଯୋଗ ମଧ୍ୟ କଲେ ନାହିଁ। ସମସ୍ତ ସରକାରୀ ବାବୁମାନେ ଏଥିରେ ସମ ଭାବରେ ମିଳିତ ହୋଇ ଦେବହୁତି ଲେଙ୍କାଙ୍କୁ ଘର ପାଇବାରେ ସହଯୋଗ କଲେ ଯାହା ଏକ ବଡ଼ ଦୁର୍ନୀତି।

ତେବେ ଏଭଳି ଦୁର୍ନୀତିକୁ ବିଡ଼ିଓ ରବୀନ୍ଦ୍ର ପ୍ରଧାନ ଓକେ କରିଦେଲେ। ଯାହା ଶୁଣିବାକୁ ମିଳୁଛି ସେତେବେଳେ ବିଜେଡି ସରକାରରେ ଦେବହୁତି ଲେଙ୍କା କ୍ଷମତା ବଳରେ ଏଭଳି କରିଛନ୍ତା। ଏ ସମସ୍ତ ଘଟଣାକୁ ନେଇ ବାରମ୍ବାର ଖବର ପ୍ରସାରଣ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଜେଇ ରାଜେନ୍ଦ୍ର ମାହାନ୍ତି, ଏପଓ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ ଓ ଜିଆରଏସ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଅଛି। ବେଜେପି ସରକାରରେ ଦୁର୍ନୀତି ଖୋର ଅଫିସର ମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖାସ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା କେଳେଙ୍କାରୀ ଉପରେ ଅଫିସର ମାନଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ରାଜନଗର ପଞ୍ଚାୟତରେ ହୋଇଥିବା ଏହି ଦୁର୍ନୀତିରେ ଯେଉଁ ଅଫିସରମାନେ ସାମିଲ ହୋଇଛନ୍ତି ତାଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କୁ ଦଳିତ ମହିଳା ପ୍ରଶ୍ନ କରିଛନ୍ତି।

ଯେତେବେଳେ ସାଧାରଣ ଦଳିତ ମହିଳାଟିଏ ଘର ଖଣ୍ଡେ ପାଉ ନାହାନ୍ତି ଠିକ ସେତିକି ବେଳେ ଦେବହୁତୀ ଲେଙ୍କା ପ୍ରତିପତିଶାଳୀ ପରିବାର ହୋଇ ନିଜର ଜାତିକୁ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଲୁଟିଛନ୍ତି ତେଣୁ ଦେବହୁତୀ ଲେଙ୍କା ପିତା ରବିନାରାୟଣ ଲେଙ୍କାଙ୍କ ସହିତ ଜେଇ ରାଜେନ୍ଦ୍ର ମାହାନ୍ତି, ଏପିଓ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ ଓ ଜିଆରଏସ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳିତ ମହିଳା ସରକାରଙ୍କୁ ନିବେଦନ କରିଛନ୍ତି। ଯଦି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ପଞ୍ଚାୟତ ଓ ବ୍ଲକ ବିରୁଦ୍ଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବଡ଼ ଆନ୍ଦୋଳନ କରିବାର ଚେତାବନୀ ଦେଇଛନ୍ତି ଦଳିତ ମହିଳାମାନେ।



# ପଟ୍ଟାମୁଣ୍ଡାଇରେ ଶୋଭା ପାଉଛି ୨୬ ଦୁର୍ଗା ମେଢ଼

- ଆକର୍ଷଣୀୟ ସାଜସଜ୍ଜା, ତୋରଣ ଓ ଆଲୋକମାଳାରେ ଝଲସୁଛି ସହର
- ମନମୋହୁଛି ଭଜନ ସମାରୋହ ଓ ମେଲୋଡି

**ପଟ୍ଟାମୁଣ୍ଡାଇ, ୧୦।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୂର୍ଗା ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ପ୍ରାୟ ୬୦/୭୦ବର୍ଷର ପୁରୁଣା ଏହି ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି। ସାମ୍ପ୍ରଦାୟିକ ସଂପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଶାରଦୀୟ ଦୁର୍ଗା ପୂଜା ଉତ୍ସବରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜା ଉତ୍ସବକୁ ଯାକଯମକରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ବଣିକ ସଂଘ, ବିଭିନ୍ନ ପୂଜା କମିଟି ଓ ପ୍ରଶାସନ ପୁରା ଦମରେ ଲାଗିପଡ଼ିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲେ ମଧ୍ୟରେ ପୋଖରୀଆପଡା ଦୁର୍ଗା, ବଙ୍ଗାଳି ଦୁର୍ଗା, ନୀଳ ମାଧବ, ଦଶ ଅବତାର, ମହାବୀର ପ୍ରଭୃତି ମେଢ଼ ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ପଟ୍ଟାମୁଣ୍ଡାଇ ଭଜନ ସମାରୋହ ଓ ମେଲୋଡିରେ କମ୍ପୁଛି ସହର।

ପଟ୍ଟାମୁଣ୍ଡାଇ ଦୂର୍ଗାପୂଜାର ସାରା ଓଡିଶାରେ ସ୍ୱତନ୍ତ୍ର ସୁନାମ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପଟ୍ଟାମୁଣ୍ଡାଇ ଦୂର୍ଗା ପୂଜାର ନିଆରା ଆକର୍ଷଣ ସମସ୍ତଙ୍କୁ ପଟ୍ଟାମୁଣ୍ଡାଇ ମୁହାଁ କରିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ପ୍ରତ୍ୟେକ ଘରେ ଘରେ ଉତ୍ସବ ଲାଗି ରହିବା ସହିତ ବନ୍ଧୁ ପରିଜନକୁ ନେଇ ଘର ପୁରି ଉଠିଛି। ଜିଲ୍ଲାର ଅନ୍ୟ ଅଞ୍ଚଳରେ ଦୁର୍ଗା ପୂଜା ହେଉଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ଉପରେ ସବୁରି ନଜର। ଚଳିତବର୍ଷ ପଟ୍ଟାମୁଣ୍ଡାଇ ସହରରେ ପୋଖରୀଆପଡା ଦୁର୍ଗା, ବଙ୍ଗାଳୀ ଦୁର୍ଗା, କଚେରୀ ଦୁର୍ଗା, ମା ଶାରଳା, ମହାବୀର, ଲକ୍ଷ୍ମୀନାରାୟଣ, ଗୃହଲକ୍ଷ୍ମୀ, ରାମଓଭିଷେକ, ନିତାଇ ଗୌର, ହରଗୌରୀ, ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ମା' ସନ୍ତୋଷୀ, ଦଶ ଅବତାର, ମା' ଅନ୍ନପୂର୍ଣ୍ଣା, ହରିହର ଭେଟ, ନୀଳମାଧବ, ସୂର୍ଯ୍ୟଦେବତା, ନୃସିଂହନାଥ, କୃଷ୍ଣ ବଳରାମ, ପଞ୍ଚମୁଖୀ ହନୁମାନ, ବାଳ ହନୁମାନ, ହରପାର୍ବତୀ, ବନଦୂର୍ଗା ରାଧାକୃଷ୍ଣ, ଗଙ୍ଗାମାତା ଆଦି ୨୬ଟି ମେଢ଼ ପୂଜା ଉତ୍ସବର ଶୋଭା ମଣ୍ଡନ କରିଛନ୍ତି।

ଆଜି ସପ୍ତମୀ ପୂଜା ଥିବାରୁ ବିଭିନ୍ନ ଦୁର୍ଗା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା ଓ ପଟ୍ଟାମୁଣ୍ଡାଇ ସହରର ଦୁର୍ଗା ପୂଜା ଉତ୍ସବକୁ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ସଶସ୍ତ୍ର ପୋଲିସ ବାହିନୀ ପଇଁତରା ମାରିବା ସହିତ ଆଇନ ଶୃଙ୍ଖଳା ଉପରେ କଡା ନଜର ରଖିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡ଼ିପାଳ, ଅମୃତମଣୋହି, ଚୌଦକୁଲାଟ ନୀଳକଣ୍ଠପୁର, ମାଳିପୁର, କଣ୍ଟାବଣ, ମଦନପୁର ଆଦି ବିଭିନ୍ନ ସ୍ଥାନରେ ଶାରଦୀୟ ଦୂର୍ଗା ପୂଜାର ମାହୋଲ ସମଗ୍ର ଅଞ୍ଚଳକୁ ଉତ୍ସବ ମୁଖର କରିଦେଇଛି। ଦୁର୍ଗା ପୂଜା ଅବସରରେ ବିଭିନ୍ନ ମେଢ଼ ମଧ୍ୟରେ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ଚାଲିଥିବାବେଳେ ବିଭିନ୍ନ ରାଜନୈତିକ ଦଳ ଓ ନେତାଙ୍କ ମଧ୍ୟରେ ଶୁଭେଚ୍ଛା ବ୍ୟାନରକୁ ନେଇ ରୀତିମତ ପ୍ରତିଯୋଗିତା ଚାଲିଛି।

ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ବିଭିନ୍ନ ଦଳ ଓ ନେତାଙ୍କ ବ୍ୟାନର ଛାଇ ହୋଇଯାଇଛି ଓ ଶାରଦୀୟ ଦୁର୍ଗା ପୂଜା ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଡ଼ ଅଲେଖ କୁମାର ଜେନା, ବିଜେପି ନେତା ଲଳିତ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧକ୍ଷ ହେମନ୍ତ ସାହୁ ଓ ପୂର୍ବତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନ ପଟ୍ଟାମୁଣ୍ଡାଇବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।





# କଣାସରେ ବିଜେପି ବିଧାୟକଙ୍କ କୁଶପୁତ୍ତଳିକା ଦାହ

**କଣାସ, ୧୦।୧୦ (ସଂଚାର ବ୍ୟୁରୋ):** ସତ୍ୟବାଦୀ ବାଧାୟକ ଓମ ପ୍ରକାଶ ମିଶ୍ରଙ୍କ ସହିତ ଜଣେ ଯୁବତୀଙ୍କ ସହିତ ଏକ ହୋଟେଲ୍‌ରେ ମଜାମସ୍ତି କରୁଥିବା ସୋସିଆଲ୍ ମିଡିଆରେ ଘନଘନ ପ୍ରଚାର ହେବାପରେ ଗତ ୮ତାରିଖ ଦିନ ବିଜେଡି ପକ୍ଷରୁ ସାକ୍ଷୀଗୋପାଳରେ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିବା ବେଳେ ଆଜି ବିଜେଡି ପକ୍ଷରୁ କଣାସ ବ୍ଲକର ଜଙ୍କିଆ ବଜାର ଠାରେ ୨ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି ଦେଇଥିଲେ। ଫଟଚିତ୍ରରେ ଅଗ୍ନି ଲଗାଇ ଦାହ କରିଥିଲେ।

କଣାସ ବ୍ଲକରେ ବିଜେଡି ସଭାପତି ସୁରେଶ କୁମାର ସାହୁ, ସମିତି ସଭ୍ୟ ରାଜେଶ ହରିଚନ୍ଦନ, ଜିଲ୍ଲାଉପସଭାପତି ଅରୁଣ କୁମାର ପ୍ରଧାନ, ସରପଞ୍ଚ ଧନେଶ୍ୱର ଲେଙ୍କା, ମହେଶ୍ୱର ସେଠି, ପ୍ରତାପ ପରିଡ଼ା, ସରପଞ୍ଚ ପ୍ରତିନିଧି ନାରାୟଣ ଚମ୍ପତି, ପ୍ରତାପ ଜେନା, ଧ୍ରୁବ ନାୟକ, କଣାସ ବ୍ଲକ ଯୁବ ସଭାପତି ବଳରାମ ପଲାଇ, କଣାସ ବ୍ଲକ ଛାତ୍ର ସଭାପତି ସିର୍ଦ୍ଧଥ ରାଉତରାୟ, ସମିତି ସଭ୍ୟ ଶରତ ଜୟସିଂହ, ଶ୍ରୀକାନ୍ତ ପରିଡ଼ା, ମନୋରଞ୍ଜନ ପାଇକରାୟ, କୁନା ଦାସ ଏବଂ ବିଜେଡିର ବହୁ ଆଗଧାଡିର ଛାମୁଆ କର୍ମୀମାନେ ଉପସ୍ଥିତ ରହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, କଣାସ ତହସିଲଦା ସନ୍ତୋଷ କୁମାର ପାଣିଗ୍ରାହୀ ପୋଲିସ୍ ଫୋର୍ସ ସହ ଉପସ୍ଥିତ ରହିଥିଲେ।

## ସେକ୍ସ ରାକେଟ ଉପରେ ଚଢ଼ାଉ, ୩ ଦେହଜୀବୀ ଅଟକ

**କେନ୍ଦ୍ରାପଡ଼ା, ୧୦।୧୦ (ସଂଚାର ବ୍ୟୁରୋ):** ଗୁରୁବାର ରାମଚନ୍ଦ୍ରପୁର ଅଞ୍ଚଳରୁ ପାଟକୁରା ପୁଲିସ୍ ଏକ ସେକ୍ସ ରାକେଟ୍ ଠାବ କରିଛି। ଏହି ଘଟଣାରେ ୩ ଦେହଜୀବୀଙ୍କୁ ପୋଲିସ ଅଟକ ମଧ୍ୟ ରଖିଛି । ହେଲେ ପୋଲିସ ରେଡ କରିବା ପୂର୍ବରୁ ଖବର ପାଇ ଗ୍ରାହକମାନେ ଫେରାର ହୋଇଯାଇଥିଲେ । ଚଢାଉ ସମୟରେ ବହୁ ଆପତ୍ତିଜନକ ଜିନିଷ ପୋଲିସ ଜବତ କରିଥିବା ସୂଚନା ମିଳିଛି । ଅଟକ ଥିବା ୩ ମହିଳା ଅନେକ ଦିନ ହେବ ଏହି ଅଞ୍ଚଳରେ ସେକ୍ସ ରାକେଟ ଚଳାଉଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ଆଜି ପାଟକୁରା ପୋଲିସର ଏକ ଟିମ ଚଢାଉ କରିଥିଲା । ୩ ଯୁବତୀଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ଯାଜପୁର, ୧୦।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କାରାଗାର ପରିସରରେ ବରିଷ୍ଠ ଦେଓ୍ୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସୁଧାଂଶୁ ଶେଖର ବଳ, ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ଡ଼ ରୁଦ୍ରନାରାୟଣ ପୃଷ୍ଟି ଅନ୍ତେବାସୀମାନେ କିପରି ଉଦାସୀନ, ବିବ୍ରତ ସଦା ଚଞ୍ଚଳ ମନା ହେବେ ନାହିଁ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଦୈନନ୍ଦିନର ଚଳଣି ଓ ଆଚରଣରେ ସୁଧାର ଆଣିବେ, ମନକୁ ପ୍ରସନ୍ନ ରଖିବେ ସେ ବିଷୟ ରେ ବୁଝାଇବା ସହ ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ଦିଗରେ ସରକାରୀସ୍ତର ରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ସୂଚନା ଦେଇଥିଲେ ।

# ଧୂମାବତୀ ପୀଠରେ ମହାଷ୍ଟମୀ ପୂଜା



**ଟାଙ୍ଗୀ-ଚୌଦ୍ୱାର, ୧୦।୧୦ (ସଂଚାର ବ୍ୟୁରୋ):** ଚୌଦ୍ୱାର ଠାରେ ୫୫ ନମ୍ବର ଜାତୀୟ ରାଜପଥ କଡ଼ରେ ପ୍ରତିଷ୍ଠିତ ବିରାଟ କଟକର ପଶ୍ଚିମ ଗଡ଼ଚଣ୍ଡୀ ମା' ଧୂମାବତୀଙ୍କର ଶାରଦୀୟ ପୂଜା ଉତ୍ସବ ମହାସମାରୋହରେ ଆରମ୍ଭ ହୋଇଛି। ଐତିହାସିକ କିମ୍ବଦନ୍ତୀ ମତେ ରାଜା ଜନ୍ମେଜୟଙ୍କ ଦ୍ୱରା ପ୍ରତିଷ୍ଠିତ ମା' ଧୂମାବତୀଙ୍କ ପୀଠରେ ଷଷ୍ଠୀ ଓ ସପ୍ତମୀ ପୂଜା ପରେ ଗୁରୁବାର ଦିନ ପବିତ୍ର ମହାଷ୍ଟମୀ ପୂଜା ଆଧ୍ୟାତ୍ମିକ ପରମ୍ପରାରେ ଅନୁଷ୍ଠିତ ହୋଇଥିଲା।ପୂଜକ ପଣ୍ଡିତ ଲୋକନାଥ ମିଶ୍ର ଓ ପଣ୍ଡିତ ତ୍ରିନାଥ ମିଶ୍ର ମା'ଙ୍କ ବିଭିନ୍ନ ବେଶ ଓ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଦେବୀ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପୀଠରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ନବମୀ ଓ ଦଶହରା ପୂଜାରେ ମା'ଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେବ ଏବଂ ଅଷ୍ଟମୀ ଦିନରୁ ମହାଯଜ୍ଞ ଆରମ୍ଭ ହୋଇ ଦଶମୀରେ ଯଜ୍ଞ ପୂର୍ଣ୍ଣାହୁତି ହୈବ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ। ଅନୁରୂପ ଭାବେ ଚୌଦ୍ୱାର ଚାଟେଶ୍ୱରସ୍ଥିତ ବରାହୀ ଅପର୍ଣ୍ଣା, ମଙ୍ଗଳାସାହିସ୍ଥିତ ମଙ୍ଗଳା, ଓଟିଏମ୍ କଲୋନୀସ୍ଥିତ ତାରିଣୀ ଓ ବିରଜା, ଚୌଦ୍ୱାର କଲେଜ ନିକଟ ତାରିଣୀ, ଯାଜଭୈରବ ନୂଆଗାଁସ୍ଥିତ ଯାଜ୍ଞସେନୀଙ୍କ ପୀଠରେ ପବିତ୍ର ଅଷ୍ଟମୀ ପୂଜା ରୀତି ନୀତିରେ ଅନୁଷ୍ଠିତ ହୋଇଥିବା ଜଣା ପଡ଼ିଛି। ସେହିପରି ଚାରବାଟିଆ ବିରାଟ ବଜାର, ଚୌଦ୍ୱାର ସାମଲ ସାହି, ଗୁପ୍ତେଶ୍ୱର ସାହି, ପ୍ରତାପ ନଗରୀ, ପରିଡ଼ା ସାହି, ଓଟିଏମ୍ ଦୂର୍ଗ ବଜାର ଆଦିରେ ଦେବୀ ଦୂର୍ଗାଙ୍କ ମୃଣ୍ମୟ ପ୍ରତିମାଙ୍କର ସପ୍ତମୀ ପୂଜା ମହା ଅଡ଼ମ୍ବରରେ ଅନୁଷ୍ଠିତ ହୋଇଛି।

# ବିଜେପିରେ ମିଶିଲେ ଡାଙ୍ଗମାଳ ସରପଞ୍ଚ



**ରାଜନଗର, ୧୦।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତର ସରପଞ୍ଚ ଦ୍ରୌପଦୀ ସେଠୀ ଓ ତାଙ୍କ ସ୍ୱାମୀ ବିନୋଦ କୁମାର ସେଠୀ ଆଜି ବିଜେପିରେ ଯୋଗ ଦେଇଛନ୍ତି। ସେ ବିଜୁ ଜନତା ଦଳ ସମର୍ଥନରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଗତ କିଛି ମାସ ହେଲା ସେ ବିଜେପି ସହ ଯୋଗାଯୋଗରେ ଥିଲେ। ଏପରିକି ଗତ ସାଧାରଣ ନିର୍ବାଚନରେ ବିଜେପି ପାଇଁ କାମ କରୁଥିବା ନେଇ ବିଜେଡି କର୍ମୀମାନେ ଅଭିଯୋଗ କରି ଆସୁଥିଲେ। ଆଜି ସରପଞ୍ଚ ଓ ତାଙ୍କ ସ୍ୱାମୀ ଭୁବନେଶ୍ୱର ଠାରେ ରାଜନଗର ନିର୍ବାଚନମଣ୍ଡଳୀର ବିଜେପି ନେତା ଲଳିତ କୁମାର ବେହେରାଙ୍କ ଉପସ୍ଥିତିରେ ବିଜେପିରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ନେତା ସନ୍ତୋଷ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ୧୩ରେ ପାଳିତ ହେବ ସତ୍ୟପ୍ରିୟ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ବାଲିଅନ୍ତା, ୧୦।୧୦ (ସଂଚାର ବ୍ୟୁରୋ):** ଆସନ୍ତା ୧୩/୧୦/୨୦୨୪ ରିଖ ବିଜୟା ଦଶମୀ ଦିନ ୧୦ଟା ସମୟରେ ଓଡ଼ିଶାର ବରିଷ୍ଠ ରାଜନେତା ତଥା ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କର ୧୧୯ତମ ରାଜ୍ୟ ସ୍ତରୀୟ ଜନ୍ମ ଜୟନ୍ତୀ ଉତ୍ସବ ତାଙ୍କ ଜନ୍ମମାଟି ଜୟଦେବ ନିର୍ବାଚନ ମଣ୍ଡଳୀର ବାଳକାଟି ଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମ୍ମାନନୀୟା ଓଡ଼ିଶା ବିଧାନ ସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେବା ପାଇଁ ସ୍ୱିକୃତି ପ୍ରଦାନ କରିଥିବା ବେଳେ ଉଦ୍‌ଘାଟକ ଭାବେ ସମ୍ମାନନୀୟା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତା ରୂପେ ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ, ସମ୍ମାନନୀୟ ଅତିଥି ଭାବେ ସୂର୍ଯ୍ୟବଂଶୀ ସ୍ୱରଜ ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା ଓ କ୍ରିଡ଼ା ବିଭାଗ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟପ୍ରିୟ ସ୍ମୃତି କମିଟିର ସଭାପତି ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ସ୍ମୃତି କମିଟିର ଆବାହକ ଯୁବ ନେତା ଶ୍ରୀଯୁକ୍ତ ସୁବ୍ରତ କୁମାର ମହାନ୍ତି (ଦିପୁ) ପ୍ରକାଶ କରିବା ସହିତ ଉକ୍ତ ସଭାରେ ସ୍ଥାନୀୟ ଜନସାଧାରଣ, ସତ୍ୟପ୍ରିୟ ସ୍ମୃତି କମିଟିର କର୍ମକର୍ତ୍ତା ସତ୍ୟପ୍ରିୟଙ୍କୁ ଭଲ ପାଉଥିବା ସଜ୍ଜନ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇ ସଭାଟିକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ନିବେଦନ କରିଛନ୍ତି।

# ବଡ଼ିଜୋନର ୨୦ତମ ରାବଣ ପୋଡ଼ି ଉତ୍ସବ ଆରମ୍ଭ

**ଖୋର୍ଦ୍ଧା, ୧୦।୧୦ (ସଂଚାର ବ୍ୟୁରୋ):** ପବିତ୍ର ବିଜୟା ଦଶମୀ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ସ୍ଥାନୀୟ ହାବେଳୀ ପଡିଆଠାରେ ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ବଡ଼ିଜୋନ ପକ୍ଷରୁ ୨୦ତମ ରାବଣ ପୋଡ଼ି ଉତ୍ସବ ଆଜିଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ରାବଣ ପୋଡ଼ି ଉତ୍ସବ ଦୁଇ ଦିନ ଧରି ପାଳିତ ହେବ। ଏ ବର୍ଷ ରାବଣ ପୋଡ଼ି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପବିତ୍ର ଦୁର୍ଗା ଅଷ୍ଟମୀ ୧୧ ତାରିଖ ସନ୍ଧ୍ୟା ୬ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଷ୍ଟାର ନାଇଟ୍) ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଜ୍ୟୋର୍ତିମୟୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଜୟା ଦଶମୀ ବା ଦଶହରା ଦିନ ରାବଣ ପୋଡ଼ି ଉତ୍ସବ ଉକ୍ତ ସ୍ଥାନରେ ପାଳନ କରାଯିବ ବୋଲି ବଡିଜୋନ୍‌ର ପ୍ରତିଷ୍ଠାତା ତଥା ଯୁବନେତା ଜିତେନ୍ଦ୍ର କୁମାର ପ୍ରଧାନ(ରାଜା) ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।



# ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

**କେନ୍ଦ୍ରାପଡା, ୧୦।୧୦ (ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶମତେ ଅକ୍ଟୋବର ୨ ତାରିଖଠାରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ସଚେତନତା କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ ଚାଲୁରହିଥିବା ବେଳେ ଏହି କ୍ରମରେ କେନ୍ଦ୍ରାପଡା ଜିଲ୍ଲାରେ ୮ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଅଛି । ଗତକାଲି ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କେନ୍ଦ୍ରାପଡା ବ୍ଲକ କନଫରେନ୍ସ ହଲଠାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ବନ୍ଦନା ଖଟୁଆ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜରେ ସଙ୍ଗଠିତ ହେଉଥିବା ବିବିନ୍ନ ଲିଙ୍ଗଗତ ବୈଷମତା ଶିଶୁ କନ୍ୟା ନିମନ୍ତେ ହିଂସା, ଦ୍ୱେଷ, ଅର୍ଥନୈତିକ ଭେଦଭାବକୁ ପ୍ରତିହତ କରି ସମସ୍ତ ଭାରତବାସୀ ଏକ ସୁନ୍ଦର ତଥା ସୁରକ୍ଷିତ ଶୈଶବ ନିମନ୍ତେ ଶପଥ ନେବାପାଇଁ ଆହ୍ୱାନ କରିଥିଲେ ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରକଳ୍ପ ସ୍ତରରେ ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିଶୁ କନ୍ୟାମାନଙ୍କୁ ଅଭିବାଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରିଥିଲେ । ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ପଲ୍ଲିଶ୍ରୀ ମହିଳା ସମିତିର ଅନ୍ତେବାସିନୀ କିଶୋରୀମାନେ। ଏହାଛଡା ମହିଳାମାନଙ୍କର ବିଭିନ୍ନ ପାରଦର୍ଶିତାକୁ ପ୍ରୋତ୍ସାହନ ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ବିଭିନ୍ନ ବର୍ଗରେ ଶିଶୁ କନ୍ୟାମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ସଚେତନତା ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ ଓ ଝୋଟି ପ୍ରଦର୍ଶନୀ ବେଶ୍ ଉତ୍ସାହଜନକ ହୋଇଥିବା ବେଳେ ତର୍କ ପ୍ରତିଯୋଗୀମାନଙ୍କର ବିଭିନ୍ନ ତଥ୍ୟଗତ ଉପସ୍ଥାପନା ସମୟ ଉପଯୋଗୀ ହୋଇଥିଲା। ସମ୍ମାନୀତ ଅତିଥିମାନଙ୍କର ଉପଦେଶାତ୍ମକ ବକ୍ତବ୍ୟରେ ଦେଶ ଓ ଜାତିର ଅଭିବୃଦ୍ଧିରେ ନାରୀ ପ୍ରଗତିର ଅଂଶୀଦାରଙ୍କୁ ସୁଦୃଢ କରିବା ଉଦ୍ଦେଶ୍ୟରେ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା। ଶେଷରେ ସମସ୍ତଙ୍କ ସହଯୋଗ ଓ ସଦ୍‌ଇଚ୍ଛା ବଳରେ କେନ୍ଦ୍ରାପଡାରେ ନାରୀ ପ୍ରଗତି ନିମିତ୍ତ ଏକ ସୁରକ୍ଷିତ ଶୈଶବ ପ୍ରଦାନ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା ।



# ଟାଟାଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ୮୬ ବର୍ଷରେ ପରଲୋକ ଘଟିଛି। ଶିଳ୍ପଉଦ୍ୟୋଗ କ୍ଷେତ୍ରରେ ଅବିଶ୍ୱସନୀୟ ସଫଳତା ହାସଲ କରି ଟାଟାକୁ ଏକ ବ୍ରାଣ୍ଡରେ ସେ ପରିଣତ କରିଥିଲେ। ଚା', ଲୁଣ ଠାରୁ ଆରମ୍ଭ କରି ଉଡାଜାହଜ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା କରି ଭାରତର ଘରେ ଘରେ ଟାଟାକୁ ପରିଚିତ କରାଇଥିଲେ। ସେ ଶିଳ୍ପଜଗତର ଏକ ରତ୍ନ ଥିଲେ। ଓଡ଼ିଶା କ୍ଷେତ୍ରରେ ମଧ୍ୟ ସ୍ୱର୍ଗତଃ ଟାଟାଙ୍କ ଅବଦାନ ପ୍ରଶଂସନୀୟ। ଶିଳ୍ପୋଦ୍ୟୋଗଠାରୁ ସମାଜସେବା ପର୍ଯ୍ୟନ୍ତ ସବୁଥିରେ ଉଲ୍ଲେଖନୀୟ ସଫଳତା ପାଇ ପଦ୍ମ ବିଭୂଷଣ ଉପାଧି ପାଇଥିଲେ। ରତନ ଟାଟାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକ ପ୍ରକାଶ କରିବା ସହ ଭାରତୀୟ ଶିଳ୍ପୋଦ୍ୟୋଗ କ୍ଷେତ୍ରରେ ଅପୂରଣୀୟ କ୍ଷତି ହୋଇଛି ବୋଲି କହିଛନ୍ତି। ସ୍ୱର୍ଗତଃ ଟାଟାଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ସମବେଦନା ଜଣାଇ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ସାମଲ ପ୍ରାର୍ଥନା କରିଛନ୍ତି।

## ୨୧ତମ ଆସିଆନ-ଭାରତ ଶିଖର ସମ୍ମିଳନୀରେ ମୋଦୀ



**ନୂଆଦିଲ୍ଲୀ,୧୦।୧୦ (ସଂଚାର ବ୍ୟୁରୋ):** ୨୧ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀ ୧୦ ଅକ୍ଟୋବର ୨୦୨୪ରେ ଲାଓ ପିଡିଆରର ଭିଏଣ୍ଟିଆନେଠାରେ ଅନୁଷ୍ଠିତ ହୋଇଥିଲା। ଭାରତର ଆକ୍ଟ ଇଷ୍ଟ ନୀତିର ଏକ ଦଶନ୍ଧି ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସିଆନ୍ ନେତାଙ୍କ ସହ ମିଶି ଆସିଆନ୍-ଭାରତ ବ୍ୟାପକ ରଣନୈତିକ ଭାଗିଦାରୀର ଅଗ୍ରଗତି ର ସମୀକ୍ଷା କରିବା ସହ ସହଯୋଗର ଭବିଷ୍ୟତ ଦିଗ ନିର୍ଦ୍ଧାରଣ କରିଥିଲେ। ଏହି ଶିଖର ସମ୍ମିଳନୀରେ ଏହା ପ୍ରଧାନମନ୍ତ୍ରୀଙ୍କ ୧୧ତମ ଅଂଶଗ୍ରହଣ ଥିଲା।

# ଦୁର୍ଗା ପୂଜା ଅବସରରେ ରାଷ୍ଟ୍ରପତିଙ୍କ ଶୁଭେଚ୍ଛା



**ନୂଆଦିଲ୍ଲୀ,୧୦।୧୦ (ସଂଚାର ବ୍ୟୁରୋ):** ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦୁର୍ଗାପୂଜା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।
ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଦୁର୍ଗାପୂଜାର ପବିତ୍ର ଅବସରରେ ମୁଁ ଭାରତ ଓ ବିଦେଶରେ ରହୁଥିବା ସମସ୍ତ ଭାରତୀୟଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଦୁର୍ଗା ପୂଜାକୁ ମନ୍ଦ ଉପରେ ଭଲର ବିଜୟ ଭାବରେ ପାଳନ କରାଯାଏ। ମା' ଦୁର୍ଗାଙ୍କୁ ଶକ୍ତିର ପ୍ରତୀକ ବୋଲି ବିବେଚନା କରାଯାଏ। ଏହା ଭକ୍ତିର ପର୍ବ ଏବଂ ଏହି ସମୟ ମଧ୍ୟରେ ଆମେ ଆମର ଆଧ୍ୟାତ୍ମିକ ଯାତ୍ରାକୁ ଚେତନାର ଉଚ୍ଚ ସ୍ତରକୁ ନେଇଥାଉ। ଏହି ପର୍ବ ମା' ଦୁର୍ଗାଙ୍କ ପ୍ରତି ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିବା ଏବଂ ସମସ୍ତ ଧର୍ମ ମଧ୍ୟରେ ଏକତା ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିବାର ଏକ ଅବସର। ଆସନ୍ତୁ ପ୍ରାର୍ଥନା କରିବା ଯେ ମା' ଦୁର୍ଗା ଆମକୁ ଏକ ନ୍ୟାୟପୂର୍ଣ୍ଣ, ସମ୍ବେଦନଶୀଳ ଏବଂ ସମାନ ସମାଜ ଗଠନ ପାଇଁ ଶକ୍ତି, ସାହସ ଏବଂ ସଂକଳ୍ପ ଦିଅନ୍ତୁ। ମହାଶକ୍ତିର ପ୍ରୋତ୍ସାହନରେ ଏହି ପବିତ୍ର ଅବସରରେ ଆସନ୍ତୁ ମହିଳାମାନଙ୍କ ପ୍ରତି ଅତ୍ୟନ୍ତ ସମ୍ମାନ ଓ ଶ୍ରଦ୍ଧାର ସହ ବ୍ୟବହାର କରିବାକୁ ସଂକଳ୍ପ ନେବା।

## ପିସିସି ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ



**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଗୋପବନ୍ଧୁ ଛକ ସ୍ଥିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ପରେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ତରୁଣ ମିଶ୍ର, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଆଲୋକ ମହାନ୍ତି, ପ୍ରଭାତ ପ୍ରତାପ ସିଂ, ମନୋରଞ୍ଜନ ରାଉତରାୟ, ଖଗେଶ୍ୱର ମଲ୍ଲିକ, ଭାସ୍କର ସେଠୀ, କୁଳମଣି ସାହୁ, ତାପସ ସେଠୀ, ପ୍ରଶନ୍ନ ପାଇକରାୟ, ଚିନ୍ମୟ ସୁନ୍ଦର ଦାସ ଓ ସଞ୍ଜୟ ମିଶ୍ର ଉପସ୍ଥିତ ଥିଲେ।

## ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ରାଜ୍ୟ ସଭାପତିଙ୍କ ଶୁଭେଚ୍ଛା



**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ଶାରଦୀୟ ଦୁର୍ଗାପୂଜା ଓଡ଼ିଶା ସଂସ୍କୃତି ଓ ପରମ୍ପରାର ଅନ୍ୟତମ ମହାନ ପର୍ବ। ମା' ଦୁର୍ଗା ହେଉଛନ୍ତି ନାରୀ ଶକ୍ତିର ପ୍ରତୀକ। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ଓଡ଼ିଶାବାସୀଙ୍କୁ ଅଷ୍ଟମୀ, ନବରାତ୍ର ଓ ବିଜୟା ଦଶମୀର ଶୁଭେଚ୍ଛା ଜଣାଇବା ସହ ମା' ଦୁର୍ଗତି ନାଶିନୀ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣନ୍ତୁ ବୋଲି କାମନା କରିଛନ୍ତି।

## ଆଇଆଇଏସ୍ ଶିକ୍ଷାନବୀସଙ୍କ ଓଡ଼ିଶା ଗସ୍ତ



**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ଭାରତୀୟ ସୂଚନା ସେବା (ଆଇଆଇଏସ) ୨୦୨୨ ଓ ୨୦୨୩ ବ୍ୟାଚର ୯ ଜଣ ଶିକ୍ଷାନବୀସ ପ୍ରଶିକ୍ଷଣ ଭ୍ରମଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ସେମାନେ ଭୁବନେଶ୍ୱରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ଭୁବନେଶ୍ୱର ଏନଏବିଏମ ପରିସରରେ ଥିବା ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ସେଠାକାର କାର୍ଯ୍ୟଧାରା ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ମତବିନିମୟ କରିଛନ୍ତି ।

## ସ୍ତନ କର୍କଟ ନିମନ୍ତେ ସମ୍‌ରେ ବ୍ରାକିଥେରାପି ଚିକିତ୍ସା ଉପଲବ୍ଧ




**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ସ୍ତନ କର୍କଟ ରୋଗୀଙ୍କ ନିମନ୍ତେ ଅତ୍ୟାଧୁନିକ ଓ ପ୍ରଭାବଶାଳୀ ଚିକିତ୍ସା ଇଣ୍ଟରଷ୍ଟିସିଆଲ୍ ଇମ୍ପ୍ଲାଣ୍ଟ ବ୍ରାକିଥେରାପି ଏବେ ସ୍ଥାନୀୟ ସମ୍ ଅଲ୍ଟିମେଟ ମେଡିକେୟାରରେ ଉପଲବ୍ଧ। ଇନ୍ଟରଷ୍ଟିସିଆଲ୍ ବ୍ରାକିଥେରାପି ଏକ ଆଭ୍ୟନ୍ତରୀଣ ବିକିରଣ ପ୍ରକ୍ରିୟା ଯେଉଁଥିରେ କି ଛୋଟ ଛୋଟ ରେଡିଓଆକ୍ଟିଭ ଉତ୍ସଗୁଡ଼ିକୁ ଟ୍ୟୁମରର ଚିକିତ୍ସା ପାଇଁ ଖଞ୍ଜାଯାଇଥାଏ। ବିକିରଣ ଚିକିତ୍ସା ବା ରେଡିଓଥେରାପି ବିଗତ ୧୦୦ବର୍ଷ ଧରି ଏକ ନିରାପଦ, ପ୍ରମାଣିତ, ବହୁଳଭାବେ ବ୍ୟବହୃତ ଓ ସ୍ୱଳ୍ପ ଖର୍ଚ୍ଚ ସାପେକ୍ଷ କର୍କଟ ଚିକିତ୍ସା ପଦ୍ଧତି ବୋଲି ସମ୍ ଅଲ୍ଟିମେଟ ମେଡିକେୟାରର ରେଡିଏସନ୍ ଅଙ୍କୋଲୋଜି ବିଭାଗର ସିନିୟର କନ୍‌ସଲଟାଂଟ ଡାକ୍ତର ଚିର ରଞ୍ଜନ ଖାଡଙ୍ଗା କହିଛନ୍ତି। ସାଧାରଣତଃ ସ୍ତନ କର୍କଟରେ ଅସ୍ତ୍ରୋପଚାର ପରେ ବିକିରଣ ଚିକିତ୍ସା ପ୍ରାୟ ୪ ରୁ ୬ ସପ୍ତାହ ପରେ ଦିଆଯାଇଥାଏ। ତେବେ ବର୍ତ୍ତମାନ 'ଇଂଟରଷ୍ଟିସିଆଲ୍ ଇମ୍ପ୍ଲାଣ୍ଟ ବ୍ରାକିଥେରାପି' ପରି ଆଧୁନିକ ଚିକିତ୍ସା ପ୍ରଣାଳୀର ପ୍ରୟୋଗ ଦ୍ୱାରା 'ସ୍ତନ କର୍କଟରେ ବିକିରଣ ଚିକିତ୍ସା' ମାତ୍ର ୫ ରୁ୧୦ ଦିନ ମଧ୍ୟରେ ଦିଆଯାଇପାରୁଛି। ଏହାଦ୍ୱାରା ଚିକିତ୍ସା ସମୟ ଓ ଖର୍ଚ୍ଚ କମ୍ ହେବା ସହ ରୋଗୀକୁ କମ କଷ୍ଟ ସହ୍ୟ କରିବାକୁ ପଡ଼େ ଯାହା ରୋଗୀକୁ ଆରାମ ଦେଇଥାଏ ବୋଲି ସେ କହିଛନ୍ତି।

# ପୂଜା ପେଣ୍ଡାଲରେ ଶକ୍ତି ବାହିନୀ



**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ବଦଳିଲା ହର ଟିମର ନାଁ। ଏଣିକି କମିଶନରେଟ ପୋଲିସର ମହିଳା ଟିମ ଶକ୍ତି ବାହିନୀ ମହିଳା ଓ ଶିଶୁଙ୍କ ସୁରକ୍ଷା ଦାୟିତ୍ୱ ନେବ। ଆଜି ପୋଲିସ କମିଶନର ଦେବ ଦତ୍ତ ସିଂହଙ୍କ ଉଦ୍ୟମରେ ଓ ଡିସିପି ପିନାକ ମିଶ୍ରଙ୍କ ଉପସ୍ଥିତିରେ ଏକ ବିଶେଷ ମୋଟରସାଇକଲ୍ ପାଟ୍ରୋଲିଂ ମହିଳା ଟିମ "ଶକ୍ତି-ବାହିନୀ" ଗଠନ କରାଯାଇଛି। ଦୁର୍ଗା ପୂଜା ଉତ୍ସବ ଦିନମାନଙ୍କରେ ମହିଳାଙ୍କ ଓ ଶିଶୁ ଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବେ ଶକ୍ତି ବାହିନୀ । ସମୁଦାୟ ୪୦ ଜଣ ମହିଳା ପୋଲିସ୍ ଅଧିକାରୀ ଓ ୨୦ ମୋଟରସାଇକଲ୍ ଦ୍ୱାରା ବିଭିନ୍ନ ପୂଜା ମେଢରେ ପଇଁତରା ମାରି ଏହି ପାଟ୍ରୋଲିଂ ଦଳ ମହିଳା ଓ ଶିଶୁ ମାନଙ୍କ ପ୍ରତି ହେଉଥିବା ଅପରାଧ ବା ଭିଡରେ ହଜି ଯାଇଥିବା ଶିଶୁଙ୍କୁ ତୁରନ୍ତ ଉଧାର କରିବାରେ ସହଯୋଗ କରିବେ । ଏହି ପାଟ୍ରୋଲିଙ୍ଗ ବ୍ୟବସ୍ଥା ମହିଳାଙ୍କ ବିରୋଧରେ ଅପରାଧ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଏକ ସୁରକ୍ଷା କବଚ ଭଳି କାମ କରିବ। ମହିଳା ପାଟ୍ରୋଲିଂ ଦଳକୁ ମୁଖ୍ୟ ସ୍ଥାନଗୁଡ଼ିକରେ ଯଥା ଜନସମାଗମ ଏବଂ ବଜାର ସହିତ ଉତ୍ସବ ସ୍ଥଳୀଗୁଡ଼ିକରେ ଜଜଣେ ଜଣେ ଅଫିସର ଙ୍କ ତତ୍ତ୍ୱାବଧାନରେ ବ୍ୟବହାର କରାଯିବ । ଏହି ଟିମ ଭୁବନେଶ୍ୱରରେ ଆଇନ ଶୃଙ୍ଖଳା ପ୍ରତି ଯତ୍ନବାନ ରହିବେ । ଦଶହରାକୁ ଏକ ଖୁସି ଓ ସୁରକ୍ଷିତ ଉତ୍ସବ କରିବା ପାଇଁ କମିଶନାରଙ୍କର ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ।

# ଦୁଇ ସଢ଼ୁଙ୍କ ଉପରେ ମାଡ଼ିଗଲା ଟ୍ୟାଙ୍କର




**କେନ୍ଦ୍ରାପଡ଼ା, ୧୦।୧୦(ସଂଚାର):** ଚଣ୍ଡିଖୋଲ- ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥର ଅଁଳାବାଙ୍କ ଛକ ଠାରେ ଗୁରୁବାର ସକାଳ ୭ ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇଶଢ଼ୁଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ସଢ଼ୁ ହେଲେ ଜଗତସିଂହପୁର ପଙ୍କପାଳ ଅଂଚଳର ୪୦ ବର୍ଷୀୟ ଭବାନୀଶଙ୍କର ମହାପାତ୍ର ଓ ଭଦ୍ରକ ଚାନ୍ଦବାଲି ଅଞ୍ଚଳର ୩୬ ବର୍ଷୀୟ ଅଜୟ ଦାସ । ଭବାନୀଶଙ୍କର ଓ ଅଜୟ ଏକ ଆପାଚୀ ବାଇକ୍‌ରେ ଚଣ୍ଡିଖୋଲ ପଟୁ ପାରାଦ୍ୱୀପ ଆଡ଼କୁ ଅଗ୍ରସର ହେଉଥିବା ସମୟରେ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର ଅଁଳାବାଙ୍କ ଛକ ନିକଟରେ ରାସ୍ତା କାମ କରୁଥିବା ଠିକାଦାର ଜଣକ ରାସ୍ତାରେ କରିଥିବା ଏକ ଡାଇଭର୍ସନ ନିକଟରେ ଯାଉଥିବା ବେଳେ ଏକ ଦ୍ରୁତଗାମୀ ତେଲ ଟ୍ୟାଙ୍କର (ଓଡି-୧୫-କେ.ଏନ୍-୮୩୪) ତାଙ୍କ ପଛପଟୁ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣା ପରେ ସେହି ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଦୀର୍ଘ ସମୟ ଧରି ରାସ୍ତା ଉଭୟ ପାର୍ଶ୍ୱରେ ଗାଡ଼ିର ଭିଡ଼ ପରିଲକ୍ଷିତ ହୋଇଥିଲା। ଖବର ପାଇ ଯାଜପୁର ଜିଲ୍ଲା ଲଳିତଗିରି ଗ୍ରାମର ଉଭୟଙ୍କ ଶ୍ୱଶୁର, ଶଳା, ପତ୍ନୀ ଓ ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଂଚିଥିଲେ । ଘଟଣା ସ୍ଥଳରେ ଡେରାବିଶ ତହସିଲଦାର ପ୍ରଜ୍ଞାପରିମିତା ପୃଷ୍ଟି, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲିକ, ଡେରାବିଶ ଥାନା ଅଧିକାରୀ କିଶୋର ତରାଇ ପ୍ରମୁଖ ପହଂଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଉଭୟ ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୨୦ ହାଜର ଟଙ୍କା ପ୍ରଦାନ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରିବା ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନା ଅନୁଯାୟୀ ବୁଧବାର ରାତିରେ ଅଜୟଙ୍କ ସାନ ଝିଅର ଏକୋଇଶିଆ ଥିବା ବେଳେ ଦୁଇ ଶଢ଼ୁ ଭବାନୀଶଙ୍କର ଓ ଅଜୟ ଶ୍ୱଶୁରଘର ଲଳିତଗିରି ଗ୍ରାମକୁ ଯାଇଥିଲେ । ହେଲେ ଗୁରୁବାର ସକାଳୁ ଅଜୟ ତାଙ୍କ ବଡ଼ ସଢ଼ୁ ଦୁହେଁ ମିଶିକି ଯିବା ସମୟରେ ଏଭଳି ଘଟଣା ଘଟିଥିଲା ।

# ଜମି ବିକ୍ରିରେ ପ୍ରତିବନ୍ଧକ ସରକାରୀ ନିୟମ




**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ଜମି ବିକ୍ରି କରୁବାକୁ ଚାହୁଁଛନ୍ତି କି? ସମ୍ପୂର୍ଣ୍ଣ ଜମି ବିକ୍ରି କଲେ ଯାଇ ରେଜିଷ୍ଟ୍ରେସନ ହୋଇପାରିବ। ଜମିର କିଛି ଅଂଶ ବିକ୍ରି ମନା। ହଁ ଆମେ ରାଜଧାନୀ ଭୁବନେଶ୍ୱର କଥା କହୁଛୁ। ଏଠାରେ ଏମିତି ନିୟମ ଏବେ ଜମି ମାଲିକ ଚିନ୍ତାରେ। ଏନେଇ କାହାକୁ ବି ଅଭିଯୋଗ କଲେ ବି ନ୍ୟାୟ ମିଳୁନି। ଶେଷରେ ନିରୁପାୟ ହୋଇ ଆଜି ଜମି ମାଲିକମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସରକାରଙ୍କ ଅଜବ ନିୟମ ଯୋଗୁଁ, ଜରୁରୀକାଳୀନ ପରିସ୍ଥିତିରେ ଆପଣ ଚାହିଁଲେ ଆପଣଙ୍କ ପାଖରେ ଥିବା ପ୍ଲଟର କିଛି ଅଂଶ ବିକ୍ରି କରିପାରିବେନି ବରଂ ଆପଣଙ୍କୁ ସମ୍ପୂର୍ଣ୍ଣ ପ୍ଲଟ ବିକ୍ରି କରିବା ଲାଗି ଏହି ବାଧ୍ୟତାମୂଳକ ନିୟମ କରିଛନ୍ତି ସରକାର। କିମ୍ବା କିଣୁଥିବା ଲୋକ ବା ସଂସ୍ଥା ପାର୍ଟ ପ୍ଲଟ କିଣିପାରିବେ ନାହିଁ ବରଂ ପୂରା ପ୍ଲଟ କିଣିବାକୁ ପଡିବ। ପୂର୍ବ ସରକାର ସମୟରୁ ଏଭଳି ବ୍ୟବସ୍ଥା ଚାଲି ଆସୁଛି । ଏନେଇ ଜମି ମାଲିକ ମାନେ ଆଇନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କୁ ଭେଟି ନିରାଶ ହେବା ପରେ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏ ବିଷୟରେ ଅବଗତ କରିଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ପାଇଁ ନିୟମ ଆଣିବାକୁ ଦାବି ରଖିଛନ୍ତି।
ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ସମସ୍ୟାର ସମାଧାନ ତଳ ସ୍ତରର ଅଫିସର ବା ନେତାଙ୍କ ଦ୍ୱାରା ହୋଇପାରୁ ନାହିଁ। ଅସଲରରେ ଏ ସମସ୍ୟା ସମାଧାନ କିଏ କରିବ ତାହା ବି ଅନେକଙ୍କୁ ଅଜଣା। ଯେଉଁଥିପାଇଁ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି ଜମିମାଲିକ ମାନେ। ସରକାରଙ୍କ ଏଭଳି କଟକଣା ଯୋଗୁଁ ଜମି ମାଲିକମାନେ, ଝିଅ ବାହାଘର କିମ୍ବା ପରିବାର ସଦସ୍ୟଙ୍କ ଦେହ ଅସୁସ୍ଥ ହେଲେ, ଅସହାୟ ଅନୁଭବ କରୁଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଜମିର କିଛି ଅଂଶ ବିକ୍ରି କରି ପାରୁନାହାନ୍ତି। ସୂଚନା ଅନୁସାରେ ବିଡିଏ ସହ ବଡ଼ ବଡ଼ ଠିକା ସଂସ୍ଥା ଏଥିରେ ଲାଭବାନ ହେଉଛନ୍ତି। କେବଳ ଭୁବନେଶ୍ୱର ନୁହେଁ ବରଂ ଓଡିଶାର ବିଭିନ୍ନ ସ୍ଥାନରେ ସମାନ ଅବସ୍ଥା। ଜମି ମାଲିକ ଜମି ଦେବା ପରେ ଦଲାଲ ମାନେ ଏହାକୁ ପ୍ଲଟିଙ୍ଗ କରି ବିକ୍ରି କରିଦେଉଛନ୍ତି ପରେ କିଣିଥିବା ଲୋକ ଯଦି ଆପାର୍ଟମେଣ୍ଟ କିମ୍ବା ଡୁପ୍ଲେକ୍ସ ତିଆରି କରି ବିକ୍ରି କରିବାକୁ ଚାଁହୁଛି ତେବେ ସେଉଠୁ ଆରମ୍ଭ ହେଉଛି ସମସ୍ୟା।

## ଡାକ ଶୁଣୁ ଛନ୍ତି ଡୋକରୀ



**କଳାହାଣ୍ଡି, ୧୦।୧୦ (ସଂଚାର ବ୍ୟୁରୋ):** ଜୟପାଟଣାର ଉଦୟଗିରି ପାହାଡ଼ ସ୍ଥିତ ତାଳଗୁଡ଼ ଗାଁରେ ଅଛି ମାଆ ଡ଼ୋକରୀଙ୍କ ପୀଠ । କଳାହାଣ୍ଡି ବାଉଁଶ ବଣର ଦେବୀ ଭାବେ ପରିଚିତ ମାଆ ଡୋକରୀ । ଆଶ୍ୱିନ ପ୍ରତିପଦାରୁ ଆରମ୍ଭ ହୁଏ ମା'ଙ୍କ ନବରାତ୍ର ପୂଜା । ମହାଳୟା ମଧ୍ୟରାତ୍ରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ମାଟି ଆଣି, ପ୍ରତିପଦାରେ ମା'ଙ୍କ ମସ୍ତକ ରୋପଣ କରାଯାଏ। ଏହାପରେ ଷୋଡ଼ଶ ଉପଚାରରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୁଏ । ସେହି ସମୟରେ ମା' ଡୋକରୀ ଦକ୍ଷିଣକାଳୀ ଭାବରେ ପୂଜା ପାଇଥାନ୍ତି ।

# ମଦୁଆଙ୍କ ହାରରେ ଓଡ଼ିଶା ଆଗରେ



**ଭୁବନେଶ୍ୱର, ୧୦।୧୦:** ଓଡ଼ିଶାରେ ମଦୁଆଙ୍କ ହାର ଜାତୀୟ ସ୍ତର ଠାରୁ ଢେର ଅଧିକ। କ୍ରମାଗତ ଭାବେ ରାଜ୍ୟରେ ନିଶାଡିଙ୍କ ସଂଖ୍ୟା ଯେଭଳି ବଢ଼ି ଚାଲିଛି ତାହାକୁ ନିୟନ୍ତ୍ରଣ କରାନଗଲେ ଓଡ଼ିଶାରେ ବିଭିନ୍ନ କିସମର ଅପରାଧ ସହିତ ନାରୀ ନିର୍ଯ୍ୟାତନା, ରୋଗ ବ୍ୟାଧି, ଦୁର୍ଘଟଣା, ଆର୍ଥିକ ଅନାଟନ ଆଦି ବଢ଼ିଚାଲିବା ସଂଗେ ସଂଗେ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନା ଓ ଉନ୍ନୟନ କାମରେ ଯେତେ ଅର୍ଥ ବ୍ୟୟ ହେଉଛି ସେଥିରୁ ଆଶାନୁରୂପ ଫଳ ମିଳିବ ନାହିଁ ବୋଲି ସମାଜଶାସ୍ତ୍ରୀ ଓ ଅର୍ଥନୀତିଜ୍ଞମାନେ ଆଶଙ୍କାବ୍ୟକ୍ତ କରୁଛନ୍ତି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସର୍ବଶେଷ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ରିପୋର୍ଟରେ ମଦୁଆଙ୍କ ସମ୍ପର୍କରେ ଯେଉଁ ତଥ୍ୟ ଦିଆଯାଇଛି ତାହା ଓଡ଼ିଶା ପରିପ୍ରେକ୍ଷୀରେ ବେଶ୍ ଉଦବେଗଜନକ।

ଏହି ରିପୋର୍ଟର ତଥ୍ୟ ମୁତାବକ ଜାତୀୟ ସ୍ତରରେ ୧୫ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କ ଭିତରୁ ମାତ୍ର ୧.୩ ପ୍ରତିଶତ ଆଲକୋହଲ ସେବନ କରୁଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ୧୮.୮ ପ୍ରତିଶତ ବୋଲି ଉଲ୍ଲେଖ ରହିଛି। ଅନ୍ୟ ପକ୍ଷରେ ୧୫ବର୍ଷରୁ ଅଧିକ ବୟସ୍କ ମହିଳାଙ୍କ ଭିତରୁ ଓଡ଼ିଶାରେ ୪.୩ ପ୍ରତିଶତ ଆଲକୋହଲ ସେବନ କରୁଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ୨୮.୮ ପ୍ରତିଶତ ଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି।

ତେବେ ଏହି ରିପୋର୍ଟ୨୦୧୯ ରୁ ୨୦୨୧ ର ସ୍ଥିତି ଆଧାରରେ ପ୍ରସ୍ତୁତ ହୋଇଥିବାବେଳେ ଏବେ ଏହି ସଂଖ୍ୟା ଢେର ଅଧିକ ହେବବୋଲି ଆଶଙ୍କା କରାଯାଉଛି। ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଓଡ଼ିଶା ମଦମୁକ୍ତି ଅଭିଯାନ କହୁଛି ଯେ ଓଡ଼ିଶାରେ ଏବେ ୧୫ବର୍ଷରୁ ଉର୍ଦ୍ଧ୍ୱ ବୟସର ଆଲକୋହଲ ସେବନକାରୀଙ୍କ ସଂଖ୍ୟା ପାଖପାଖି ୪୦ ପ୍ରତିଶତ ହୋଇପାରେ।

କେବଳ ଆଲକୋହଲ ନୁହେଁ, ତମାଖୁ ସେବନ କ୍ଷେତ୍ରରେ ବି ଓଡ଼ିଶା ଜାତୀୟ ସ୍ତରଠାରୁ ଢେର ଆଗରେ ରହିଛି। ସର୍ବଭାରତୀୟ ସ୍ତରରେ ୧୫ବର୍ଷରୁ ଉର୍ଦ୍ଧ୍ୱ ବୟସର ୮.୯ ପ୍ରତିଶତ ମହିଳା ତମାଖୁ ସେବନ କରୁଥିବା ଏହି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଥିବାବେଳେ ପୁରୁଷମାନଙ୍କ କ୍ଷେତ୍ରରେ ଏହି ହାର ୩୮ ପ୍ରତିଶତ ରହିଛି। ଅନ୍ୟ ପକ୍ଷରେ ଏହି ରିପୋର୍ଟର ତଥ୍ୟ ମୁତାବକ ଓଡ଼ିଶାରେ ୧୫ବର୍ଷ ବୟସରୁ ଉର୍ଦ୍ଧ୍ୱ ମହିଳାଙ୍କ ଭିତରୁ ୨୬ ପ୍ରତିଶତ ତମାଖୁ ସେବନ କରୁଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ୫୧.୬ ପ୍ରତିଶତ ରହିଛି। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଯେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ତମାଖୁ ଓ ଆଲକୋହଲ ସେବନ ହାର ଆମ ରାଜ୍ୟରେ ଅଧିକ ରହୁଛି। ତମାଖୁ ସେବନ ଯୋଗୁଁ ମୁଖଗହ୍ୱର କର୍କଟ ସମେତ ବିଭିନ୍ନ ରୋଗ ବଢ଼ିବାରେ ଲାଗିଛି। ମଦ ଓ ଅନ୍ୟାନ୍ୟ ନିଶା ସେବନ ଯୋଗୁଁ ବି ହୃଦ୍‌ରୋଗ ଠାରୁ ଆରମ୍ଭ କରି ଯକୃତ, ବୃକକ୍, ପାକସ୍ଥଳୀ, ଫୁସ୍‌ଫୁସ୍, ସ୍ନାୟୁ ସମେତ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଉଥିବାରୁ ଚିକିତ୍ସା ଲାଗି ବ୍ୟକ୍ତି, ପରିବାର ଓ ସରକାରଙ୍କୁ ବର୍ଷକୁ ବର୍ଷ ଅଧିକରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଆଗେ ଚୋରା ଲୁଚାରେ କିଛି ଲୋକ ନିଶା ସେବନ କରୁଥିଲେ। ଏବେ କିନ୍ତୁ ଖୋଲାଖୋଲି ଭାବେ ନିଶା ସେବନ କରିବା ସହ ନିଶାଡିମାନେ ଥାନା ଫାଣ୍ଡିରେ ବି ଯାଇ ଉତ୍ପାତ କରୁଛନ୍ତି। ଏମିତିକି ଡାକ୍ତରଖାନାରେ ବି ଡାକ୍ତରମାନେ ଏମାନଙ୍କୁ ଭୟ କରୁଛନ୍ତି। ଏ କ୍ଷେତ୍ରରେ ମହିଳା ନିଶାଡିଙ୍କ ଉତ୍ପାତ କମ୍ ନୁହେଁ। ତମାଖୁ, ଆଲକୋହଲ ସହିତ ଚରସ, ବ୍ରାଉନସୁଗାର, ଗଞ୍ଜେଇ ଆଦି ବିଭିନ୍ନ କିସମର ମାରାତ୍ମକ ନିଶା ଯୁବପୀଢ଼ିକୁ ଗ୍ରାସ କରିବା ସଂଗେ ସଂଗେ ପରିବାର ଓ ସମାଜକୁ ନଷ୍ଟ କରୁଥିବାବେଳେ ତମାଖୁ, ମଦ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀରୁ ସରକାରଙ୍କ ଆୟ କିନ୍ତୁ ବଢ଼ି ବଢ଼ି ଚାଲିଛି। (ତଥ୍ୟ)

## ଟ୍ୱିନ୍ ସିଟି କ୍ରାଇମ୍

# ସାଲିଆସାହିରେ ଅବକାରୀ ଚଢ଼ଉ

**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ସାଲିଆସାହି ନୀଳଚକ୍ର ନଗରରେ ଚାଲିଥିଲା ଦେଶୀ ମଦଭାଟି। ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଶହ ଶହ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ, ୭ ଜଣ ବେପାରୀଙ୍କୁ ଗିରଫ କରାଯାଇଛି।ସୂଚନା ଯୋଗ୍ୟଯେ, ପୁଣି ଭୁବନେଶ୍ୱର ସାଲିଆସାହିରୁ ଠାବ ହେଲା ଚୋରା ଦେଶୀ ମଦ ଭାଟି। ସାଲିଆସାହି ନୀଳଚକ୍ର ନଗରରେ ଚାଲିଥିଲା ଦେଶୀ ମଦଭାଟି। ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଶହ ଶହ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହା ସହ ହଜାର ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ପୂର୍ବରୁ ମଧ୍ୟ ଅନେକ ଥର ସାଲିଆସାହିରେ ଚଢଉ କରି ଚୋରା ଦେଶୀ ମଦ ଭାଟି ଠାବ କରିଛି ପୁଲିସ। ସେପଟେ ଘଟଣାରେ ୭ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଅନ୍ୟପଟେ ଆଠଗଡ଼ ପୁଲିସ ଦ୍ୱାରା ମଦ ମାଫିଆଙ୍କ ଉପରେ ବଡ ଧରଣର ଚଢ଼ଉ। କଟକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡ଼ ପୁଲିସ କୋରଙ୍ଗା ଗାଁରେ ବଡଧରଣର ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ମଦ ପ୍ରସ୍ତୁତି ସାମଗ୍ରୀ ସହିତ ପ୍ରାୟ ୧୦୦ ଲିଟର ଦେଶୀ ମଦ, ୪୧ଟି ପ୍ଲାଷ୍ଟିକ ଜାରକିନରେ ମହଜୁଦ ଥିବା ୧୪ ଶହ ୩୫ ଲିଟର ମହୁଲ ପୋଚ, ୭ଟି ବଡ ଆଲୁମିନିୟମ ଡ଼େକଚି ଓ ଗୋଟିଏ ସାଇକେଲ ଜବତ କରାଯାଇଛି। ପୁଲିସକୁ ଦେଖି ବେଆଇନ ମଦ ପ୍ରସ୍ତୁତକାରୀ ମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଜବତ ହୋଇଥିବା ପୋଚକୁ ପୁଲିସ ପକ୍ଷରୁ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏ ସମ୍ବନ୍ଧରେ ଆଠଗଡ଼ ଥାନାରେ ଅବକାରୀ ଆଇନ ଅନୁସାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରାଯିବା ନେଇ ସୂଚନା ଦେଇଛି ପୁଲିସ। ସେହିପରି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଜଙ୍ଗଲରେ ଚୌଦ୍ୱାର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ଖୁଣ୍ଟୁଣୀ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ଚଢ଼ଉ କରି ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଛି। ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ମଦ ମାଫିଆଙ୍କ ଉପରେ ଆଗାମୀ ଦିନରେ ଚଢ଼ଉ ଜାରି ରହିବ ବୋଲି ସୂଚନା ଦେଇଛି କମିଶନରେଟ୍ ପୁଲିସ ଓ ଅବକାରୀ ବିଭାଗ।

## ଇଲେକ୍ଟ୍ରିକ୍ ବାଇକ ଡିଲରସିପ୍ ନାଁରେ ଠକେଇ ଠକ ଗିରଫ

**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ଇଣ୍ଡିଆନ ନାମକ ଏକ ଇଲେକ୍ଟ୍ରିକ୍ ବାଇକ କମ୍ପାନୀର ଡ଼ିଲରସିପ୍ ନାଁରେ ଦମ୍ପତିଙ୍କ ଠାରୁ ୭୭ ଲକ୍ଷ ଟଙ୍କା ଚଲୁ। ଏନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ଆଜି ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ପୁରୀ ଜିଲ୍ଲା କଣାସର ସୁବ୍ରତ କୁମାର ରାଉତରାୟ। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀଙ୍କର ଏ.ବି.କେ ଟ୍ରେଡିଂ ନାମକ ଏକ ସିମେଣ୍ଟ ରଡ଼ ଦୋକାନ ରହିଛି। ଅଭିଯୁକ୍ତ ସୁବ୍ରତ କୁମାର ରାଉତରାୟ ନିଜକୁ ରୟାଲ ଇଣ୍ଡିଆ ନାମକ ଏକ ଇଲେକ୍ଟ୍ରିକ୍ ବାଇକ କମ୍ପାନୀର ସି.ଇ.ଓ ଦର୍ଶାଇ ଅଭିଯୋଗକାରୀଙ୍କ ସ୍ୱାମୀଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ଉକ୍ତ ଇଲେକ୍ଟ୍ରିକ୍ ବାଇକ କମ୍ପାନୀର ଏକ ଡିଲରସିପ୍ ପ୍ରସ୍ତାବ ଦେଇଥିଲେ। ଅଭିଯୁକ୍ତ ଜଣକ ଇଲେକ୍ଟ୍ରିକ୍ ବାଇକର କିଛି ଫଟୋ ଏବଂ ଭିଡ଼ିଓ ଦେଖାଇ ତାଙ୍କୁ ଡିଲରସିପ୍ ନିମନ୍ତେ ଅର୍ଥ ମାଗିଥିଲେ ଓ ଅଭିଯୋଗକାରୀଙ୍କ ଦୋକାନ କଡରେ ସୋରୁମ୍ ଖୋଲିବାକୁ କହିଥିଲେ। ୨୦୨୦ ମାର୍ଚ୍ଚ ମାସ ସୁଦ୍ଧା ଅଭିଯୋଗକାରୀ ଏବଂ ତାଙ୍କ ପତି ବହୁ କଷ୍ଟରେ ବ୍ୟାଙ୍କରୁ ଲୋନ ନେଇ ଏବଂ କିଛି ସମ୍ପର୍କୀୟଙ୍କ ଠାରୁ ଟଙ୍କା ଧାର ନେଇ ମୋଟ ୭୭ ଲକ୍ଷ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ପରେ ଅଭିଯୁକ୍ତ ତାଙ୍କୁ ବଦଳରେ ୧୬ଟି ଇ- ବାଇକ ଓ ୧୫ଟି ଲିଥିଅମ ବ୍ୟାଟେରି ସାମଗ୍ରୀ ଦେଇଥିଲେ। ଏହାପରେ ଅଭିଯୁକ୍ତ ଜଣକ କରୋନା ମହାମାରୀର ବାହାନା ଦେଖାଇ ବଳକା ୬୬, ୦୩, ୫୫୫ ଟଙ୍କାର ଇଲେକ୍ଟ୍ରିକ୍ ବାଇକ ଓ ବ୍ୟାଟେରୀ କିଛି ଦିନ ବ୍ୟବଧାନ ପରେ ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏହାର କିଛି ଦିନ ପରେ ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ଯୋଗାଯୋଗ କରି ତାଙ୍କର ବଳକା ଟଙ୍କା ମାଗିଥିଲେ। ଏଥିରେ ଅଭିଯୁକ୍ତ ସେମାନଙ୍କ କଥାକୁ ଏଡାଇଦେବା ସହିତ କୌଣସି ଟଙ୍କା ଫେରସ୍ତ କରିନଥିଲେ। ଏନେଇ ଅଭିଯୋଗକାରିଣୀ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ପୁରୀ ଜିଲ୍ଲା କଣାସରୁ ସ୍ଥାନୀୟ ପୁଲିସ ସହାୟତାରେ ଗିରଫ କରିଛି।

## ମଦୁଆ ଓ ବେଆଇନ୍ ଖଟି ବିରୋଧରେ ଧରପଗଡ଼

**ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ):** ପାର୍ବଣ ଋତୁକୁ ଆଖି ଆଗରେ ରଖି ସହରରେ ଘଟୁଥିବା ବିଭିନ୍ନ ଅପରାଧକୁ ହ୍ରାସ କରିବା ନିମନ୍ତେ ଡିସିପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବିରୋଧରେ ଧରପଗଡ଼ ଅଭିଯାନ କଡାକଡି ଭାବେ କରାଯାଉଅଛି। ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାରେ ଥିବା ପ୍ରତ୍ୟେକ ଥାନାର ବଛାବଛା ଅଫିସର, କର୍ମଚାରୀ, ପିଓପିଡ଼ି ଓ ଟିମ-୬୦ର ମିଳିତ ପ୍ରୟାସରେ ତଥା ସମ୍ପୃକ୍ତ ଥାନାର ଆଇଆଇସି ଏବଂ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଧରପଗଡ଼ ଅଭିଯାନ ପରିଚାଳିତ ହେଉଥିବା ବେଳେ, ବିଭିନ୍ନ ଥାନା ପରିସର ଅଞ୍ଚଳରେ ଥିବା ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ବିଭିନ୍ନ ଖଟି/ଆଡ୍ଡା ତଥା ଯାନବାହାନ ଯାଞ୍ଚ କରାଯିବା ସହିତ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟ କଳାପ ବିରୋଧରେ ଧରପଗଡ଼ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ଆବଶ୍ୟକ ସ୍ଥଳେ ଜୋରିମାନା ମଧ୍ୟ ଆଦାୟ କରାଯାଇଅଛି। ଏହି କ୍ରମରେ ବୁଧବାର ସନ୍ଧ୍ୟାରେ କ୍ୟାପିଟାଲ ଥାନା, ଖାରବେଳନଗର ଥାନା, ଖଣ୍ଡଗିରି ଥାନା, ଭରତପୁର ଥାନା, ଲକ୍ଷ୍ମୀସାଗର ଥାନା, ଚନ୍ଦ୍ରଶେଖରପୁର ଥାନା, ମଞ୍ଚେଶ୍ୱର ଥାନା, ସହିଦନଗର ଥାନା, ବଡ଼ଗଡ଼ ଥାନା, ମୈତ୍ରୀବିହାର ଥାନା, ନୟାପଲ୍ଲୀ ଥାନା, ନନ୍ଦନକାନନ ଥାନା ଓ ଇନଫୋସିଟି ଥାନା ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଭାବେ ଧରପଗଡ଼ କରାଯାଇଅଛି। ଏହି ଧରପଗଡ଼ ଅଭିଯାନ ସମୟରେ ୬୧ ଜଣଙ୍କୁ ନିୟମ ଖିଲାଫ କାରୀଙ୍କୁ ବିଭିନ୍ନ ଥାନାରେ ଅଟକ ରଖାଯାଇଥିବା ବେଳେ, ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ଅନୁଯାୟୀ ୩୦.୫୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରାଯାଇଥିଲା। ଭୁବନେଶ୍ୱର ସହରାଞ୍ଚଳ ପୁଲିସ ତରଫରୁ ଏହିଭଳି ଧରପଗଡ଼ ଅଭିଯାନ ଆଗକୁ ମଧ୍ୟ ନିୟମିତ ଭାବେ ଜାରିରହିବ। ଭୁବନେଶ୍ୱର ସହର ମଧ୍ୟରେ ଚୋରି, ଛିନତାଇ, ଲୁଟ୍, ଦାଦାବଟି ଆଦାୟ, ଅସାମାଜିକ ଆଡ୍ଡା, ଖଟି, ଖୋଲାରେ ମଦ ପିଇବା, ବେଆଇନ ନିଶା କାରବାର ତଥା ଅପରାଧିକ କାର୍ଯ୍ୟ କଳାପ ବିଷୟରେ ସୂଚନା ପ୍ରଦାନ ନିମନ୍ତେ କମିଶନରେଟ୍ ପୁଲିସ ତରଫରୁ ଏକ ହ୍ୱାଟ୍ସଆପ୍ ନମ୍ବର ୭୦୭୭୭୯୮୧୧୧ ଜାରି କରାଯାଇଛି।

# ଆକ୍ସନରେ ପୁଲିସ: ୨ଗିରଫ, ବିପୁଳ ବାଣ ଜବତ



**ବୈଶିଙ୍ଗା, ୧୦।୧୦ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ବର୍ତ୍ତନା ଗ୍ରାମରେ ବେଆଇନ ବାଣ ତିଆରି ଚାଲିଥିବାବେଳେ ବୁଧବାର ଭୟଙ୍କର ବିସ୍ଫୋରଣ ଘଟିବା ସହିତ ଜନୈକ ବ୍ୟକ୍ତି ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ସେହି ଅଞ୍ଚଳରେ ଚାଲିଥିବା ବେଆଇନ ବାଣ ପ୍ରସ୍ତୁତିକୁ ରୋକିବା ନେଇ ବୈଶିଙ୍ଗା ପୁଲିସ ଏକ୍ସନ ମୋଡକୁ ଆସି ଗୁରୁବାର ଭୋର ସକାଳୁ ବର୍ତ୍ତନା ଅଞ୍ଚଳରେ ଚଢ଼ାଉ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ବିପୁଳ ପରିମାଣରେ ଗଛିତ ବେଆଇନ ବାଣ ଜବତ କରିଛି। ସୂଚନା ଅନୁଯାଇ ଗତକାଲିର ଦୁର୍ଘଟଣା ପରେ ବୈଶିଙ୍ଗା ଥାନା ଆଇଆଇସି ତପନ ପ୍ରଧାନ, ଏସଆଇ ଦେବାଶିଷ ମଣ୍ଡଳ ଓ ଏଏସଆଇ ଭାବଗ୍ରାହୀ ମହାନ୍ତଙ୍କ ସହିତ ଏକାଧିକ ପୁଲିସ କର୍ମଚାରୀ ଗୁରୁବାର ଭୋର ସକାଳୁ ବର୍ତ୍ତନା ଅଞ୍ଚଳରେ ଚାଲିଥିବା ଏକାଧିକ ବେଆଇନ ବାଣତିଆରି ଗୋଦାମ ଉପରେ ଆତର୍କିତ ଚଢ଼ାଉ କରିଥିଲେ।

# ଇଭିଏମ୍‌କୁ ଦୋଷ

ହରିୟାନା ବିଧାନସଭା ନିର୍ବାଚନରେ ପରାଜୟକୁ କଂଗ୍ରେସ ଗ୍ରହଣ କରିପାରୁନି। କାରଣ ରାଜ୍ୟରେ ଏଥର କଂଗ୍ରେସ ବିଜୟୀ ହେବ ବୋଲି ଦୃଢ଼ ନିଶ୍ଚିତ ଥିଲା। ସବୁ ଏକଜିଟ ପୋଲ ରିପୋର୍ଟରେ ମଧ୍ୟ ଏହା କୁହାଯାଇଥିଲା ଯେ, କଂଗ୍ରେସ ଏଥର ହରିୟନାରେ ସରକାରେ ଗଢ଼ିବାକୁ ଯାଉଛି। କିନ୍ତୁ ବିଜେପି ବାଜିମାରିନେଲା। ଏହାକୁ କଂଗ୍ରେସ ସହଜରେ ସହଜରେ ଗ୍ରହଣ କରିପାରୁନି ଏବଂ ପରାଜୟ ପରେ ଘାଇଲା ବାଘ ଭଳି ହେଉଛି। କଂଗ୍ରେସ ପକ୍ଷରୁ ଭାରତର ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଛି ଯେ, ଇଭିଏମ ଟାମ୍ପରିଂ କରି ବିଜେପି ହରିୟାନାରେ ଜିତିଛି। ଯେଉଁସବୁ ସ୍ଥାନରେ ବିଜେପି ଜିତିଛି, ସେଠାରେ ଇଭିଏମ ୯୯% ଚାର୍ଜ ଥିଲା। କଂଗ୍ରେସ ଜିତିଥିବା ସ୍ଥାନରେ ଇଭିଏମ ବ୍ୟାଟେରୀ ୬୦% ଚାର୍ଜ ଥିଲା। ଏହା କେବଳ ଏକ ସନ୍ଦେହ। ଇଭିଏମ ଟାମ୍ପରିଂର ଏହା ପ୍ରମାଣ ନୁହେଁ। କଂଗ୍ରେସ ପକ୍ଷରୁ ଇଭିଏମ ସବୁକୁ ଜବତ କରି ପୁନଃ ଗଣତି ଏବଂ ଭିଭିପାଟ ସହ ଇଭିଏମ ଭୋଟକୁ ମିଳାଇବାକୁ ଦାବି କରିଛି। ନିର୍ବାଚନ କମିଶନ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହା ସହିତ ନିର୍ବାଚନ କମିଶନଙ୍କ ପ୍ରତି କଂଗ୍ରେସ ଯେଭଳି ଅପଶବ୍ଦ ପ୍ରୟୋଗ କରିଛି ତାହାକୁ ନିନ୍ଦା କରିଛନ୍ତି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ କମିଶନ ଚିଠି ଲେଖି ଏହାର ପ୍ରତିବଦ ଜଣାଇଛନ୍ତି। କଂଗ୍ରେସ ଯେତେବେଳେ ବି ନିର୍ବାଚନରେ ପରାଜିତ ହୋଇଛି, ସେତେବେଳେ ଇଭିଏମକୁ ଦୋଷ ଦେଇଛି। ଯେଉଁସ୍ଥାନରେ କଂଗ୍ରେସ ପରାଜିତ ହୋଇଛି, ଠିକ ସେହି ସ୍ଥାନରେ ହିଁ ଇଭିଏମ ଟାମ୍ପରିଂ ହୋଇଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଏହା ଜନାଦେଶ ପ୍ରତି ଅପମାନ। ତେବେ ନିର୍ବାଚନ କମିଶନ ସବୁ ସନ୍ଦେହ ଦୂର କରିବାକୁ କଂଗ୍ରେସର ଦାବି ମୁତାବକ ସନ୍ଦେହଯୁକ୍ତ ଇଭିଏମକୁ ଜବତ କରି ଭିଭିପାଟ ସହ ମିଳାଇବା ଉଚିତ। ଉଲ୍ଲେଖ ଯୋଗ୍ୟ ଯେ, ଲୋକସଭା ନିର୍ବାଚନ ପୂର୍ବରୁ ମୋଦିଜୀ ଯେତେବେଳେ ଏଥର ଏନଡିଏ ୪୦୦ରୁ ଅଧିକ ଆସନ ପାଇବ ବୋଲି କହିଲେ, ସେତେବେଳେ କଂଗ୍ରେସ ନେତା ସାମ ପିତ୍ରୋଡା ଇଭିଏମ ଟାମ୍ପରିଂ ସନ୍ଦେହ ପ୍ରକାଶ କରିଥିଲେ। ପ୍ରତି ଥର ନିର୍ବାଚନ ବେଳେ ଇଭିଏମ ଟାମ୍ପରିଂ ପ୍ରସଙ୍ଗ ଉଠିଥାଏ। ନିର୍ବାଚନରେ ହାରିଥିବା ଦଳ ନିଜ ପରାଜୟ ପାଇଁ ଇଭିଏମକୁ ଦାୟୀ କରିବାର ନଜିର ରହିଛି। ଏଥିପାଇଁ ଅନେକ ରାଜନୈତିକ ଦଳ ଏବଂ ବ୍ୟକ୍ତିବିଶେଷ ଇଭିଏମ ପରିବର୍ତ୍ତେ ପୁନର୍ବାର ପୁରୁଣା ବାଲଟ ପେପର ବ୍ୟବସ୍ଥାକୁ ଫେରିଯିବାକୁ ଦାବି କରୁଛନ୍ତି। ଇଭିଏମ ଏକ ସୁରକ୍ଷିତ ବ୍ୟବସ୍ଥା ଏବଂ ଏଥିରେ ଗଡ଼ବଡ଼ର କୌଣସି ସୁଯୋଗ ନାହିଁ ବୋଲି ଭାରତର ନିର୍ବାଚନ କମିଶନ ବାରମ୍ବାର କହି ଆସୁଥିଲେ ମଧ୍ୟ ବିରୋଧୀ ଦଳ ଏହାକୁ ଗ୍ରହଣ ବା ବିଶ୍ୱାସ କରୁନାହାଁନ୍ତି। କହିବା ବାହୁଲ୍ୟ ଯେ, ଇଭିଏମ ବ୍ୟବସ୍ଥା ଏବେ ନୁହେଁ, ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ କାଳ ହେବ କାର୍ଯ୍ୟକାରୀ ହୋଇଆସୁଛି। ନିର୍ବାଚନୀ ବ୍ୟବସ୍ଥାରେ ଏହା ବଡ଼ ପରିବର୍ତ୍ତନ ଆଣିଛି। ଇଭିଏମ ବ୍ୟବହାର ଦ୍ୱାରା ଭୋଟ ନାକଚ ହେବାର ସମ୍ଭାବନା ନାହିଁ। ଇଭିଏମ ମାଧ୍ୟମରେ ଭୋଟ ଗ୍ରହଣ ଦ୍ୱାରା ଗଣତି ମଧ୍ୟ ଶୀଘ୍ର ହୋଇପାରୁଛି। ପୂର୍ବରୁ ଲୋକସଭା ନିର୍ବାଚନର ଭୋଟ ଗଣତି ସରିବାକୁ ୨୪ରୁ ୩୬ ଘଣ୍ଟା ଏବଂ ସ୍ଥଳ ବିଶେଷରେ ଏହା ୪୮ ଘଣ୍ଟା ମଧ୍ୟ ଲାଗି ଯାଉଥିଲା। ଏବେ ଏହା ୬ ଘଣ୍ଟାରେ ଶେଷ ହୋଇଯାଉଛି। ବାଲଟ ପେପର ମାଧ୍ୟମରେ ଭୋଟ ଦ୍ୱାରା ବାଲଟ ପେପର ଛଡ଼ାଇନେବା, ଚିରିବା, ଭୋଟ ବାକ୍ସକୁ ଜାଳିଦେବା, ପାଣିରେ ବୁଡ଼ାଇ ନଷ୍ଟ କରିଦେବାର ନଜିର ଦେଖିବାକୁ ମିଳୁଥିଲା। ଏବେ ସେସବୁ ଆଶଙ୍କା ଦୂର ହୋଇଯାଇଛି। ଇଭିଏମ ସହିତ ଏବେ ଭିଭିପାଟ ମଧ୍ୟ ସଂଯୁକ୍ତ ରହୁଛି। ଜଣେ ଭୋଟର ଯାହାକୁ ଭୋଟ ଦେଉଛନ୍ତି, ତାଙ୍କ ସପକ୍ଷରେ ଭୋଟ ଗଲା ବୋଲି ପ୍ରମାଣ ଭିଭିପାଟ ମାଧ୍ୟମରେ ମିଳିପାରୁଛି। ତଥାପି ଅନେକ ଇଭିଏମ ଉପରେ ସନ୍ଦେହ ପ୍ରକଟ କରୁଛନ୍ତି। ସାଧାରଣ ଲୋକ ବା କର୍ମୀ ଏଭଳି କହିଲେ ଭିନ୍ନ କଥା। କିନ୍ତୁ ଅତି ଉଚ୍ଚ ଶିକ୍ଷିତ ଏବଂ ଟେକ୍ନୋଲୋଜି ସହିତ ପରିଚିତ ବ୍ୟକ୍ତି ମଧ୍ୟ ଏଭଳି କହିବା ଦୁର୍ଭାଗ୍ୟଜନକ। କିଛି ଦିନ ତଳେ କଂଗ୍ରେସ ନେତା ସାମ ପିତ୍ରୋଡା ଏଭଳି ସନ୍ଦେହ ପ୍ରକଟ କରିଥିଲେ। ସେ ଜଣେ ଟେକ୍ନୋକ୍ରାଟ। ସେ ସବୁ ଜାଣି ମଧ୍ୟ ଏଭଳି କଥା କହିବା ଦୁର୍ଭାଗ୍ୟଜନକ। ଶ୍ୟାମ ପିତ୍ରୋଡାଙ୍କ ପରେ ଜୟରାମ ରମେଶ ମଧ୍ୟ ଏକଥା କହୁଛନ୍ତି। ଏବେ ରାହୁଲ ଗାନ୍ଧି ମଧ୍ୟ ଇଭିଏମର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ନରେନ୍ଦ୍ର ମୋଦିଙ୍କ ଆତ୍ମା ଇଭିଏମରେ ରହିଛି। ରାହୁଲ ଗାନ୍ଧି ହେଉଛନ୍ତି ଅଘୋଷିତ ବିରୋଧୀ ଦଳ ନେତା। ସେ ହେଉଛନ୍ତି ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ। ତାଙ୍କଠାରୁ ଏଭଳି ମନ୍ତବ୍ୟ ଆଶା କରିବା ଦୁର୍ଭାଗ୍ୟଜନକ। ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ବାରମ୍ବାର ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଇ ଆସୁଥିଲେ। ଦିଲ୍ଲୀରେ ସମସ୍ତ ୭ଟି ଲୋକସଭା ଆସନରେ ବିଜେପି ଜିତି ଆସୁଛି। କିନ୍ତୁ ବିଧାନସଭା ନିର୍ବାଚନରେ ଆପ କ୍ଲିନ ସୁଇପ କରୁଛି। ଯଦି ବିଜେପି ଇଭିଏମ ମାଧ୍ୟମରେ ନିର୍ବାଚନ ଜିତୁଛି, ତେବେ ଦିଲ୍ଲୀ ବିଧାନସଭା ନିର୍ବାଚନରେ କାହିଁକି ପରାଜିତ ହେଉଛି ? କର୍ଣ୍ଣାଟକ, ତେଲେଙ୍ଗାନା ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ କିପରି ଜିତିଲା ? ପଶ୍ଚିମବଙ୍ଗରେ ମମତା ବାନାର୍ଜୀ କ'ଣ ଇଭିଏମ ମାଧ୍ୟମରେ ବିଜୟୀ ହେଉଛନ୍ତି ? ବିଭିନ୍ନ ଉପନିର୍ବାଚନରେ ବିରୋଧୀ ଦଳ କିପରି ବିଜୟ ହାସଲ କରୁଛି ? ତେଣୁ ଇଭିଏମ ଉପରେ ସନ୍ଦେହ ସମ୍ପୂର୍ଣ୍ଣ ନିରାଧାର। ବର୍ତ୍ତମାନର ସମୟ ହେଲା ଟେକ୍ନୋଲୋଜିର ଯୁଗ। ଏଥିରେ ଇଭିଏମ ବ୍ୟବହାର ନିହାତି ଆବଶ୍ୟକ। ମୋବାଇଲ ଯୁଗରେ ଲ୍ୟାଣ୍ଡ ଫୋନକୁ ଗୁରୁତ୍ୱ ଦେବା ଯାହା ଇଭିଏମ ପରିବର୍ତ୍ତେ ବାଲଟ ପେପର ମାଧ୍ୟମରେ ଭୋଟ ଗଅହଣ କରିବାକୁ ଦାବି କରିବା ତାହା। ରାହୁଲ ଗାନ୍ଧିଙ୍କ ଭଳି କିଛି ବଡ଼ ନେତା ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଉଛନ୍ତି। ତେଣୁ ସାଧାରଣ ନାଗରିକର ମନରେ ମଧ୍ୟ ଏଭଳି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ସାଧାରଣ ଲୋକର ମନରେ ଇଭିଏମ ପ୍ରତି ସନ୍ଦେହ ସୃଷ୍ଟି କରାଯାଉଛି। ପରାଜୟ ନିମନ୍ତେ ଇଭିଏମକୁ ଦାୟୀ କରାଯିବା ନିହାତି ଦୁର୍ଭାଗ୍ୟଜନକ। ଇଭିଏମ ଟାମ୍ପରିଂ ହୋଇପାରିବ ନାହିଁ, ସେ କଥା କହିବା ଭୁଲ। ଟେକ୍ନୋଲୋଜି ଯୁଗରେ ସବୁ ସମ୍ଭବ। କିନ୍ତୁ ଏହାର ପରିଚାଳନା ଦାୟିତ୍ୱ ନିର୍ବାଚନ କମିଶନଙ୍କ ଉପରେ, ଶାସକ ଦଳ ବା ସରକାରଙ୍କ ହାତରେ ନାହିଁ। ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ଆମେ ଆସ୍ଥା ଏବଂ ବିଶ୍ୱାସ ସ୍ଥାପନ କରିବା ଉଚିତ। ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ଦ୍ୱାରା ନିର୍ବାଚନୀ ଗଡ଼ବଡ଼ର ଅଧିକ ସମ୍ଭାବନା ରହିଛି। ଏହା ଦ୍ୱାରା ନିର୍ବାଚନ ଲାଗି ଅଧିକ ଖର୍ଚ୍ଚ ହେବ। ଭୋଟ ଗ୍ରହଣ ପାଇଁ ଅଧିକ ସମୟ ଲାଗିବ। ଇଭିଏମ ବ୍ୟବହାର ଆରମ୍ଭ ହେବା ପରେ ମତଦାନ ହାର ବଢ଼ିଛି। ବୁଥ ଆଗରେ ଭୋଟରଙ୍କୁ ଦୀର୍ଘ ସମୟ ଧରି ଲାଇନରେ ଠିଆ ହେବାକୁ ପଡୁନି। ବାଲଟ ପେପର ବ୍ୟବହାର ହେଲେ ପୁଣି ମତଦାନ କେନ୍ଦ୍ର ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳିବ। ଏହା କାଦାପି ସ୍ୱାଗତ ଯୋଗ୍ୟ ନୁହେଁ। ଇଭିଏମ ମାଧ୍ୟମରେ ଭୋଟ ଗ୍ରହଣକୁ ବିରୋଧ ନକରି ଏହାକୁ କିପରି ଆହୁରି ଅଧିକ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ କରାଯାଇପାରିବ ତାହା ଉପରେ ଚର୍ଚ୍ଚା ହେବା ଉଚିତ। ହରିୟାନାରେ ପରାଜୟ ନେଇ କଂଗ୍ରେସ ଆତ୍ମସମୀକ୍ଷା କରିବା ଉଚିତ। ତାହା ନକରି ଇଭିଏମ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ଦଳର ସମ୍ମାନ ହାନୀ କରୁଛି।

## ସମ୍ପାଦକଙ୍କୁ ପତ୍ର

### ସରକାରଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଲାନି

*ମହାଶୟ,*

ସରକାର ଘୋଷଣା କରିଥିଲେ ଯେ, ପୂଜା ପୂର୍ବରୁ ସମସ୍ତ ରାସ୍ତା ମରାମତି କାର୍ଯ୍ୟ ସରିବ। ଏଥିପାଇଁ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟ ଘୋଷଣା କରାଯାଇଥିଲା। ନିଜେ ପୂର୍ତ୍ତମନ୍ତ୍ରୀ କହିଥିଲେ ଯେ, ଅକ୍ଟୋବର ୫ ତାରିଖ ପୂର୍ବରୁ ସମସ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ ହେବ। କିନ୍ତୁ ଅକ୍ଟୋବର ୧୦ ତାରିଖ ହୋଇଗଲେ ମଧ୍ୟ ରାସ୍ତା ମରାମତି କାର୍ଯ୍ୟ ଶେଷ ହୋଇନି। କଳ୍ପନା ଛକରୁ ରସୁଗଳଡ଼ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଯାହାକୁ କଟକ ରୋଡ ଭଳି କୁହାଯାଉଛି, ତାହାର ଅନେକ ସ୍ଥାନରେ ଏବେ ବି ରାସ୍ତା ଖରାପ ଅଛି। ରସୁଲଗଡ଼ ଛକ ଗୋଲେଇ ଚାରିପଟେ ରାସ୍ତା ଅବସ୍ଥା ଖରାପ। ରସୁଲଗଡ଼ ଛକରୁ ମଞ୍ଚେଶ୍ୱର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଯାା ରସୁଲଗଡ଼ ପୂଜା ମଣ୍ଡପ ପାର୍ଶ୍ୱ ଦେଇ ଯାଇଛି ସେ ହି ରାସ୍ତା ଖାଲଖମାରେ ଭର୍ତ୍ତି। ଏହି ରାସ୍ତା ଏକ ଅତ୍ୟନ୍ତ ଜନଗହଳି ପୂର୍ଣ୍ଣ ରାସ୍ତା। ରାଜଧାନୀର ଏହି କେନ୍ଦ୍ରସ୍ଥଳରେ ଥିବା ରାସ୍ତାର ଅବସ୍ଥା ଏପରି ତେବେ ଅନ୍ୟ ସ୍ଥାନରେ ରାସ୍ତା ଅବସ୍ଥା କ'ଣ ହୋଇଥିବ ତାହା ସହଜରେ ଅନୁମେୟ।

ବିଭୁ ପ୍ରସାଦ ମହାପାତ୍ର, ପଳାଶୁଣି

# ନାରୀ ସଶକ୍ତୀକରଣର ସନ୍ଦେଶ ଦିଏ ନବରାତ୍ର



**ଗୋପାଳ ମହାପାତ୍ର**

ପର୍ବ ପର୍ବାଣୀ ଆମ ସଂସ୍କୃତିର ପ୍ରତୀକ। ଏଥିରୁ ଆମକୁ ଜଣାପଡେ ଯେ ଆମ ପ୍ରାଚୀନ ସଂସ୍କୃତି କେତେ ବିଶାଳ, ସମ୍ପନ୍ନ ଏବଂ ସମୃଦ୍ଧ। ନବରାତ୍ର ଭାରତୀୟ ସଂସ୍କୃତିର ମହାନତାକୁ ଦର୍ଶାଇଥାଏ। ବିଗତ କିଛି ଦଶନ୍ଧି ହେବ ଦେଶରେ ମହିଳା ଶସକ୍ତିକରଣ କଥା କୁହାଯାଉଛି ଓ ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତ। କିଛି ଲୋକ ବିଦେଶର ଉଦାହରଣ ଦେଇ କହୁଛନ୍ତି ଯେ ସେଠାକାର ମହିଳାମାନେ ଶସକ୍ତ ଏବଂ ସେମାନଙ୍କୁ ମାତ୍ରାଧିକ ଅଧିକାର ପ୍ରାପ୍ତ ହୋଇଛି, ଏକଥା କହୁଥିବା ଲୋକେ କିନ୍ତୁ ଆମ (ନିଜ) ଦେଶର ଇତିହାସକୁ ନେଇ ଚିନ୍ତନ ଏବଂ ମନନ କରୁନାହାଁନ୍ତି। ବାସ୍ତବରେ ଭାରତ ହେଉଛି ବିଶ୍ୱର ଏକମାତ୍ର ଏମିତି ଦେଶ ଯେଉଁଠି ମହିଳାଙ୍କୁ ପୁରୁଷଙ୍କ ସହ ସମାନ ବୋଲି ଗ୍ରହଣ କରାଯାଇଛି। ଭାରତରେ ଦେବୀ ମାନଙ୍କର ପୂଜା- ଅର୍ଚ୍ଚନା କରାଯାଇଥାଏ ଓ ଏହା ପୁଣି ଦେବତାଙ୍କ ପୂଜା ଭଳି। ଦେବୀଙ୍କ ସ୍ଥାନ ଦେବତାଙ୍କ ପୁର୍ବରୁ କୁହାଯାଏ ଯଥା- ରାଧା କୃଷ୍ଣ, ସୀତାରାମ, ପାର୍ବତୀ ଶଙ୍କର ଆଦି। ଭଗବାନ ଶିବଙ୍କ ସହ ଦେବୀ ପାର୍ବତୀଙ୍କ ପୂଜା କରାଯାଏ। ସେଇଥିପାଇଁ " ନମୋ ନମଃ ଶଙ୍କର ପାର୍ବତୀଭ୍ୟାଂ" ବୋଲି ଶିବଙ୍କ ସ୍ତୋତ୍ରରେ ଉଲ୍ଲେଖ ରହିଛି। ସେହିଭଳି ରାମ ସୀତାଙ୍କ କ୍ଷେତ୍ରରେ "ରଘୁନାଥାୟ ନାଥାୟ ସୀତାୟା ପତୟେ ନମଃ" ବୋଲି ଉଲ୍ଲେଖ ଅଛି। ରାମଙ୍କ ସହ ସୀତାଙ୍କୁ ପୂଜା କରାଯାଏ। ମାନ୍ୟତା ଅନୁସରାରେ ଶକ୍ତି ସ୍ୱରୂପିଣୀ ବା ଶକ୍ତିର ଦେବୀ ହେଉଛନ୍ତି ଦୁର୍ଗା। ଧନ ଏବଂ ସମୃଦ୍ଧିର ଦେବୀ ହେଉଛନ୍ତି ଲକ୍ଷ୍ମୀ ଏବଂ ଜ୍ଞାନର ଦେବୀ ହେଉଛନ୍ତି ସରସ୍ୱତୀ। ଏକଥା ଉଲ୍ଲେଖ କରିବାର ଅଭିପ୍ରାୟ ହେଉଛି ମନୁଷ୍ୟର ଜୀବନରେ ଯେଉଁ ସବୁ ବସ୍ତୁ ବା ଜିନିଷର ଆବଶ୍ୟକତା ରହିଛି ସେସବୁ ଏହି ଦେବୀ ମାନେହିଁ ପ୍ରଦାନ କରିଥାନ୍ତି। ମନୁଷ୍ୟର ଜୀବନକୁ ଅନୁଶାସନରେ ରଖିବା ଏବଂ ଆଦର୍ଶ ଜୀବନ ଯାପନ ପାଇଁ ଭଗବାନ ହେଉଛନ୍ତି ମନୁଷ୍ୟର ବିଶ୍ୱାସ ଏବଂ ଶ୍ରଦ୍ଧାର କେନ୍ଦ୍ର। ନବରାତ୍ର ଦେବୀ ଦୁର୍ଗାଙ୍କୁ ସମର୍ପିତ ଏକ ମହତ୍ୱପୁର୍ଣ୍ଣ ପର୍ବ। ଏହି ପର୍ବ ବର୍ଷରେ ୪ଥର ଯଥା, ଚୈତ୍ରମାସ, ଆଷାଢ଼ମାସ, ଆଶ୍ୱିନ ମାସ ଓ ମାଘ ମାସରେ ପାଳନ କରାଯାଇଥାଏ। ଏହି ୪ଟି ମଧ୍ୟରୁ ଚୈତ୍ରମାସ ଓ ଆଶ୍ୱିନ ମାସରେ ପଡୁଥିବା ନବରାତ୍ରର ମହତ୍ୱ ଅଧିକ ବୋଲି କୁହାଯାଏ। ମାଘମାସ ଓ ଆଷାଢ଼ ମାସରେ ପଡୁଥିବା ନବରାତ୍ରକୁ ଗୁପ୍ତ ନବରାତ୍ର ବୋଲି କୁହାଯାଏ କାରଣ ଏ ଦୁଇ ନବରାତ୍ର ପାଇଁ ସାର୍ବଜନିକ ଉତ୍ସବର ଆୟୋଜନ କରାଯାଇନଥାଏ।

ଆଶ୍ୱିନ ମାସର ନବରାତ୍ରକୁ ଶାରଦୀୟ ନବରାତ୍ର କୁହାଯାଏ। ଆଶ୍ୱିନମାସର ଶୁକ୍ଳପକ୍ଷ ପ୍ରଥମ ପ୍ରତିପଦା ତିଥିଠାରୁ ଏହି ପର୍ବର ଆରମ୍ଭ ହୋଇଥାଏ। ପ୍ରଥମଦିନ ଶୁଭ ମୁହୂର୍ତ୍ତରେ କଳଶ ସ୍ଥାପନ କରାଯାଇଥାଏ। ନବରାତ୍ରରେ ୯ଦିନ ଦେବୀ ଦୁର୍ଗାଙ୍କର ୯ରୂପର ପୂଜା- ଅର୍ଚ୍ଚନା କରାଯାଇଥାଏ। ପ୍ରଥମ ଦିନ ଦେବୀ ଦୁର୍ଗାଙ୍କୁ ଶୈଳପୁତ୍ରୀ ରୂପରେ ପୂଜା କରାଯାଏ। ସେହିପରି ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡା, ପଞ୍ଚମଦିନରେ ସ୍କନ୍ଦମାତା, ଷଷ୍ଠ ଦିନରେ କତ୍ୟାୟନୀ, ସପ୍ତମ ଦିନରେ କାଳରାତ୍ରି, ଅଷ୍ଟମଦିନରେ ମହାଗୌରୀ ଓ ନବମ ଦିନରେ ସିଦ୍ଧିଦାତ୍ରୀ ରୂପରେ ପୂଜା କରାଯାଏ। ଦେବୀଙ୍କ ସାଧନା ପୂଜାର୍ଚ୍ଚନାରେ ମଣିଷର ସମସ୍ତ ପାପ ନାଶ ହୋଇଥାଏ ଓ ତାର ମୋକ୍ଷପ୍ରାପ୍ତି ହୋଇଥାଏ। ବାସ୍ତବରେ ନବରାତ୍ରର ପର୍ବ ନାରୀ ଶକ୍ତିର ଉତ୍ସବ ଅଟେ। ପ୍ରାଚୀନ କାଳରୁ ହିଁ ଏହି ପର୍ବ ଆମର ସଂସ୍କୃତିରେ ନାରୀ ଶକ୍ତିର ପ୍ରତୀକ ଭାବେ ରହି ଆସିଛି। କନ୍ୟା ପୂଜନରୁ ଗୋଟିଏ କଥା ସ୍ପଷ୍ଟ ଯେ ଆମ ସମାଜରେ କନ୍ୟା (ମହିଳା)ଙ୍କର ସ୍ଥାନ ସର୍ବାଗ୍ରେ ରହିଛି। ନବରାତ୍ର ଶକ୍ତିର ପ୍ରତୀକ ଅଟେ ଓ ଏଥିରେ ନାରୀ (ମହିଳା) ଶକ୍ତିର ଉପାସନା କରାଯାଏ ଓ ନିଜ ଭିତରେ ଶକ୍ତିକୁ ଜାଗ୍ରତ କରାଯାଏ। ଏହି ଉତ୍ସବ / ପୂଜାରେ କେବଳ ଦେବୀଙ୍କୁ ଭକ୍ତି କରାଯାଏ ବୋଲି ଯାହା କୁହାଯାଏ ତା ନୁହେଁ ବରଂ ଏହାଦ୍ୱାରା ଆମର ଅନ୍ତଃଚେତନାକୁ ଜାଗ୍ରତ କରାଯାଉଥାଏ। ନବରାତ୍ରରେ ଦୁର୍ଗା ସପ୍ତଶତି ପାଠ କରାଯାଏ ଯେଉଁଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଦେବୀ ଦୁର୍ଗା ଅତ୍ୟାଚାର ଏବଂ ଅନ୍ୟାୟ ବିରୁଦ୍ଧରେ ଅଷ୍ଟଶକ୍ତିର ପ୍ରୟୋଗ କରି ଅସୁର ବିନାଶ କରିଥିଲେ। ଏହି ପର୍ବ ମନେ ପକାଇ ଦେଇଥାଏ ଯେ ସମାଜରେ ମହିଳାଙ୍କ ସ୍ଥାନ କେଉଁଠି ?



ଓାରଦୀୟ ନବରାତ୍ର ପାଳନର ଇତିହାସ ମଧ୍ୟ ରହିଛି। ବିଭିନ୍ନ ପୁରାଣ-ଯଥା – ଦେବୀ ଭାଗବତରେ ୧୦୮ଟି ଦେବୀ (ଶକ୍ତି)ଙ୍କ ପୀଠ କଥା ଉଲ୍ଲେଖ ଥିବା ବେଳେ କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗ ଶପ୍ତ ଶତି ଏବଂ ତନ୍ତ୍ରଚୂଡାମଣିରେ ଶକ୍ତିପୀଠର ସଂଖ୍ୟା ୫୨ ବୋଲି କୁହାଯାଇଛି। ଏସବୁ ଶକ୍ତିପୀଠର ସ୍ଥାପନାର ସମୟ ଏବଂ କିଏ ସ୍ଥାପନ କରିଥିଲେ ସେ ବାବଦରେ କୌଣସି ସଠିକ୍ ନିର୍ଣ୍ଣୟ ନାହିଁ କାରଣ ଏସବୁ ମାତା ସତୀ(ପାର୍ବତୀ) ଏବଂ ଶିବଙ୍କ କଥା ସହ ଜଡିତ। ତଥାପି ପୁରାଣ ଉପରେ ଜ୍ଞାନଥିବା ବ୍ୟକ୍ତିଙ୍କ ମତ ହେଉଛି ଶକ୍ତିପୀଠ ସବୁ ରାମାୟଣ କାଳର ପୂର୍ବ ସମୟର। ବାଲକ୍ଷି ରାମାୟଣ ଅନୁସାରେ କିଷ୍କିନ୍ଧ୍ୟା ନିକଟରେ ଋଷ୍ୟମୁକ ପର୍ବତରେ ପ୍ରଭୁ ଶ୍ରୀରାମ ଲଙ୍କାଗଡ଼ର ରାବଣ ସହ ଯୁଦ୍ଧ କରିବା ପୁର୍ବରୁ ମାତା ଦୁର୍ଗା (ଶକ୍ତି)ଙ୍କର ଉପାସନା କରିଥିଲେ, ବ୍ରହ୍ମା ଭଗବାନ ଶ୍ରୀରାମଙ୍କୁ ଦେବୀ ଦୁର୍ଗାଙ୍କୁ ଚଣ୍ଡୀ ରୂପରେ ପୂଜା କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ଆଶ୍ୱିନ ମାସର ଶୁକ୍ଳପକ୍ଷ ପ୍ରତିପଦା ତିଥିଠାରୁ ନବମୀ ପର୍ଯ୍ୟନ୍ତ ଚଣ୍ଡିଙ୍କର ପୂଜା କରିଥଲେ ଓ ଦେବୀଙ୍କୁ ଉପାସନା କରି ସେ ଲଙ୍କା ବିଜୟ କରିଥିଲେ। କୁହାଯାଏ ଯେ ଏହି ତିଥିକୁ ମାନିନେଇ ୯ଦିନ ପର୍ଯ୍ୟନ୍ତ ନବରାତ୍ର ପାଳନ କରାଯାଉଛି।

ପ୍ରଭୁ ଶ୍ରୀରାମଙ୍କ ପୁର୍ବରୁ କିନ୍ତୁ ବିଜୟାଦଶମୀର ପର୍ବ ପାଳନ କରାଯାଉଛି। ମାତାଦୁର୍ଗା ମହିଷାସୁର ସହ ୯ଦିନ ପର୍ଯ୍ୟନ୍ତ ଯୁଦ୍ଧ କରି ୧୦ମ ଦିନରେ ତାର ବଧ କରିଥିଲେ। ବିଜୟା ଦଶମୀ ପର୍ବ ମାତା କାତ୍ୟାୟନୀ ଦୁର୍ଗା ମହିଷାସୁରର ବଧ କରିବା କାରଣରୁ ପାଳିତ ହେଉଛି ଯାହା ଶ୍ରୀରାମଙ୍କ କାଳର ପୁର୍ବରୁ ହିଁ ପ୍ରଚଳିତ ହୋଇଆସୁଛି। ଇତିହାସର ତଥ୍ୟ ଅନୁସାରେ ସିନ୍ଧୁ ସଭ୍ୟତାର ଲୋକେ ଯେଉଁ ଦେବତାଙ୍କୁ ପୂଜା କରୁଥିଲେ ସେମାନଙ୍କୁ ବୈଦିକ ସଭ୍ୟତାର ଲୋକେ ପଶୁପତି ଏବଂ ରୁଦ୍ରଭାବେ ପୂଜା କରିବା ଆରମ୍ଭ କରିଥିଲେ ଏବଂ ଯେଉଁ ମାତୃକା (ଦେବୀ)ଙ୍କ ପୂଜା କରୁଥିଲେ ବୈଦିକ ସଭ୍ୟତାରେ ତାହା ଦେବୀଙ୍କ ପ୍ରାରମ୍ଭିକ ରୂପ ହୋଇଯାଇଥଲା। ସିନ୍ଧୁ ସଭ୍ୟତା ହିଁ ବୈଦିକ ଆର୍ଯ୍ୟ ସଭ୍ୟତା। ଏଥିରେ ସର୍ବଶକ୍ତିମାନ ଦେବୀ ଆଦିତିଙ୍କୁ ସମସ୍ତ ପ୍ରାଣୀଙ୍କର ଜନନୀ ବୋଲି ଗ୍ରହଣ କରାଯାଇଛି। ଏହାପରେ ଏହି ସମୟରେ ଅମ୍ବିକା, କାତ୍ୟାୟନୀ ଆଦି ନାମରେ ଦେବୀ ମାନଙ୍କୁ ନାମିତ କରାଯାଇଛି।

ପୁରାଣ ବା ଇତିହାସରେ ଯାହାବି ଉଲ୍ଲେଖ ଥାଉନା କାହିଁକି ଏବେ ଶାରଦୀୟ ନବରାତ୍ର ଭାରତ ସମେତ ଅନେକ ଦେଶରେ ପାଳିତ ହେଉଛି। ଯେଉଁ ସମୟରେ ବିଶ୍ୱର ଅଧିକାଂଶ ଦେଶ ଅଶିକ୍ଷିତ ଏବଂ ଅସଭ୍ୟ ଥିଲେ ସେ ସମୟରେ ଭାରତ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଥିଲା। କେବଳ ପୁରୁଷ ନୁହଁନ୍ତି ଭାରତର ମହିଳାମାନେ ଶିକ୍ଷିତା ଥିଲେ। ସେମାନେ ଶାସ୍ତ୍ର ବାବଦରେ ଜ୍ଞାତା ଏପରିକି ଅର୍ଥ ଶାସ୍ତ୍ରରେ ବିଶରଦ ଥିଲେ। ଦେବୀମାନେ ରାକ୍ଷାସଙ୍କୁ ବଧ କରିବା କଥା ପୁରାଣରେ ଉଲ୍ଲେଖ ରହିଛି ଓ ଏଥିରୁ ସ୍ପଷ୍ଟ ଯେ ନାରୀ (ମହିଳା) ହିଁ ସୃଷ୍ଟିରେ ଶ୍ରେଷ୍ଠ। ନାରୀ ହେଉଛି ସଂସ୍କାରର ଜନନୀ ଓ ତା ଭିତରେ ମମତା, ସ୍ନେହ, ଉଦାରତା, ଆତ୍ମଇୟତା, ପ୍ରେମ ଆଦି ଗୁଣ ଭରି ରହିଛି ଯାହା ଜୀବନର ଅଂଶ ବିଶେଷ। ନାରୀ ଅବଳା ଦୁର୍ବଳା ନୁହେଁ ବରଂ ସର୍ବଶକ୍ତିମାନ, ଶକ୍ତି ସ୍ୱରୂପିଣୀ। ନବରାତ୍ର ନାରୀ ସଶକ୍ତି କରଣର ସନ୍ଦେଶ ବାହକ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଯୁଗପୁରୁଷ ଉତ୍କଳମଣୀ ଗୋପବନ୍ଧୁ



**ପ୍ରସନ୍ନ କୁମାର ପାଇକରାୟ**

ପୁରୀ ଜିଲ୍ଲା ସତ୍ୟବାଦୀର ସୁଆଣ୍ଡୋ ଗ୍ରାମ ଠାରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ଜନ୍ମଗ୍ରହଣ କରିଥିଲେ ଜଣେ ଯୋଗଜନ୍ମା ସିଦ୍ଧ ପୁରୁଷ ଦିନ ଦରିଦ୍ରର ଦରିଦି ବନ୍ଧୁ ଗୋପବନ୍ଧୁ। ଯୁଗ ଯୁଗ ଧରି ଏହି ଦିନଟି ଓଡ଼ିଆ ଜାତି ପାଇଁ ସ୍ମରଣୀୟ ହୋଇ ରହିଥିବ। ଗୋପବନ୍ଧୁଙ୍କ ଜନ୍ମ ଏକ ରୋଚକ ଘଟଣା। ତାଙ୍କ ବାପାଙ୍କ ନାମ ବୈରାଗୀ ଦାସ, ଏକ କୁଶଳୀ ବ୍ରାହ୍ମଣ। ମାତା ହେଲେ ସ୍ୱର୍ଣ୍ଣମୟୀ ଦେବୀ। ମାତା ସ୍ୱର୍ଣ୍ଣମୟୀ ଦେବୀ ଗର୍ଭ ଯନ୍ତ୍ରଣା ପାଉଥାନ୍ତି, ବଇଦଙ୍କ ଔଷଧରେ ଯନ୍ତ୍ରଣା ରୁ ଉପଶମ ମିଳୁ ନ ଥାଏ, ଏହି ସମୟରେ କିଏ ଜଣେ କହିଲେ ସ୍ୱର୍ଣ୍ଣମୟୀଙ୍କୁ ଜଣେ ଗରିବ ଘରକୁ ନେଇଯାଅ, ସେପରି ହେଲା ଗରିବ ଘରକୁ ନିଆଗଲା, କିଛି ସମୟ ମଧ୍ୟରେ ସେ ପୁତ୍ର ସନ୍ତାନ କୁ ଜନ୍ମ ଦେଇଥିଲେ। ସତରେ ଏକ ଗରିବ ଘରେ ଜନ୍ମ ହୋଇ ଗରିବ ମାନଙ୍କର ବନ୍ଧୁ ହୋଇଯାଇଥିଲେ ଗୋପବନ୍ଧୁ। ପିଲାଟି ଦିନରୁ ମା'ଙ୍କୁ ହରାଇ ମାଉସୀଙ୍କ ଦ୍ୱାରା ପାଳିତ ହୋଇଥିଲେ ଗୋପବନ୍ଧୁ। ଜଣେ ସତ୍ୟନିଷ୍ଠ, ଯୋଗଜନ୍ମା ଓଡ଼ିଶାର ଅନ୍ୟତମ ବରପୁତ୍ର, ମୁକ୍ତିଯୋଦ୍ଧା, ସମାଜ ସଂସ୍କାରକ, ମାନବବାଦୀ ଚିନ୍ତାନାୟକ, କବି, ଜନନାୟକ, ଦିନଦୁଃଖୀ ମଣିଷର ଦରଦୀ ବନ୍ଧୁ, ଭାଗବତ ପୁରୁଷ ଚିରବନ୍ଦ୍ୟ ପଣ୍ଡିତ ଗୋପବନ୍ଧୁ ବାସ୍ତବରେ ଥିଲେ ବିଶ୍ୱବନ୍ଧୁ। ଗୋପବନ୍ଧୁଙ୍କ ଜାତୀୟତାର ଭାବ ଥିଲା ଆକାଶ ପରି ଉଦାର ଓ ମହୋଦଧି ପରି ବ୍ୟାପକ ପୁଣି ସଂକୀର୍ଣ୍ଣତାର ବହୁ ଉର୍ଦ୍ଧ୍ୱରେ। ଗୋପବନ୍ଧୁ ଥରେ କହିଥିଲେ ସଂକୀର୍ଣ୍ଣ ସୀମା ମଧ୍ୟରେ ପ୍ରକୃତ ଜାତୀୟତାର ପୂର୍ଣ୍ଣ ବିକାଶ ଅସମ୍ଭବ। ସେ ଯେଉଁ ଜାତିର ହୁଅନ୍ତୁ ସେ ପ୍ରଥମେ ମନୁଷ୍ୟ, ଈଶ୍ୱରଙ୍କ ସନ୍ତାନ। ଓଡ଼ିଆ ଜାତି ଉପରେ କିଛି ଆଘାତ ଲାଗିଲେ ଯନ୍ତ୍ରଣାରେ ଛଟପଟ ହୁଏ ଗୋପବନ୍ଧୁଙ୍କ ପ୍ରାଣ। ଦେଶରେ ସେତେବେଳେ ଇଂରେଜ ମାନଙ୍କ ଶାସନ ଚାଲିଥିଲା। ସାଧାରଣ ଜନତା ତ୍ରସ୍ତ ଶଙ୍କିତ ଭାବରେ ରହିଥାନ୍ତି। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ଗୋପବନ୍ଧୁ ଜାତୀୟ

ମୁକ୍ତି ସଂଗ୍ରାମରେ ସାମିଲ ହୋଇ ଓଡ଼ିଶାର ଗାଁ ଗାଁ ବୁଲି ଇଂରେଜ ଶାସନରୁ ମୁକ୍ତି ପାଇଁ ବୁଝାଉଥିଲେ ଏବଂ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ, ଫଳ ସ୍ୱରୂପ ତାଙ୍କୁ ବାରମ୍ବାର କାରାଦଣ୍ଡ ଭୋଗିବାକୁ ପଡ଼ିଲା। ସ୍ୱାଧୀନମତବ୍ୟକ୍ତ କରି ସେ କାରାବରଣ କରିଛନ୍ତି। ସତ୍ୟବାଦୀର ସନ୍ଥ ଜାତୀୟତା ବାଦର ମହମାନ୍ତ୍ରୀକ ଗୋପବନ୍ଧୁ ଏକ ଦେଶଦ୍ରୋହ ଅଭିଯୋଗରେ ଦୁଇ ବର୍ଷ କାରା ଦଣ୍ଡାଦେଶ ପାଇ କଟକରୁ ହଜାରିବାଗ କାରାଗୃହକୁ ଯିବାବେଳେ କଟକ ଷ୍ଟେସନରେ ଜନସମାଗମ ଦେଖି ଇଂରେଜ ସରକାର ଆତଙ୍କିତ ହୋଇପଡ଼ିଥିଲେ। ପ୍ରମାଣିତ କରିଥିଲା ଜନମାନସର ପ୍ରିୟ ନେତାକୁ ଦେଖିବା ପାଇଁ ବାଟସାରା ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ। କାରାଗାର ଯିବା ବାଟରେ ଗୋପବନ୍ଧୁ ଯେଉଁ ଯେଉଁ ଦୃଶ୍ୟ ତାଙ୍କର ଦୃଷ୍ଟି ଆକର୍ଷଣ ହୋଇଥିଲା ତାହାକୁ ନେଇ ସେ ଅନେକ କବିତା ରଚନା କରିଥିଲେ। ତାହା ମଧ୍ୟରେ 'ବନ୍ଦିର ଆତ୍ମକଥା' କାରା କବିତା, ଅବକାଶ ଚିନ୍ତା, ଧର୍ମପଦ, ଓ ନଚିକେତା ଇତ୍ୟାଦି। ଗୋପବନ୍ଧୁ କାରାଗୃହରେ ଥାଇ ମହାପ୍ରଭୁଙ୍କୁ ସ୍ମରଣ କରି ଲେଖିଥିଲେ ଜଗନ୍ନାଥ ହିଁ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ ଓ ଓଡ଼ିଆ ଅସ୍ମିତାର ମହାଦ୍ରୁମ। ଓଡ଼ିଆ ଜାତି ସହିତ ଜଗନ୍ନାଥଙ୍କର ଆତ୍ମୀୟ ସମ୍ପର୍କକୁ ପ୍ରକାଶ କରିବାକୁ ଯାଇ ନେତୃତ୍ୱ ସମର୍ପଣ କରି ଲେଖିଥିଲେ - ' ନ ଅଟକେ କର୍ମ ନେତାର ଅଭାବେ / ଧର୍ମ ନବ ଚଳେ ଧର୍ମର ପ୍ରଭାବେ // ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ/ ଉତ୍କଳର ନେତା ନିଜେ ନାରାୟଣ। ( ବନ୍ଦିର ଆତ୍ମକଥା )। ଗୋପବନ୍ଧୁ ଥିଲେ ସଚ୍ଚା ସମାଜସେବୀ, ବିଶ୍ୱମୈତ୍ରୀ, ଜାତୀୟତାବାଦ ଓ ସର୍ବଧର୍ମ ସମନ୍ୱୟର ଉଦଗାତା। ବିଶୁଦ୍ଧ



ମାନବପ୍ରେମ ସର୍ତ୍ତ, ସ୍ୱାର୍ଥ, ପ୍ରତ୍ୟାଶା ବିଲୀନ ତ୍ୟାଗପୁତ ସେବା ତାଙ୍କର କର୍ମ ପ୍ରେରଣା। ଗୋପବନ୍ଧୁ ଦେଶବାସୀଙ୍କ ମନୋବଳ ବଢ଼ାଇବାକୁ ଯାଇ ଲେଖିଥିଲେ-' କାତରତା ସିନା କାପୁରୁଷପଣ / ବୀର ମାରେ ଅବା ମରେ କରି ରଣ / ପଛଘୁଞ୍ଚା ନାହିଁ ବିରର ଜାତକେ / ନ ମରେ କେବେ ପରାଣ ଆତଙ୍କେ। ସେହିପରି ଗୋପବନ୍ଧୁ ନିଜ ପାଇଁ ନୁହେଁ ଜାତି ପାଇଁ ନିଜର ଜୀବନ ସମର୍ପିତ କରି ଦେଇଥିଲେ। ନିର୍ଭୀକ ଭାବେ କହିଥିଲେ - 'ମିଶୁ ମୋର ଦେହ ଏ ଦେଶ ମାଟିରେ / ଦେଶବାସୀ ଚାଲି ଯାଆନ୍ତୁ ପିଠିରେ // ସ୍ୱାଧୀନତା ପଥେ ଅଛି ଯେତେ ଗାଡ଼ / ପୂରୁ ତହିଁ ପଡ଼ି ମୋର ମାଂସହାଡ଼। ତାଙ୍କ କାରୁଣ୍ୟ ବିଜଡିତ ଉଦବୋଧନ ମୂଳକ ଆତ୍ମକଥାର ପ୍ରତିଟି ଶବ୍ଦ ମନେହୁଏ ଯେମିତି ଟୋପାଏ ଟୋପାଏ ଆଶ୍ୱାସନାର ଅଶ୍ରୁବିନ୍ଦୁ। ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଥିଲେ ପଣ୍ଡିତ ଗୋପବନ୍ଧୁ।(୧୮୭୭-୧୯୨୯)। ୧୯୦୯ ମସିହାରେ ଗୋପବନ୍ଧୁ କିଛି ସହଯୋଗୀଙ୍କ ସହ ସତ୍ୟବାଦୀର ବଉଳ ଓ ଛୁରିଆନା ବଣ ଭିତରେ ସ୍ଥାପନ କରିଥିଲେ ଆଦର୍ଶ ବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଗୋପବନ୍ଧୁଙ୍କର ଥିଲା ପ୍ରବୁଦ୍ଧ, ନିର୍ଭୀକ ସ୍ୱାବଲମ୍ବୀ ନାଗରିକ ନିର୍ମାଣ ସ୍ୱପ୍ନର ଫଳଶ୍ରୁତି। ଶୈକ୍ଷିକ କ୍ଷେତ୍ରରେ ଏହା ଥିଲା ମହାବିପ୍ଳବ। ଏଠାରେ ପାଠ ପଢ଼ା ପ୍ରତି ଆକୃଷ୍ଟ ହୋଇ ଚାରିଆଡୁ ବିଦ୍ୟାର୍ଥୀଙ୍କ ସୁଅ ଛୁଟିଲା। ଗୁରୁକୁଳ ଆଶ୍ରମ ପରିବେଶ ମଧ୍ୟରେ ପିଲାମାନଙ୍କୁ ପାଠ ସହିତ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଓଡ଼ିଆ ଅସ୍ମିତାର ଭୁୟୋବିକାଶ ଓ ଜନ ଜାଗରଣ ପାଇଁ ସେ ପ୍ରତିଷ୍ଠା କରିଥିଲେ 'ସତ୍ୟବାଦୀ 'ଓ 'ସମାଜ' ଯାହା ଥିଲା ଜନ ଜୀବନର ବିଶ୍ୱସ୍ତ ଦର୍ପଣ। ୧୯୧୫ ମସିହାରେ ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଲା ଧାରାବାହିକ ସାହିତ୍ୟ ପତ୍ରିକା ସତ୍ୟବାଦୀ। ଓଡ଼ିଆ ଅସ୍ମିତାର ଚାରା ରୋପଣ ପାଇଁ ସେ ପ୍ରତିଷ୍ଠା କରିଥିଲେ ସାପ୍ତାହିକ 'ସମାଜ '। ଜନତାର ମୁଖପତ୍ର ଓଡ଼ିଆ ଅସ୍ମିତାର ମାର୍ଗଦର୍ଶିକା। ଦିନ ଓ ଦରିଦ୍ରର ବନ୍ଧୁ ଗୋପବନ୍ଧୁ ଛାତ୍ରାବସ୍ଥାରୁ ଥିଲେ ଜଣେ ବିପ୍ଳବୀ ଉତ୍କଳରେ ନବଜାଗରଣର କର୍ଣ୍ଣଧାର। ଓଡ଼ିଆ ଭାଷା ଓ ଜାତୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜର ସମ୍ପୂର୍ଣ୍ଣ ଜୀବନକୁ ସମର୍ପିତ କରିଥିଲେ। ସେ ଥିଲେ ଉତ୍କଳର ମହାନିଶାର ଧ୍ରୁବଜ୍ୟୋତି। ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ସ୍ୱରୂପ। ଓଡ଼ିଆ ଜାତୀର ସ୍ୱାଭିମାନର ପ୍ରତୀକ। ଦରିଦ୍ର, ନିଷ୍ପେସିତ, ଅନ୍ନକ୍ଲିଷ୍ଟ, ବନ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଜନଗଣଙ୍କ ସେବାରେ ସେ ନିଜର ଜୀବନ ଉତ୍ସର୍ଗ କରିଦେଇଥିଲେ। ତାଙ୍କ ସରଳ ପ୍ରାଣର ତରଳ ଅଭିବ୍ୟକ୍ତି ଉତ୍କଳୀୟ ଜନମାନସକୁ ବେଶ ପ୍ରଭାବିତ କରିଥିଲା। ଧର୍ମପଦ କବିତାରେ ସେ କହିଛନ୍ତି - ପରହିତେ ପ୍ରାଣ ଉତ୍ସର୍ଗ ପୂରୁବେ କେତେ କେତେ ମହାଜନ / ଲଭିଛନ୍ତି ତ୍ୟାଗେ ପରାଣ ପୂର୍ଣ୍ଣତେ ମରଣ ନିତ୍ୟ ଜୀବନ। ଗୋପବନ୍ଧୁଙ୍କ ସମୟରେ ଉତ୍କଳ ଥିଲା ଏକ ଦୁଃଖଦ ଭୂଗୋଳ। ମାତ୍ର ପଚାଶ ବର୍ଷର ନୀତିଦିନ ଜୀବନରେ ସେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ରହିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ବନ୍ୟା, ଦୁର୍ଭିକ୍ଷ ପ୍ରପୀଡ଼ିତ ଦରିଦ୍ର ନାରାୟଣକର ସେବା ଥିଲା ଗୋପବନ୍ଧୁଙ୍କ ଜୀବନର ଶ୍ରେଷ୍ଠ ସାଧନା। ଉତ୍କଳୀୟ ଜନସାଧାରଣଙ୍କର ପ୍ରାଣର ପ୍ରତିନିଧି ଥିଲେ ବୋଲି ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ ' ଉତ୍କଳମଣି' ସମ୍ବୋଧନ କରି ସମ୍ମାନୀତ କରିଥିଲେ। ଜୀବନ ତମାମ ଅନ୍ୟପାଇଁ ନିଜକୁ ନିୟୋଜିତ କରି ଓଡ଼ିଶାର ପୁର ପଲ୍ଲୀରେ ସମସ୍ତଙ୍କ ହୃଦୟରେ ମଣି ସାଜିଥିଲେ ଉତ୍କଳମଣି। ନିଜ ପରିବାର ଠାରୁ ଅଧିକ ଭଲ ପାଉଥିଲେ ସ୍ନେହ ଶ୍ରଦ୍ଧା କରୁଥିଲେ ଲୋକମାନଙ୍କୁ, ସେଥିପାଇଁ ତ ଥରେ ନିଜ ରୋଗିଣା ପୁଅକୁ ଛାଡ଼ି ମଧ୍ୟ ବନ୍ୟା ଅଞ୍ଚଳକୁ ଚାଲିଯାଇଥିଲେ। ଫେରିଲା ବେଳକୁ ପୁଅ ଆଉ ସଂସାରରେ ନ ଥିଲା। ପ୍ରଚଣ୍ଡ ଆଧ୍ୟାତ୍ମବାଦୀ ଗୋପବନ୍ଧୁ ସବୁବେଳେ କହୁଥିଲେ ମଙ୍ଗଳ ମୟଙ୍କ ସୁମଙ୍ଗଳ ଇଚ୍ଛା / ପୁରୁ ଏ ପରାଣେ ଏହି ଶେଷ ଭିକ୍ଷା। ୧୯୨୮ ଜୁନ ୧୭ ରେ ଏ ଜାତିର ଜନ୍ମ ବେଦୀରେ ଜଳୁଥିବା ଅଖଣ୍ଡ ମହାଦୀପ ନିର୍ବାପିତ ହୋଇଗଲା। ଉତ୍କଳମଣୀଙ୍କ ତିରୋଧାନରେ ଓଡ଼ିଶା ଇତିହାସର ଗୋଟିଏ ଗୌରବମୟ ଇତିହାସର ସତେ ଯେପରିକି ଅବସାନ ଘଟିଲା। ଶୁଭ ଜନ୍ମତିଥିରେ ଓଡ଼ିଶାର ବରପୁତ୍ର, ଚିରବରେଣ୍ୟ, ଜାତିର ଗର୍ବ ଗୌରବ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କର ଆସନ୍ତୁ ସ୍ମୃତିଚାରଣ କରିବା।

**ରାଜ୍ୟ ସମ୍ପାଦକ, ଓୟୁଜେ**
**ମୋବାଇଲ୍: ୭୦୦୮୯୩୬୩୭୩**

# କୁଜିନେତା ପ୍ରଭାବ



**ଇଂ ସତ୍ୟନାରାୟଣ ମାଝୀ**

ବାସ୍ତବରେ କୁଜିନେତା ଶବ୍ଦଟି ଟିକେ ଖରାପ ଲାଗୁଥିଲେ ବି ଅନେକ ଲୋକ ଏମାନଙ୍କର ଶୋଷଣର ଶିକାର ହେଉଛନ୍ତି।ଆଜି କାଲି ମାଳମାଳ ରାଜନେତାଙ୍କୁ ମାଳମାଳ କୁଜିନେତା।କୁଜିନେତା କୌଣସି ନିର୍ବାଚନରେ ଭାଗ ନ ନେଇ ରାଜନେତା ସହ ମିଶି ନିଜ ସ୍ୱାର୍ଥହାସଲ କରିବା ଏମାନଙ୍କ କାମ।ଯେଉଁ ଅଞ୍ଚଳର ଲୋକ ଟିକେ ସରକାରୀ ବ୍ୟବସ୍ଥା ଉପରେ ଅଜଣା ସେ ଅଞ୍ଚଳର ଲୋକଙ୍କୁ ଠକିବାରେ କୁଜିନେତା ଆଗୁଆ।ସାଂସଦ, ବିଧାୟକ, ସରପଞ୍ଚ ଏବଂ ପ୍ରଭାବଶାଳୀ ନେତାମାନଙ୍କର ଚାଟୁକାର କରୁଥିବା ବ୍ୟକ୍ତିର ପ୍ରଭାବ ଗାଁରେ ବହୁତ।ବିଶେଷ କରି ଶ୍ରମିକ, ବୃଦ୍ଧ ଏବଂ ବୃଦ୍ଧାମାନଙ୍କୁ ଠକିବାରେ କୁଜିନେତାମାନେ ଓସ୍ତାଦ।ବର୍ତ୍ତମାନ ତ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଠକର ଶିକାର ହେବାକୁ ପଡୁଛି।ନିର୍ବାଚିତ ଜନପ୍ରତିନିଧିଙ୍କ ଛତ୍ରଛାୟାରେ ରହି ସାଧାରଣ ଲୋକଙ୍କ ଭୂଆଁ ବୁଲାଇବାରେ କୁଜିନେତାମାନେ ମାହିର।ସରକାରୀ ଦପ୍ତରରେ କାର୍ଯ୍ୟ କରୁଥିବା ଅଫିସର, ଇଂଜିନିୟର, ବଡବାବୁ ମାନଙ୍କୁ ହାତରେ ରଖିବାକୁ କ'ଣ ନ କରନ୍ତି ଏମାନେ।ସରକାରୀ ବାବୁଙ୍କର ପରିବା ପତ୍ର ଆଣିବାଠୁ ଆରମ୍ଭ କରି ଘର ଝାଡୁମାରିବା ପର୍ଯ୍ୟନ୍ତ କରିଥାନ୍ତି ଏମାନେ।ଅନେକ ସମୟରେ ମଧ୍ୟ ଦେଖାଯାଇଛି ଯେ ସରକାରୀ ବାବୁମାନଙ୍କୁ ଭୟଭୀତ କରାଇ ମଧ୍ୟ ସ୍ୱାର୍ଥ ହାସଲ କରିଥାନ୍ତି କୁଜିନେତାମାନେ।ଜଣେ ବୃଦ୍ଧ ବ୍ୟକ୍ତିର ଭତ୍ତା କରାଇବାକୁ ଏମାନେ କେତେ ପ୍ରକାରର ଶୋଷଣ କରିଥିବେ।ତାହା ଶୋଷିତ ଲୋକମାନେ ହିଁ ଜାଣିଥିବେ।ଛଣ କୁଡିଆ ଘରେ ରହୁଥିବା ଗରିବ ଲୋକଟିକୁ ଘର କରାଇଦେବା ସ୍ୱପ୍ନ ଦେଖାଇ ହଜାର ହଜାର ଟଙ୍କା ଲୁଟିଥାନ୍ତି କୁଜିନେତା।ଖାଲି ସେତିକି ନୁହେଁ ସରକାରୀ ବାବୁ ଏବଂ ରାଜନେତାଙ୍କୁ ନିଜ ହାତମୁଠାରେ ରଖି ଉନ୍ନତିମୂଳକ କାର୍ଯ୍ୟରେ ସ୍ୱାର୍ଥ ହାସଲ ନ ହେଲେ ବାଧାସୃଷ୍ଟି କରିଥାନ୍ତି ଏମାନେ। ଯଦି ଦେଖାଯାଏ କୁଜିନେତା ବଢ଼ିବାର କାରଣ ଅନେକ ରହିଛି।ବେରୋଜଗାର ତ ମୁଖ୍ୟ ସମସ୍ୟା ରହିଛି ନିଶ୍ଚୟ, ତା ସହିତ ଏବେ ସମସ୍ତେ ସୁବିଧାବାଦୀ ହୋଇଗଲେଣି।କମ୍ ପରିଶ୍ରମରେ ଅଧିକ ରୋଜଗାର କରିବାର ଚିନ୍ତା ପଶିଯାଇଛି ଲୋକଙ୍କ ମନରେ।କମ୍ ପରିଶ୍ରମରେ ଅଧିକ ରୋଜଗାର ଏକ ଭଲ ଉପାୟ, କିନ୍ତୁ ଯେଉଁଠି ସୃଜନଶୀଳତା, ଅତ୍ୟାଧୁନିକ ରୋଜଗାରୀ କୌଶଳ ଆଦି ରହିଛି।କିନ୍ତୁ ଲୋକଙ୍କୁ ମିଛ କହି ଗରିବଙ୍କୁ ଲୁଟିବା ଏହା ସଭ୍ୟ ସମାଜରେ ରୋଜଗାର କୌଶଳ କୁହାଯାଇପାରିବ ନାହିଁ।ଦୁନିଆଁ ଯେତେ ପ୍ରଗତିଶୀଳ ଆଡକୁ ଗତି କରୁଛି କେଉଁଠି ନା କେଉଁଠି କୁଜିନେତା ସଂଖ୍ୟା ବଢ଼ି ଚାଲିଲା ପରି ମନେ ହେଉଛି।ଜଣେ ଗରିବ ଲୋକର ସରକାରୀ କାମ କରାଇବାକୁ ଦପ୍ତର ପର୍ଯ୍ୟନ୍ତ ପହଞ୍ଚିବାକୁ ଆତଯାତ ଖର୍ଚ୍ଚ ରହିଛି।ଏହାକୁ ଭିତ୍ତିକରି ଯଦି କୁହାଯାଏ ତେବେ ନେତାର ଅର୍ଥ କଣ ରହିଲା ?ନେତା ଏବଂ କୁଜିନେତାମାନେ ଯଦି ସାଧାରଣ ଲୋକଠୁ ଟଙ୍କା ପଇସା ନେଇ ସରକାରୀ ସୁବିଧା ଯୋଗାଇବାରେ ସହାୟକ ହେବେ, ସମାଜସେବାର ଅର୍ଥ ବଦଳିଯାଇଛି ବୋଲି କହିପାରିବା।କୁଜିନେତାମାନେ ନିଜର କଥା କହିବାର ଶୈଳୀ ଏବଂ ଡରାଇ ମିଛ କହି କାମ ହାସଲ କରିବାରେ ଏମାନେ ପାରଙ୍ଗମ।ସବୁ ଗାଁରେ ନିଶ୍ଚୟ ଜଣେ ନା ଜଣେ କୁଜିନେତା ନିଶ୍ଚୟ ଥିବେ।ଏମାନେ ଗାଁର କେତେଟା ଲୋକଙ୍କୁ ଭୂଆଁ ବୁଲାଇ ନିଜର ଦବଦବା ଜାହିର କରିଥାନ୍ତି।ମଣିଷ ସମାଜ ଯେତେ ବିକାଶିତ ହେଉଛି, ସମାଜରେ ଏଭଳି କୁମାନସିକତା ରଖୁଥିବା ଲୋକସଂଖ୍ୟା ମଧ୍ୟ ବଢ଼ି ଚାଲିଛି।କୁଜିନେତା ସଂଖ୍ୟା ବଢ଼ିବାରେ କାରଣ ଆମ ରାଜନେତା ମାନେ ବି ମଧ୍ୟ ଦାୟୀ।ସରକାର ମଧ୍ୟ ଏସବୁ ଲାଗି ଦାୟୀ।ଲୋକଙ୍କୁ ରୋଜଗାରକ୍ଷମ ନ କରାଇ ଖାଲି ସୁବିଧାରେ ପୋତି ଦେବା।ଆଉ ଗାଁର ବିକାଶରେ ଶିକ୍ଷିତ ଏବଂ ଭଲ ବିଚାର ରଖୁଥିବା ଲୋକଙ୍କ ପ୍ରଭାବକୁ ନିଷ୍କ୍ରିୟ କରୁଛନ୍ତି କୁଜିନେତା।ଏଭଳି ମାନସିକତା ରଖୁଥିବା ବ୍ୟକ୍ତିକୁ ଆଜିକାଲି ସମୟରେ ପ୍ରାଧାନ୍ୟ ଦେବା ଉଚିତ ନୁହେଁ।କିନ୍ତୁ ବର୍ତ୍ତମାନକୁ ଭିତ୍ତି କରାଯାଏ କୌଣସି ବିଷୟ ସମ୍ପର୍କରେ କାହାରି ଜାଣିବାର ଇଚ୍ଛା ନାହିଁ।ସରକାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ସଚେତନ କରାଇବାକୁ ବିଭିନ୍ନ ମାଧ୍ୟମରେ ଚେଷ୍ଟା କରୁଛନ୍ତି।କିଛି ସରକାରୀ ବାବୁ, ରାଜନେତା ଏବଂ କୁଜିନେତା ଏହାକୁ ସଂଙ୍କୁଚିତ କରି ଫଳପ୍ରଦ କରିବାରେ ବାଧାସୃଷ୍ଟି କରୁଛନ୍ତି।ଏମାନଙ୍କୁ ଶିକ୍ଷିତ ଯୁବକ ତଥା ବୁଦ୍ଧିଜୀବିମାନେ ତୀବ୍ର ବିରୋଧ କରି ଗରିବ ଜନସାଧାରଣମାନଙ୍କ ହିତରେ ସହଯୋଗ ଲୋଡ଼ା ରହିଛି।ନଚେତ ପ୍ରଗତିଶୀଳ ସମାଜରେ ଆମ ଅଞ୍ଚଳର ବିକାଶରେ କୋଉଠି ନା କୋଉଠି ବାଧାସୃଷ୍ଟି ହେଉଛି।

**ଏକତାଳୀ, ଯଶିପୁର, ମୟୂରଭଞ୍ଜ**
**ମୋବାଇଲ୍: ୯୪୩୮୫୩୭୦୧୩**

# ରତନ ଟାଟାଙ୍କୁ 'ଭାରତ ରତ୍ନ' ମହାରାଷ୍ଟ୍ର କ୍ୟାବିନେଟ୍‌ରେ ପ୍ରସ୍ତାବ ପାସ୍

**ମୁମ୍ବାଇ, ୧୦।୧୦:** ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନରେ ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କୁ ସମ୍ମାନିତ କରାଯାଉ। ଏଭଳି କିଛି ଦାବି ଭିତରେ ମହାରାଷ୍ଟ୍ର କ୍ୟାବିନେଟ୍‌ରେ ଏନେଇ ଏକ ପ୍ରସ୍ତାବ ପାରିତ ହୋଇଛି। ଭାରତ ରତ୍ନ ପୁରସ୍କାର ପାଇଁ ଶିଳ୍ପପତି ରତନ ଟାଟାଙ୍କ ନାମ ପ୍ରସ୍ତାବିତ ହୋଇ କେନ୍ଦ୍ର ସରକାରଙ୍କୁ ପଠାଯିବାକୁ ମହାରାଷ୍ଟ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମହାରାଷ୍ଟ୍ର କ୍ୟାବିନେଟର ଏହି ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ବର୍ତ୍ତମାନ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ଆଜି ମହାରାଷ୍ଟ୍ର କ୍ୟାବିନେଟ୍ ବୈଠକ ବସିଥିଲା। ଏଥିରେ ରତନ ଟାଟାଙ୍କ ଦେହାନ୍ତକୁ ନେଇ ଶୋକ ବ୍ୟକ୍ତ କରାଯିବା ସହ ଏକ ଶୋକ ପ୍ରସ୍ତାବ ପାରିତ କରାଯାଇଥିଲା। ଏହା ପରେ ଭାରତ ରତ୍ନ ପୁରସ୍କାର ପାଇଁ ତାଙ୍କ ନାମ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ନିଆଯାଇଛି। ମହାରାଷ୍ଟ୍ର ସରକାର ବର୍ତ୍ତମାନ ଏହି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବେ। ରତନ ଟାଟାଙ୍କ ବୁଧବାର ବିଳମ୍ବିତ ରାତିରେ ୮୬ ବର୍ଷ ବୟସରେ ମୁମ୍ବାଇର ବ୍ରେକ୍ କ୍ୟାଣ୍ଡି ହସ୍ପିଟାଲରେ ଦେହାନ୍ତ ହୋଇଛି। ସେ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ବଢ଼ୁଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରୀତିନୀତି ଅନୁଯାୟୀ ମୁମ୍ବାଇ ଓ୍ୱର୍ଲିରେ ତାଙ୍କର ଶେଷକୃତ୍ୟ କରାଯିବ। ତାଙ୍କର ଶେଷ ଦର୍ଶନ ପାଇଁ ଆଜି ସକାଳ ୧୦ଟାରୁ ନରିମାନ ପଏଣ୍ଟରେ ଏନସିପିଏ ଲନ୍ସକୁ ତାଙ୍କ ପାର୍ଥିବ ଶରୀର ରଖାଯାଇଛି। ତାଙ୍କର ଶେଷ ଦର୍ଶନ ପାଇଁ ବହୁ ସଂଖ୍ୟକ ଲୋକ ଏଠାରେ ଭିଡ଼ ଜମାଇଛନ୍ତି। ଦେଶର ବଡ଼ ବଡ଼ ରାଜନେତା, ଶିଳ୍ପ ସହିତ ଜଡିତ ବ୍ୟକ୍ତି, ବହୁ ଫିଲ୍ମ ଷ୍ଟାର୍, କ୍ରୀଡା ସହିତ ଜଡିତ ବ୍ୟକ୍ତି ତଥା ସମାଜର ବିଭିନ୍ନ କ୍ଷେତ୍ରର ଲୋକମାନେ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



## ବ୍ୟବସାୟରେ ସଫଳ, ପ୍ରେମରେ ବିଫଳ

ମୁମ୍ବାଇ, ୧୦।୧୦: ଶିଳ୍ପ ଜଗତରେ ରତନ ଟାଟା ଏକ ମାଇଲ ଖୁଣ୍ଟ ହୋଇଥିବା ବେଳେ ସୃଷ୍ଟି କରିଥିଲେ ବହୁ ଉଦାହରଣ । ନିଜ ପ୍ରଫେସନାଲ ଲାଇଫ୍‌ରେ ଖୁବ୍ ସଫଳତା ପାଇଥିବା ରତନ ଟାଟା କିନ୍ତୁ ନିସଙ୍ଗ ଜୀବନ କାଟିଥିଲେ । ଏତେ ବଡ଼ ବ୍ୟକ୍ତିତ୍ୱ ହୋଇ ବି ସେ ବିବାହ କରି ନ ଥିଲେ। କିନ୍ତୁ ଯୁବାବସ୍ଥାରେ ସେ ପ୍ରେମରେ ପଡ଼ିଥିଲେ। ମାତ୍ର କଥା ବିବାହ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ଏକଥା ଖୋଦ ରତନ ଟାଟା କହିଛନ୍ତି।

ତାଙ୍କ କହିବାନୁଯାୟୀ, ଆମେରିକାର ଲସ୍ ଏଞ୍ଜେଲସ୍‌ରେ ଚାକିରି କରୁଥିବା ବେଳେ ସେ ଜଣେ ଯୁବତୀଙ୍କ ପ୍ରେମରେ ପଡ଼ିଥିଲେ। କଥା ବିବାହ ପର୍ଯ୍ୟନ୍ତ ପହଞ୍ଚିଥିଲା। ମାତ୍ର ସେତେବେଳେ ଜେଜେମା'ଙ୍କ ଅସୁସ୍ଥତା ହେତୁ ସେ ଭାରତ ଫେରିବାକୁ ବାଧ୍ୟ ହୋଇଥିଲେ। ରତନ ଟାଟାଙ୍କ ବିଶ୍ୱାସ ଥିଲା, ତାଙ୍କ ପଛେ ପଛେ ତାଙ୍କ ପ୍ରେମ ବି ଭାରତ ଆସିବ । ମାତ୍ର ସେପରି କିଛି ହୋଇ ନ ଥିଲା। ୧୯୬୨ ମସିହାରେ ଭାରତ-ଚୀନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ଉକ୍ତ ଯୁବତୀଙ୍କ ମାତାପିତା ଆଉ ତାଙ୍କୁ ଭାରତ ଛାଡ଼ି ନ ଥିଲେ। ଫଳରେ ରତନ ଟାଟାଙ୍କ ପ୍ରେମ କାହାଣୀ ଅଧୁରା ରହି ଯାଇଥିଲା। କେବଳ ସେତିକି ନୁହେଁ, ବି - ଟାଉନ୍‌ରେ ବି ଜଣେ ଅଭିନେତ୍ରୀଙ୍କ ସହ ରତନ ଟାଟାଙ୍କ ନାମ ଯୋଡ଼ି ହୋଇଥିଲା। ଏହାକୁ ନେଇ ଖୁବ୍ ଗୁଜବ ହୋଇଥିଲେ ବି ଉଭୟ ଜୀବନସାଥୀ ହୋଇ ପାରି ନ ଥିଲେ। ବଲିଉଡ ଅଭିନେତ୍ରୀ ସିମି ଗ୍ରେୱାଲଙ୍କ ସହ ଯୋଡ଼ା ହୋଇଥିଲା ରତନ ଟାଟାଙ୍କ ନାମ । ସିମି ଗ୍ରେୱାଲ ୬୦ ଦଶକରେ ବଲିଉଡର ଜଣେ ସଫଳ ଅଭିନେତ୍ରୀ ଥିବା ବେଳେ ଏକ ଶୋ' ବି ହୋଷ୍ଟ କରିଥିଲେ। ରତନ ଟାଟା ବି ତାଙ୍କ ଶୋ'କୁ ଗେଷ୍ଟ ହୋଇ ଯାଇଥିଲେ। ୨୦୧୧ ମସିହାରେ ଦେଇଥିବା ଏକ ସାକ୍ଷାତକାରରେ ରତନ ଟାଟାଙ୍କୁ ଡେଟ କରିବା କଥା ସ୍ୱୀକାର କରିଥିଲେ ସିମି। ସିମି କହିଥିଲେ, ରତନ ଟାଟା ଜଣେ ଅସାଧାରଣ ମଣିଷ ଥିଲେ, ତାଙ୍କ ବ୍ୟକ୍ତିତ୍ୱ ଚମତ୍କାର ଥିଲା, ପ୍ରଖର ବୁଦ୍ଧି ଥିଲା। ସେ ସ୍ୱଭାବ ଖୁବ୍ ବିନମ୍ର ଥିଲା, ଟଙ୍କା ପ୍ରତି କେବେ ବି ତାଙ୍କ ଲୋଭ କି ଦୁର୍ବଳତା ନ ଥିଲା। ଏହା ମୋତେ ଖୁବ୍ ଆକୃଷ୍ଟ କରିଥିଲା ବୋଲି କହିଥିଲେ ସିମି। ଉଭୟଙ୍କ ରୋମାନ୍ସ ଚାଲିଥିବା ଖବରକୁ ନେଇ ଖୁବ୍ ପ୍ରଚାର ହେଉଥିଲେ ବି ଉଭୟ କପଲ ଗୋଲ୍‌ରେ ପହଞ୍ଚି ପାରି ନ ଥିଲେ। କିନ୍ତୁ ଉଭୟ ଖୁବ୍ ଭଲ ବନ୍ଧୁ ପାଲଟି ଯାଇଥିଲେ। ଏବେ ରତନ ଟାଟାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ସିମି ଗ୍ରେୱାଲ। ଏପରି ଜଣେ ବନ୍ଧୁଙ୍କ ଚାଲିଯିବା ଖବର ଖୁବ୍ କଷ୍ଟଦାୟକ ବୋଲି ସେ ନିଜ ସୋଶାଲ ମିଡିଆ ସାଇଟ୍‌ରେ ଉଲ୍ଲେଖ କରିଛନ୍ତି।



## ଚାକିରି କରିବା ପରେ ହେଲେ ଟାଟା କମ୍ପାନୀ ଚେୟାରମ୍ୟାନ୍

**ମୁମ୍ବାଇ, ୧୦।୧୦:** ଭାରତର ଘରେ ଘରେ ବ୍ୟବହାର ହେଉଛି ଟାଟାର ଉତ୍ପାଦ । ଟାଟା ଲୁଣଠୁ ଆରମ୍ଭ କରି ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ରହିଛି ଟାଟାର ଲୋଗୋ । ଏପରିକି ଟାଟା କମ୍ପାନୀର କାର୍‌ଠୁ ଆରମ୍ଭ କରି ଉଡା ଜାହାଜ ପର୍ଯ୍ୟନ୍ତ ବି ରହିଛି। ଭାରତର ଏକ ଅଗ୍ରଣୀ କମ୍ପାନୀ ହେଉଛି ଟାଟା। ମାତ୍ର ରାତାରାତି ଏହି ବିଶାଳକାୟ ସାମ୍ରାଜ୍ୟ ଛିଡ଼ା ହୋଇନି। ଏଥିନିମନ୍ତେ ବିଦେଶ ଫେରନ୍ତା ରତନ ଟାଟା ନିଜ ଝାଳ ବୁହାଇଥିଲେ, ଶ୍ରମିକଙ୍କ ପରି ଇଟା, ସିମେଣ୍ଟ ବି ବୋହିଥିଲେ। ଏହାପରେ ହିଁ ଏକ ବିଶାଳ ଦ୍ରୁମ ଭାବେ ଭାରତର ଶିଳ୍ପ ଜଗତରେ ଆବିର୍ଭାବ ହୋଇଥିଲା ଟାଟା କମ୍ପାନୀ।

୧୯୩୭ ମସିହା ଡିସେମ୍ବର ୨୮ ତାରିଖରେ ମୁମ୍ବାଇରେ ଜନ୍ମ ଗ୍ରହଣ କରିଥିଲେ ରତନ ଟାଟା। ମାତ୍ର ୧୯୪୮ ମସିହାରେ ତାଙ୍କ ପିତା ଓ ମାତା ନବଲ ଟାଟା ଓ ସୁନି ଟାଟାଙ୍କ ମଧ୍ୟରେ ବିଚ୍ଛେଦ ହୋଇ ଯାଇଥିଲା। ଫଳରେ ରତନ ଟାଟାଙ୍କ ଜେଜେମା' ତାଙ୍କ ଲାଳନପାଳନ ଦାୟିତ୍ୱ ନେଇଥିଲେ। ମୁମ୍ବାଇ ଓ ଶିମଳାରେ ପଢ଼ାପଢ଼ି ସରିବା ପରେ ରତନ ଟାଟା ହାଓ୍ୱାର୍ଡ ବିଜନେସ୍ ସ୍କୁଲରୁ ଉଚ୍ଚ ଶିକ୍ଷା ପ୍ରାପ୍ତ କରିଥିଲେ। ଏହାପରେ ସେ କର୍ଣ୍ଣେଲ ୟୁନିଭରସିଟିରୁ ଆର୍କିଟେକ୍ଚର ଓ ଷ୍ଟ୍ରକଚରାଲ ଇଞ୍ଜିନିୟରିଂ ପାଠ ପଢ଼ିଥିଲେ। ପାଠ ପଢ଼ା ସରିବା ପରେ ସେ ଆମେରିକାରେ ଚାକିରି କରିବାକୁ ଇଚ୍ଛୁକ ଥିଲେ। କିନ୍ତୁ ଜେଜେମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେ ଭାରତ ଫେରିଥିଲେ। ଭାରତରେ ସେ IBMରେ ଚାକିରି ଆରମ୍ଭ କରିଥିଲେ। ମାତ୍ର ଏହା ଶୁଣି ଉକ୍ତ ସମୟରେ ଥିବା ଟାଟା ଚେୟାରମ୍ୟାନ ଜେଆରଡି ଟାଟା ଖୁବ୍ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଟାଟାରେ ଯୋଗ ଦେବାକୁ ରତନ ଟାଟାଙ୍କୁ ନିମନ୍ତ୍ରଣ କରିଥିଲେ। ଏହାପରେ ରତନ ଟାଟା ଟାଟା ଗ୍ରୁପ୍‌କୁ ନିଜ ସିଭି ପଠାଇଥିଲେ। ଚୟନ ହେବା ପରେ ଜଣେ ସାଧାରଣ କର୍ମଚାରୀ ରୂପେ କାର୍ଯ୍ୟାରମ୍ଭ କରିଥିଲେ। ନିଜ କ୍ୟାରିଅରର ପ୍ରଥମାବସ୍ଥାରେ ରତନ ଟାଟା କାମ ଶିଖିବାକୁ ଆରମ୍ଭ କରିଥିଲେ। ଏଥିନିମନ୍ତେ ଛୋଟ ଛୋଟ କାମକୁ ବି ସେ ନିଷ୍ଠାର ସହ କରୁଥିଲେ। ୧୯୯୧ ମହିହାରେ ସେ ଟାଟା ଗ୍ରୁପ୍‌ର ଚେୟାରମ୍ୟାନ ହେଲେ। ଏହାପରେ ଆଉ ପଛକୁ ଫେରି ଚାହିଁ ନ ଥିବା ରତନ ଟାଟା ଦୀର୍ଘ ୨୧ ବର୍ଷ ପର୍ଯ୍ୟନ୍ତ ଟାଟା ଗ୍ରୁପ୍ ନେତୃତ୍ୱ ନେଇଥିଲେ। ଏହି ସମୟରେ ଦେଶଦୁନିଆରେ ସେ ଟାଟାକୁ ଏକ ପ୍ରତିଷ୍ଠିତ କମ୍ପାନୀରେ ଛିଡ଼ା କରାଇ ପାରିଥିଲେ। ନିଜ କାର୍ଯ୍ୟକାଳ ମଧ୍ୟରେ ସେ ସବୁଠୁ ଛୋଟ ନାନୋ କାର୍ ଲଞ୍ଚ କରି ଦେଶରେ ଚହଳ ପକାଇ ଦେଇଥିଲା। ଏହା ନିମ୍ନ ମଧ୍ୟବିତ୍ତ ପରିବାରର କାର୍ ଚଢ଼ିବା ସ୍ୱପ୍ନକୁ ସାକାର କରିଥିଲା। କାରଟି ଏତେ ଲୋକପ୍ରିୟ ହୋଇଥିଲା ଯେ ଏହାକୁ ନେବା ପାଇଁ ଲୋକେ ମାସ ମାସ ଧରି ଅପେକ୍ଷା କରୁଥିଲେ। ମାତ୍ର କିଛି ବର୍ଷ ପରେ ଯାନ୍ତ୍ରୀକ ତ୍ରୁଟି ହେତୁ ଏହାକୁ ବଜାରରୁ ପ୍ରତ୍ୟାହୃତ କରି ନିଆଗଲା। କେବଳ ନାନୋ ନୁହେଁ ରତନ ଟାଟାଙ୍କ ନେତୃତ୍ୱରେ ଜାଗୁଆର, ଲ୍ୟାଣ୍ଡ ରୋଭର ପରି ପ୍ରିମିୟର ସେଗେମେଣ୍ଟ କମ୍ପାନୀର କାର୍‌କୁ ବି ଟେକ୍ ଓଭର କରିଥିଲା ଟାଟା।



## ୬୯ ବର୍ଷରେ ଉଡ଼ାଇଥିଲେ ଏଫ-୧୬ ଫାଇଟ୍‌ର ପ୍ଲେନ୍

**ମୁମ୍ବାଇ, ୧୦।୧୦:** ବିଶିଷ୍ଟ ଶିଳ୍ପପତି ରତନ ଟାଟା। ସେ ଜଣେ ଉଦ୍ୟୋଗପତି ହେବା ସହ ଥିଲେ ଲାଇସେନ୍ସ ପ୍ରାପ୍ତ ପାଇଲଟ। କେବଳ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୁହେଁ ସେ ଫାଇଟର୍ ପ୍ଲେନ୍ ଉଡାଇବାରେ ମଧ୍ୟ ଥିଲେ ପାରଙ୍ଗମ। ଯେପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ଭଲ ଥିଲା, ସେ ପର୍ଯ୍ୟନ୍ତ ପାଇଲଟ୍ ଭାବରେ ଉଡ଼ାଣ ଜାରି ରଖିଥିଲେ। ଅଧିକାଂଶ ଲୋକ ହୁଏତ ଜାଣି ନଥିବେ ଯେ ଭାରତୀୟ ବିଲେନିୟର୍ ତଥା ଟାଟା ସନ୍ସର ପୂର୍ବତନ ଚେୟାରମ୍ୟାନ୍ ରତନ ଟାଟା ହେଉଛନ୍ତି ଏଫ୍-୧୬ ଫାଲକନ୍ ଯୁଦ୍ଧ ବିମାନ ଉଡ଼ାଇଥିବା ପ୍ରଥମ ଭାରତୀୟ ନାଗରିକ। ୨୦୦୭ରେ, ୬୯ ବର୍ଷ ବୟସରେ, ସେ ଏଫ୍-୧୬ ଫାଲକନ୍ ଯୁଦ୍ଧ ବିମାନ ଉଡ଼ାଇ ସମସ୍ତଙ୍କୁ କରିଦେଇଥିଲେ ଚକିତ। ବାସ୍ତବରେ, ବେଙ୍ଗାଲୁରୁର ଏକ ଏୟାର ଶୋ'ରେ ରତନ ଟାଟା ଏଫ୍-୧୬ ର ସହ-ପାଇଲଟ୍ ଭାବରେ କାର୍ଯ୍ୟ କରିଥିଲେ, ଯାହାକୁ ପଲ୍ ହ୍ୟାଟନଡର୍ଫ ଉଡ଼ାଇଥିଲେ। ହ୍ୟାଟନଡର୍ଫ ଥିଲେ ବିମାନ ନିର୍ମାତା କମ୍ପାନୀ ଲକ୍‌ହିଡ ମାର୍ଟିନ୍‌ର ଜଣେ ପରୀକ୍ଷଣ ପାଇଲଟ। ରତନ ନାନଟା ଯେଉଁ ଏଫ୍-୧୬ ବ୍ଲକ ୫୦ ଯୁଦ୍ଧ ବିମାନ ଉଡ଼ାଇଥିଲେ ତା'ର ମୂଲ୍ୟ ହେଉଛି ୪୦୦ କୋଟିରୁ ଅଧିକ। ଏହି ଜେଟ୍ ଘଣ୍ଟା ପ୍ରତି ୨୦୦୦ କିଲୋମିଟରରୁ ଅଧିକ ବେଗରେ ଉଡ଼ିପାରେ। ଏହି ଯୁଦ୍ଧ ବିମାନ ସହ ରତନ ଟାଟା ପ୍ରାୟ ୪୦ ମିନିଟ୍ ଆକାଶରେ ବିତାଇ ଥିଲେ ଏବଂ ମଝିରେ ଉଡ଼ାଣକୁ ନିୟନ୍ତ୍ରଣ ମଧ୍ୟ କରିଥିଲେ। ଅବତରଣ ସମୟରେ ସେ ଅଳ୍ପ ଥକି ଯାଇଥିଲେ। ଲ୍ୟାଣ୍ଡ କରିବା ପରେ ସେ ଏହି ବିମାନ ବିଷୟରେ କହିଥିଲେ- It Was Graeat ଅର୍ଥ ଏହା ବହୁତ ଭଲ ଥିଲା। କହିରଖୁ ଯେ, ଏଫ୍-୧୬ ର ସହ-ପାଇଲଟ୍ ହେବାରେ ପ୍ରଥମ ଭାରତୀୟ ହେବାର ପ୍ରାୟ ଏକ ଦଶନ୍ଧି ପରେ ରତନ ଟାଟା ଭାରତରେ ଏଫ୍-୧୬ ବ୍ଲକ୍ ୭୦ର ଉତ୍ପାଦନ ପାଇଁ ଲକ୍‌ହିଡ୍ ମାର୍ଟିନ୍ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଥିଲେ।



## ପୁରୁଷୋତ୍ତମ ଏକ୍ସପ୍ରେସରେ ବୋମା ଆତଙ୍କ

**ନୂଆଦିଲ୍ଲୀ, ୧୦।୧୦:** ଟ୍ରେନରେ ଆତଙ୍କବାଦୀମାନେ ନେଇଯାଉଛନ୍ତି ବିସ୍ଫୋରକ। ଏହା ଜଣାପଡ଼ିବା ପରେ ଉତ୍ତରପ୍ରଦେଶର ତୁଣ୍ଡଲା ରେଳ ଷ୍ଟେସନରେ ଆଜି ସକାଳେ ତିନି ଘଣ୍ଟାରୁ ଅଧିକ ସମୟ ଅଟକି ରହିଥିଲା ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନ୍। ଡଗ୍ ସ୍କ୍ୱାଡ୍ ଏବଂ ମେଟାଲ ଡିଟେକ୍ଟର ସାହାଯ୍ୟରେ ଟ୍ରେନରେ ଯାଞ୍ଚ କରାଯାଇଥିଲା। ହେଲେ କିଛି ମିଳି ନଥିଲା। କିଛି ସନ୍ଦିଗ୍ଧ ଆତଙ୍କବାଦୀ ବିସ୍ଫୋରକ ସାମଗ୍ରୀ ସହିତ ଟ୍ରେନରେ ଯାତ୍ରା କରୁଛନ୍ତି ବୋଲି ସୋଶାଲ ମିଡିଆରେ 'X'ରେ ସୂଚନା ମିଳିଥିଲା। ଏଥିସହ ଆତଙ୍କବାଦୀ ବିସ୍ଫୋରକ ସମାଗ୍ରୀକୁ ଏୟାର ଇଣ୍ଡିଆ ଦିଲ୍ଲୀ-ଲେହ ବିମାନରେ ଲଗାଇବେ ବୋଲି ଜଣାପଡ଼ିଥିଲା। ଏହା ଜଣାପଡ଼ିବା ପରେ. ସମସ୍ତ କୋଚରେ ଥିବା ଯାତ୍ରୀଙ୍କ ମଧ୍ୟରେ ସଙ୍ଗେ ସଙ୍ଗେ ଆତଙ୍କ ଖେଳିଯାଇଥିଲ। ଡଗ୍ ସ୍କ୍ୱାଡ୍ ଏବଂ ମେଟାଲ ଡିଟେକ୍ଟର ସାହାଯ୍ୟରେ ଯାଞ୍ଚ ପରେ କିଛି ମିଳି ନଥିଲା। ତେବେ କିଏ ଓ କାହିଁକି ସୋଶାଲ ମିଡିଆରେ 'X'ରେ ଏପରି ମିଛ ସୂଚନା ଦେଇଥିଲା ତାହା ଜଣାପଡ଼ିନାହିଁ। ରେଳ ବିଭାଗ ଘଟଣାର ତଦନ୍ତ କରୁଛି।

## ଜମ୍ମୁ-କଶ୍ମୀରରେ କଂଗ୍ରେସ ଅଲୋଡ଼ା

**ନୂଆଦିଲ୍ଲୀ, ୧୦।୧୦:** ଜମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ୨୦୨୪ରେ ନ୍ୟାଶନାଲ କନଫରେନ୍ସ (ଏନସି) ଏବଂ କଂଗ୍ରେସର ମେଣ୍ଟ ଚମତ୍କାର ପ୍ରଦର୍ଶନ କରି ସଂଖ୍ୟାଗରିଷ୍ଠତା ହାସଲ କରିଛି। ୯୦ଟି ବିଧାନସଭା ଆସନରୁ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଏନସି ୪୨ଟି ଆସନ ପାଇଥିବାବେଳେ କଂଗ୍ରେସ ୬ଟି ଆସନ ପାଇଛି। ଏନସି-କଂଗ୍ରେସ ଭାଜପାକୁ ହରାଇ ସରକାର ଗଠନ କରିଛନ୍ତି।

କିନ୍ତୁ ଏସବୁ ମଧ୍ୟରେ ଫଳାଫଳ ପରେ କ୍ରମାଗତ ଭାବରେ କିଛି ଏପରି ଘଟଣା ଘଟୁଛି, ଯେଉଁ କାରଣରୁ ଇଣ୍ଡିଆ ମେଣ୍ଟରେ କଂଗ୍ରେସର ଗୁରୁତ୍ୱ ହ୍ରାସ ପାଉଛି। ହରିୟାଣାରେ କଂଗ୍ରେସ ନିଜ ମେଣ୍ଟର ସହଯୋଗୀ ସଦସ୍ୟଙ୍କୁ ଆସନ ଦେଇ ନ ଥିବାବେଳେ ଏବେ ତାହା ପରାଜୟର ଅସଲ କାରଣ ସାଜିଛି। ଯାହାର କାରଣ କଂଗ୍ରେସ ବଡ଼ ପରାଜୟର ସମ୍ମୁଖୀନ ହୋଇଛି। ଏସବୁ ପରେ ପରେ ଇଣ୍ଡିଆ ମେଣ୍ଟର ଅନ୍ୟ ସଦସ୍ୟ କଂଗ୍ରେସ ସହ ଆସନ ଭାଗବଣ୍ଟା ନେଇ ସିଧା ମନା କରିଦେଇଛନ୍ତି। ଆମ ଆଦମୀ ପାର୍ଟି ଦିଲ୍ଲୀରେ ଏକାକୀ ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିବା ସହ ସମାଜବାଦୀ ପାର୍ଟି ମଧ୍ୟ ଆସନ୍ତା ୟୁପି ଉପ-ନିର୍ବାଚନରେ କଂଗ୍ରେସକୁ ୩ରୁ ଅଧିକ ଆସନ ଦେବନାହିଁ ବୋଲି ସିଧା ଶୁଣେଇ ଦେଇଛି। ଏସବୁ ଭିତରେ କଂଗ୍ରେସକୁ ଜମ୍ମୁ-କଶ୍ମୀରରେ ମଧ୍ୟ ବଡ଼ ଝଟ୍‌କା ଲାଗିପାରେ ବୋଲି କୁହାଯାଉଛି। ଏନସିର ୪ ନିର୍ଦ୍ଦଳୀୟ ବିଧାୟକ ଓ କେତେକ ଛୋଟ ଦଳର ସ୍ୱାଧୀନ ବିଧାୟକ ଏନସିକୁ ସମର୍ଥନ ଘୋଷଣା କରିଛନ୍ତି। ଏହି ସମର୍ଥନରେ ଜମ୍ମୁ-କଶ୍ମୀରରେ ଏନସି ଆହୁରି ଶକ୍ତିଶାଳୀ ହୋଇଛି । ଏବେ ପ୍ରଶ୍ନ ଉଠୁଛି ଯେ କଂଗ୍ରେସର ଓଜନ ଏବେ ହ୍ରାସ ପାଇବାରେ ଲାଗିଛି। ଏହାର କାରଣ ହେଉଛି, କଂଗ୍ରେସ ଜମ୍ମୁ କଶ୍ମୀରରେ ୬ଟି ଆସନ ପାଇଥିବାବେଳେ ଏନସି ୪୨ଟି ଆସନ ପାଇଛି। ତେବେ ଜମ୍ମୁ-କଶ୍ମୀରରେ ଆସନ ଗଣିତ ଅନୁଯାୟୀ ଦଳକୁ ବହୁମତ ପାଇବାକୁ ହେଲେ ଆଉ ୪ ବିଧାୟକ ଦରକାର ଅଛି। ନିର୍ବାଚନ ପୂର୍ବରୁ ଏନସିର କଂଗ୍ରେସ ଓ କଂଗ୍ରେସର ଏନସି ସରକାର ଗଠନ ପାଇଁ ପରସ୍ପର ସାହାଯ୍ୟ ଦରକାର ଥିଲା। କିନ୍ତୁ ଏବେ ବାଗି ସମ୍ପୂର୍ଣ୍ଣ ପଲଟି ଯାଉଥିବାର ଦେଖିବାକୁ ମିଳୁଛି। ଦଳ ଛାଡି ଯାଇଥିବା ୪ ନିର୍ଦ୍ଦଳୀୟ ବିଧାୟକ ଓ ଅନ୍ୟ ସ୍ୱାଧୀନ ବିଧାୟକ ଏସନିକୁ ସମର୍ଥନ କରିଛନ୍ତି। ଏବେ ଏହାକୁ ମିଶାଇ ଏନସି କଂଗ୍ରେସ ବିନା ମଧ୍ୟ ସରକାର ଗଠନ କରିପାରିବ। ବିନା ସହଯୋଗରେ ଏନସି ଏବେ ସବୁ ନିଷ୍ପତ୍ତି ନେଇ ପାରିବ ଆଉ ତାକୁ କୌଣସି ନିଷ୍ପତ୍ତି ପୂର୍ବରୁ କଂଗ୍ରେସ ଆଗରେ ନଇଁବାକୁ ପଡିବାକୁ ନାହିଁ।



## ମୋଦୀଙ୍କ ଲାଓସ ଗସ୍ତ

**ନୂଆଦିଲ୍ଲୀ, ୧୦।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଲାଓସ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ୨୧ ତମ ଆସିଆନ-ଭାରତ ଏବଂ ୧୯ତମ ଇଷ୍ଟ ଏସିଆ ସମ୍ମିଳନୀରେ ଯୋଗ ଦେବେ। ଭାରତ ଓ ଆସିଆନ ଦେଶ ମଧ୍ୟରେ ବାଣିଜ୍ୟ କାରବାର ବହୁ ପୁରୁଣା ଏବଂ ସୁଦୃଢ଼। ଆସିଆନ ଦେଶ ସହିତ ଭାରତ ବହୁ ପୂର୍ବରୁ ମୁକ୍ତ ବାଣିଜ୍ୟଚୁକ୍ତି ସ୍ୱାକ୍ଷର କରିଛି। ଏହାକୁ ଆଗକୁ ବଢ଼ାଇବାକୁ ଭାରତ ଆଗ୍ରହୀ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଲାଓସରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଲାଓସରେ ରହୁଥିବା ଭାରତୀୟ ସମୁଦାୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିଛନ୍ତି।

## ପରାଜୟକୁ ଆମେ ଗୁରୁତ୍ୱର ସହ ବିଚାର କରୁଛୁ: ଗେହଲୋଟ



**ନୂଆଦିଲ୍ଲୀ, ୧୦।୧୦:** ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟକୁ ନେଇ ପ୍ରତିକ୍ରିୟା ପ୍ରକାଶ କରି ପୂର୍ବତନ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ତଥା ହରିୟାଣା ନିର୍ବାଚନ ପାଇଁ କଂଗ୍ରେସର ବରିଷ୍ଠ ପର୍ଯ୍ୟବେକ୍ଷକ ଅଶୋକ ଗେହଲୋଟ୍ କହିଛନ୍ତି ଯେ ଏହାକୁ ଗୁରୁତ୍ୱର ସହ ନିଆଯାଉଛି। ସେ କହିଛନ୍ତି ଯେ ସମଗ୍ର ରାଜ୍ୟ କହୁଥିଲା ଯେ କଂଗ୍ରେସ ଜିତିବ ଏବଂ ତା'ପରେ ବିପରୀତ ଫଳାଫଳ କିପରି ଘଟିଲା। ଏ ସମ୍ପର୍କରେ କର୍ମୀଙ୍କ ମଧ୍ୟରେ ଆଶଙ୍କା ରହିଛି। ଦିଲ୍ଲୀରେ କଂଗ୍ରେସ ବୈଠକରେ ଯୋଗଦେବା ପରେ ଅଶୋକ ଗେହଲୋଟ୍ ଗଣମାଧ୍ୟମକୁ ଏହା କହିଛନ୍ତି। ଅଶୋକ ଗେହଲୋଟ୍ କହିଛନ୍ତି ଯେ ଏହି ପରାଜୟକୁ ଗୁରୁତର ସହ ବିଚାର କରାଯାଉଛି। କଂଗ୍ରେସ ଦ୍ୱାରା ସରକାର ଗଠନ ହେବାକୁ ଯାଉଛି ବୋଲି ସମଗ୍ର ଗଣମାଧ୍ୟମ, ଏକଜିଟ୍ ପୋଲ୍ ଏବଂ ସାଧାରଣ ଜନତା କହୁଥିଲେ । ଏହା ପରେ, ଫଳାଫଳଗୁଡ଼ିକ ଓଲଟା ହେବାର କାରଣଗୁଡ଼ିକ କ'ଣ ଥିଲା? ଖଡ଼ଗେ ସାହେବ ଏବଂ ରାହୁଲ ଜୀ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ବରିଷ୍ଠ ପର୍ଯ୍ୟବେକ୍ଷକ ଏବଂ ସଚିବଙ୍କୁ ଡକାଯାଇଥିଲା ଏବଂ ଆଲୋଚନା ଖୋଲାଖୋଲି ଭାବରେ ହୋଇଥିଲା। ଏକ ଜାତୀୟ ଦଳ ଯାହାର ବିଜୟକୁ ନେଇ ସମଗ୍ର ଦେଶ ଏବଂ ରାଜ୍ୟବାସି ଆଶାବାଦୀ ଥିଲେ।

ଫଳାଫଳଗୁଡିକ ଓଲଟା ହେବାର କାରଣ କ'ଣ ଥିଲା? ଆମ କର୍ମୀଙ୍କ ମନରେ ଆଶଙ୍କା ଅଛି। ସେ ଆହୁରି ମଧ୍ୟ କହିଛନ୍ତି, "ସାଧାରଣ ଲୋକଙ୍କ ହୃଦୟରେ ମଧ୍ୟ ଆଶଙ୍କା ରହିଛି। ଇଭିଏମ୍ ଏହାର କାରଣ ହୋଇଥାଇପାରେ କିମ୍ବା ପରିସ୍ଥିତି ଅନ୍ୟ କିଛି ହୋଇଥାଇପାରେ। ଆମେ ନିର୍ବାଚନ ଆୟୋଗଙ୍କୁ ଭେଟି ଆମର ଆଶଙ୍କା ଦୂର କରିବାକୁ କହିଲୁ। ଆମେ ଏକ ଲିଖିତ ସ୍ମାରକପତ୍ର ମଧ୍ୟ ଦେଇଛୁ। ସୂଚନା ଥାଉ କି ଯେ, ଅଶୋକ ଗେହଲୋଟଙ୍କ ବ୍ୟତୀତ ଅଜୟ ମାକେନ୍ ମଧ୍ୟ ଏହି ସଭାରେ ଉପସ୍ଥିତ ଥିଲେ। ଉଭୟଙ୍କୁ ହରିୟାଣାର ପର୍ଯ୍ୟବେକ୍ଷକ କରାଯାଇଥିଲା। ତେବେ ଭୁପେନ୍ଦ୍ର ସିଂ ହୁଡା ଏବଂ ରାଜ୍ୟ ସଭାପତି ଉଦୟଭାନ୍ ଉପସ୍ଥିତ ନଥିଲେ।

## ଓମାର ଅବଦୁଲ୍ଲା ସର୍ବସମ୍ମତି କ୍ରମେ ନେତା ନିର୍ବାଚିତ



**ଶ୍ରୀନଗର, ୧୦।୧୦:** ନ୍ୟାସନାଲ୍ କନଫରେନ୍ସ (ଏନସି) ବିଧାନସଭା ପାର୍ଟି ବୈଠକ ଆଜି ନଓ୍ୱାଇ ସୁବାହ ପାର୍ଟି ମୁଖ୍ୟାଳୟରେ ଆରମ୍ଭ ହୋଇଛି। ଏଥିରେ ଦଳର ନେତା ଏନସି ଫାରୁକ ଅବଦୁଲ୍ଲା, ଓମାର ଅବଦୁଲ୍ଲା ଏବଂ ସମସ୍ତ ନୂତନ ନିର୍ବାଚିତ ବିଧାୟକ ଉପସ୍ଥିତ ଥିଲେ। ଏହି ବୈଠକରେ ଓମାର ଅବଦୁଲ୍ଲା ସର୍ବସମ୍ମତି କ୍ରମେ ବିଧାନସଭା ଦଳର ନେତା ଭାବରେ ନିର୍ବାଚିତ ହୋଇଛନ୍ତି। ଏନ୍‌ସି ନେତା ସଲମାନ ସାଗର କହିଛନ୍ତି, ଯେତେବେଳେ ଆମେ ଓମାର ଅବଦୁଲ୍ଲାଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ମନୋନୀତ କରିଥିଲୁ ଏହା ଆମ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ଥିଲା। ଜମ୍ମୁ-କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ କଂଗ୍ରେସର ମେଣ୍ଟ ସରକାର ଶପଥ ନେବା ପରେ ପ୍ରଥମ କ୍ୟାବିନେଟ୍‌ରେ ଅନୁଚ୍ଛେଦ ୩୭୦ ଉପରେ ସଂକଳ୍ପନାମା ପାରିତ କରାଯିବ। କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଫେରାଇବା ପାଇଁ କେନ୍ଦ୍ର ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦାବି ଦୋହରାଯିବ ବୋଲି ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଛନ୍ତି।

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ହଟାଇ ଦେଇଥିଲେ। ଏଥିସହ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଜମ୍ମୁ-କଶ୍ମୀରରେ ୨୦୧୪ ପରେ ପ୍ରଥମ ଥର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏନ୍‌ସି ନିଜ ନିର୍ବାଚନୀ ଇସ୍ତାହାରରେ ୩୭୦କୁ ପୁନଃ ଅବସ୍ଥାପିତ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଲଗାତର ଭାବେ ୩୭୦ ପ୍ରସଙ୍ଗ ଉଠାଇ କେନ୍ଦ୍ରର ମୋଦି ସରକାରଙ୍କୁ ସମାଲୋଚନା କରିଥିଲେ। ଏପରି କି ଇଣ୍ଡିଆ ବ୍ଲକ୍ ଆଗାମୀ ଦିନରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ଦାବିରେ ସଡ଼କରୁ ସଂସଦ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ରାହୁଲ ନିର୍ବାଚନ ପ୍ରଚାର ବେଳେ କହିଥିଲେ। ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ମଧ୍ୟରେ ୩ ପର୍ଯ୍ୟାୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଫଳ ଏନ୍‌ସି-କଂଗ୍ରେସ ମେଣ୍ଟ ସପକ୍ଷରେ ଯାଇଛି।

ସୂଚନାଯୋଗ୍ୟ,କଶ୍ମୀରବାସୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଏନ୍‌ସିକୁ ୪୨ ଓ ସହଯୋଗୀ କଂଗ୍ରେସକୁ ୬ ଆସନରେ ବିଜୟୀ କରାଇଛନ୍ତି। ଏଥିସହ ତାଙ୍କ ପୁଅ ତଥା ଏନ୍‌ସି ଉପାଧ୍ୟକ୍ଷ ଓମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି।



## ୟୁପିରେ କଂଗ୍ରେସ-ସପା ବିବାଦ

**ଲକ୍ଷ୍ନୌ, ୧୦।୧୦:** ସମାଜବାଦୀ ପାର୍ଟି ମଙ୍ଗଳବାର ଉପ-ନିର୍ବାଚନ ପାଇଁ ନିଜର ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିବା ପରେ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କଂଗ୍ରେସ କହିଛି ଯେ ଏ ପର୍ଯ୍ୟନ୍ତ ଗଠବନ୍ଧନରେ ଆସନ ଭାଗବଣ୍ଟାକୁ ନେଇ କୌଣସି ଆଲୋଚନା ହୋଇନାହିଁ। କଂଗ୍ରେସର ଏହି ବିବୃତ୍ତି ରାଜନୀତିକୁ ଏକ ନୂଆ ରଙ୍ଗ ଦେଇଛି, ଯାହା ପରେ ସବୁ ପ୍ରକାର କଳ୍ପନାଜଳ୍ପନା ଆରମ୍ଭ ହୋଇ ଯାଇଥିଲା।

ତେବେ ଗତ ୨୪ ଘଣ୍ଟା ଧରି ଲାଗି ରହିଥିବା ସସପେନ୍ସକୁ ନେଇ ଏବେ ଏସପି ମୁଖ୍ୟ ଅଖିଳେଶ ଯାଦବ ମୁହଁ ଖୋଲିଛନ୍ତି। ଯେତେବେଳେ ଅଖିଳେଶ ଯାଦବଙ୍କୁ ହରିୟାଣାରେ କଂଗ୍ରେସର ପରାଜୟ ବିଷୟରେ ପଚରାଗଲା, ସେତେବେଳେ ସେ ଏକ ସ୍ପଷ୍ଟ ସ୍ୱରରେ କହିଛନ୍ତି ଯେ ସେ ଆଜି ଏହି ବିଷୟରେ କିଛି କହିବେ ନାହିଁ। ଆଜି ଏହି ବିଷୟରେ କହିବା ପାଇଁ ଉପଯୁକ୍ତ ଦିନ ନୁହେଁ।

ଅନ୍ୟପଟେ, ଏସପି ମୁଖ୍ୟଙ୍କୁ ଉପ-ନିର୍ବାଚନ ବିଷୟରେ ଖୋଲାଖୋଲି ଉତ୍ତର ଦେଇଛନ୍ତି। କଂଗ୍ରେସ ସହିତ ଆସନ ଭାଗବଣ୍ଟା ଏବଂ ଏହାର ପ୍ରାର୍ଥୀଙ୍କ ଘୋଷଣା ଉପରେ ସେ କହିଛନ୍ତି ଯେ ଆଜିର ଦିନରେ ବହୁତ କିଛି କହି ହେବ ନାହିଁ କିନ୍ତୁ ହଁ, ୟୁପିରେ କଂଗ୍ରେସ ସହିତ ମେଣ୍ଟ ରହିବ। ଅଖିଳେଶ ଯାଦବଙ୍କ ଏହି ବିବୃତ୍ତି ସହିତ ଅନେକ ସସପେନ୍ସ ଶେଷ ହୋଇଛି କିନ୍ତୁ ଆସନ ଉପରେ ପ୍ରଶ୍ନ ଉଠିଛି।

## ଫ୍ଲୋରିଡ଼ା ଉପକୂଳକୁ ମାଡ଼ି ଆସୁଛି 'ମିଲଟନ୍'

**ଓ୍ୱାଶିଂଟନ, ୧୦।୧୦:** ଆମେରିକାର ଫ୍ଲୋରିଡ଼ା ଆଡ଼କୁ ମାଡ଼ି ଆସୁଛି ହରିକେନ୍ ମିଲଟନ୍‌ଏ। ହି ଭୟଙ୍କର ସାମୁଦ୍ରିକ ଘୂର୍ଣ୍ଣିଝଡ଼ ଏବେ କ୍ୟାଟାଗୋରି-ଫାଇଭ୍ ଅର୍ଥାତ୍ ଅତି ଭୀଷଣ ରୂପ ନେଇ ଆଟଲାଣ୍ଟିକ ସମୁଦ୍ରରୁ ଭୂପୃଷ୍ଠ ଆଡ଼କୁ ମାଡ଼ି ଆସୁଛି। ଏବେ ଏହା ଟାମ୍ପା ଫ୍ଲୋରିଡ଼ା ଠାରୁ ଦକ୍ଷିଣ ପଶ୍ଚିମ ଦିଗରେ ୪୮୫ କିଲୋମିଟର ଦୂରରେ ରହିଛି। ଏହା ଆସନ୍ତାକାଲି ଫ୍ଲୋରିଡ଼ା ସମୟ ଭୋର୍ ୨ଟାରୁ ସକାଳ ୬ଟା ମଧ୍ୟରେ ସେଣ୍ଟ୍ରାଲ୍ ଗଲ୍ଫ କୋଷ୍ଟରେ ଲ୍ୟାଣ୍ଡଫଲ୍ କରିପାରେ। ଏହି ସାମୁଦ୍ରିକ ଘୂର୍ଣ୍ଣିଝଡ଼ ଅସ୍ୱାଭାବିକ ଭାବେ ପଶ୍ଚିମରୁ ପୂର୍ବକୁ ମୁହାଁଇଛି ଏବଂ ଲ୍ୟାଣ୍ଡଫଲ ପୂର୍ବରୁ ଏହାର ତୀବ୍ରତା ସାମାନ୍ୟ ହ୍ରାସ ଘଟିପାରେ ବୋଲି ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ୧୦ ଫୁଟ୍ ଉଚ୍ଚ ସମୁଦ୍ର ଜୁଆର ଆସିପାରେ। ଫ୍ଲୋରିଡ଼ାର ଜନସାଧାରଣଙ୍କୁ ତୁରନ୍ତ ସହର ଛାଡ଼ି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ନିବେଦନ କରିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ତଟବର୍ତ୍ତୀ ଅଞ୍ଚଳ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଏଥିପାଇଁ ଉଦ୍ଧାର ପ୍ରକ୍ରିୟା ଜାରି ରହିଛି। ପ୍ରାୟ ୩୦ ଲକ୍ଷ ଲୋକ ରହୁଥିବା ଟାମ୍ପା ବେଅଞ୍ଚଳ ପ୍ରତି ସବୁଠୁ ଅଧିକ ବିପଦ ରହିଛି। ଫ୍ଲୋରିଡ଼ାର ୧୧ଟି କାଉଣ୍ଟିରେ ଏହାର ପ୍ରଭାବପଡ଼ିବ ବୋଲି ଆକଳନ କରାଯାଇଛି। ଏଥିପାଇଁ ୨ହଜାରରୁ ଅଧିକ ବିମାନ ଉଡ଼ାଣ ବାତିଲ କରାଯାଇଛି।



# ଅବସର ଘୋଷଣା କଲେ ରାଫେଲ ନାଡାଲ



**ନୂଆଦିଲ୍ଲୀ,୧୦।୧୦:** ଟେନିସରୁ ଆଉ ଏକ ଯୁଗର ଅନ୍ତ ହୋଇଛି। ୨୨ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ରାଫେଲ ନାଡାଲ ଗୁରୁବାର ଏକ ଭିଡିଓ ମାଧ୍ୟମରେ ଅବସର ଘୋଷଣା କରିଛନ୍ତି। ଚଳିତ ସିଜିନ୍ ତାଙ୍କର ଶେଷ ସିଜିନ୍ ହେବ। ଦୁଇବର୍ଷ ତଳେ ସ୍ୱିଜରଲ୍ୟାଣ୍ଡର ରୋଜର ଫେଡେରର ଅବସର ନେଇଥିଲେ। ରୋଜର ୨୦ ଟି ଗ୍ରାଣ୍ଡସ୍ଲାମ ଜିତିଥିଲେ। ନାଡାଲ କହିଛନ୍ତି ଯେ, ଚଳିତ ବର୍ଷ ହେବାକୁ ଥିବା ଡେଭିସ କପ୍ ଫାଇନାଲ୍ରେ ଖେଳିବେ। ଏହି ଟୁର୍ନାମେଣ୍ଟରେ ସେ ନିଜ ଦେଶ ପାଇଁ ପ୍ରତିନିଧିତ୍ୱ କରିବେ। ଏଥର ଡେଭିସ କପ୍ ଫାଇନାଲ ସ୍ପେନର ମେଲାଗାରେ ହେବାକୁ ଯାଉଛି। ସୋସିଆଲ ମିଡିଆ ମାଧ୍ୟମରେ ନାଡାଲ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ସେ ତାଙ୍କର ସାମ୍ପ୍ରତିକ ସଂଘର୍ଷ ଏବଂ ଖେଳ ପାଇଁ ତାଙ୍କର ଶରୀର ଉପରେ କିପରି ପକାଇଥିଲା ବିଷୟରେ କହିଥିଲେ। ନାଡାଲ କହିଛନ୍ତି, 'ମୁଁ ଅତ୍ୟଧିକ ଉତ୍ସାହିତ ଯେ ମୋର ଶେଷ ଟୁର୍ନାମେଣ୍ଟ ଡେଭିସ୍ କପ୍

## ଡେଭିସ୍ କପ ତାଙ୍କର ଶେଷ ଟୁର୍ଣ୍ଣାମେଣ୍ଟ

ଫାଇନାଲ୍ ହେବ, ଯେଉଁଥିରେ ମୁଁ ଦେଶର ପ୍ରତିନିଧିତ୍ୱ କରିବି। ମୋର ବିଶ୍ୱାସ ଯେ ଜଣେ ପେସାଦାର ଟେନିସ୍ ଖେଳାଳି ଭାବରେ ମୋର ପ୍ରଥମ ବିଜୟର ଆନନ୍ଦ ପରେ ମୁଁ ବର୍ତ୍ତମାନ ପୂର୍ଣ୍ଣ ସର୍କଲର ଶେଷ ପର୍ଯ୍ୟାୟକୁ ଆସିଛି। ୨୦୦୪ ରେ ଡେଭିସ୍ କପ୍ ଫାଇନାଲ୍ ହୋଇଥିଲା। ମୁଁ ନିଜକୁ ସୁପର ସୁପର ଭାଗ୍ୟବାନ ମନେ କରେ ଯାହା ମୁଁ ବହୁତ ଅନୁଭବ କରିଛି।




# ବିପଦ ବେଳେ ଆଇପିଏଲ୍‌କୁ ସହଯୋଗ କରିଥିଲେ ରତନ ଟାଟା

**ମୁମ୍ବାଇ, ୧୦।୧୦:** ୮୬ ବର୍ଷ ବୟସରେ ଆଖି ବୁଜିଛନ୍ତି ବିଶ୍ୱର ସୁପ୍ରତିଷ୍ଠିତ ଶିଳ୍ପପତି ରତନ ନବଲ ଟାଟା। ଭାରତର ଇକୋସିଷ୍ଟମ ପ୍ରତି ତାଙ୍କ ଅବଦାନ ଚିର ସ୍ମରଣୀୟ ରହିବ। କେବଳ ଶିଳ୍ପ କି ବ୍ୟବସାୟ ନୁହେଁ, କ୍ରୀଡ଼ା କ୍ଷେତ୍ର ପ୍ରତି ରତନ ଟାଟାଙ୍କର ବଳିଷ୍ଠ ଅବଦାନ ରହିଛି। ବହୁ ବିଶିଷ୍ଟ କ୍ରିକେଟରଙ୍କୁ ସଫଳତାର ପାହାଚ ଚଢ଼ିବାରେ ସହାୟତା କରିବା ସହ ଇଣ୍ଡିଆନ ପ୍ରିମିୟର ଲିଗ୍‌କୁ ବିପଦ ସମୟରେ ସହଯୋଗ କରିଥିଲେ ରତନ ଟାଟା।

୨୦୨୦ରେ ଭାରତ ଏବଂ ଚୀନ୍ ମଧ୍ୟରେ ହୋଇଥିବା ସୀମା ବିବାଦ ସମୟରେ ଇଣ୍ଡିଆନ ପ୍ରିମିୟର ଲିଗ୍‌କୁ ସହଯୋଗ କରିଥିଲା ଟାଟା ଗ୍ରୁପ୍। କାରଣ ଏହି ସମୟରେ ପୂର୍ବରୁ ପ୍ରାୟୋଜକ ରହି ଆସିଥିବା ଚୀନର ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀ ଭିଭୋ ସ୍ପୋନ୍ସରସିପ୍ ପ୍ରତ୍ୟାହାର କରି ନେଇଥିଲେ। ଏହି ସମୟରେ ବିସିସିଆଇକୁ ସହାୟତାର ହାତ ବଢ଼ାଇଥିଲା ଟାଟା।

ସେବେଠାରୁ ଆଇପିଏଲର ପ୍ରତ୍ୟକ ସିଜିନକୁ ସ୍ପୋନ୍ସର କରୁଛି ଟାଟା। ୨୦୨୪ ସିଜନ୍ ପର୍ଯ୍ୟନ୍ତ ଏହି ଚାରି ବର୍ଷ ମଧ୍ୟରେ ଟାଟା ଆଇପିଏଲ ଲିଗ୍ ସହ ୨୫୦୦ କୋଟି ଟଙ୍କାର ଡିଲ୍ କରି ରେକର୍ଡ ଭାଙ୍ଗିଛି। ରତନ ଟାଟାଙ୍କ ଏହି ସମର୍ଥନ କେବଳ ପୁରୁଷ ବର୍ଗଙ୍କ ପାଇଁ ନୁହେଁ, ମହିଳା କ୍ରିକେଟ ପ୍ରତି ମଧ୍ୟ ଅବଦାନ ରହିଛି। ଟାଟା ଗ୍ରୁପ୍ ୱମେନ୍ସ ପ୍ରିମିୟର ଲିଗକୁ ବି ପ୍ରାୟୋଜିତ କରିଥିଲା। ୨୦୨୩ରେ ବିସିସିଆଇ ମହିଳା ପ୍ରିମିୟର ଲିଗ ଆରମ୍ଭ କରିବାଠାରୁ ଟାଟା ଏହାର ପ୍ରାୟୋଜକ ରହିଛି ଏବଂ ୨୦୨୭ ପର୍ଯ୍ୟନ୍ତ ଏହି ଡିଲ୍ କରାଯାଇଛି। ଟାଟା ୨୦୨୭ ପର୍ଯ୍ୟନ୍ତ ହିଳା ପ୍ରିମିୟର ଲିଗକୁ ପ୍ରାୟୋଜିତ କରିବ।

### କ୍ରିକେଟରଙ୍କୁ ତିଆରି କରିଥିଲା ଟାଟା ଗ୍ରୁପ୍ କମ୍ପାନୀ

ଭାରତର ପୂର୍ବତନ କ୍ରିକେଟର ଫାରୁଖ ଇଞ୍ଜିନିୟର, ମୋହିନ୍ଦର ଅମରନାଥ, ସଞ୍ଜୟ ମଞ୍ଜେକର, ରବିନ ଉଥାପ୍ପା ଏବଂ ଭିଭିଏସ ଲକ୍ଷ୍ମଣଙ୍କ ପରି ଷ୍ଟାର୍ କ୍ରିକେଟରଙ୍କୁ ପ୍ଲାଟଫର୍ମ ଦେଇଥିଲା ଟାଟା ଗ୍ରୁପ୍। ଟାଟା ଗ୍ରୁପ୍ ଅଧୀନରେ ଥିବା ବିଭିନ୍ନ କମ୍ପାନୀ ଏମାନଙ୍କୁ ସହାୟତାରେ ହାତ ବଢ଼ାଇଥିଲେ। ସେହିପରି ଜାଭଗଲ ଶ୍ରୀନାଥ, ହରଭଜନ ସିଂହ, ଯୁବରାଜ ସିଂହ ଏବଂ ମହମ୍ମଦ କୈଫଙ୍କୁ ମଧ୍ୟ ଟାଟା ଗ୍ରୁପ୍ ପ୍ଲାଟଫର୍ମ ପ୍ରଦାନ କରିଥିଲା। ବର୍ତ୍ତମାନର ଷ୍ଟାର୍ କ୍ରିକେଟର ଶାର୍ଦ୍ଦୁଲ ଠାକୁର ଏବଂ ଜୟନ୍ତ ଯାଦବ ମଧ୍ୟ ସଙ୍କଟ ସମୟରେ ଟାଟା ଗ୍ରୁପର ସହଯୋଗରେ ପରିଚିତ ହୋଇ ପାରିଛନ୍ତି। ଟାଟା ଗ୍ରୁପ୍ ଏହି କ୍ରିକେଟରମାନଙ୍କୁ ଘଡ଼ିସନ୍ଧି ମୁହୂର୍ତ୍ତରେ ନିଯୁକ୍ତିର ସୁଯୋଗ ଦେବା ସହ ଖେଳ ଅଭ୍ୟାସ ପାଇଁ ସହଯୋଗ କରିଥିଲା। ଫଳରେ ଏମାନେ ପରବର୍ତ୍ତୀ ସମୟରେ କ୍ରିକେଟର ଭାବେ ପରିଚିତ ହେବାର ସୁଯୋଗ ପାଇଥିଲେ।

**ପାକିସ୍ତାନ-ଇଂଲଣ୍ଡ ପ୍ରଥମ ଟେଷ୍ଟ**

# ରୁଟଙ୍କ ଦ୍ୱିଶତକ ପରେ ବ୍ରୁକଙ୍କ ତ୍ରିଶତକ



ମୁଲତାନ, ୧୦।୧୦: ଏଠାରେ ଚାଲିଥିବା ପାକିସ୍ତାନ-ଇଂଲଣ୍ଡ ପ୍ରଥମ ଟେଷ୍ଟ ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି। ପାକିସ୍ତାନର ପ୍ରଥମ ଇନିଂସ ସ୍କୋର ୫୫୬ ରନ ଜବାବରେ ଇଂଲଣ୍ଡ ଏହାର ପ୍ରଥମ ଇନିଂସରେ ୭ ୱିକେଟରେ ୮୨୩ ରନ କରି ପାଳି ସମାପ୍ତି ଘୋଷଣା କରିଛି। ଏହା ପଳରେ ଇଂଲଣ୍ଡ ଦଳ ପାକିସ୍ତାନଠାରୁ ପ୍ରଥମ ଇନିଂସରେ ୨୬୭ ରନରେ ଅଗ୍ରଣୀ ହାସଲ କରିଛି। ଇଂଲଣ୍ଡ ପକ୍ଷରୁ ଜୋ ରୁଟ ଦ୍ୱିଶତକ ହାସଲ କରିବା ପରେ ହ୍ୟାରି ବ୍ରୁକ ତ୍ରିଶତକ ହାସଲ କରିଛନ୍ତି। ରୁଟ ୩୭୫ ବଲରୁ ୧୭ଟି ଚୌକା ସହ ୨୬୨ ରନ ରନ କରି ଆଘା ସଲମାନଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିବା ବେଳେ ବ୍ରୁକ ୩୨୨ ବଲରୁ ୨୯ଟି ଚୌକା ଏବଂ ୩ଟି ଛକ୍କା ସହାୟତାରେ ୩୧୭ ରନ କରି ଆଉଟ ହୋଇଥିଲେ। ପାକିସ୍ତାନ ପକ୍ଷରୁ ନସିମ ଶାହ ଏବଂ ଆୟୁବ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଖେଳର ପଞ୍ଚମ ଦିନରେ ପିଚ ସ୍ପିନରଙ୍କୁ ସୁହାଇବା ଆଶା କରାଯାଉଛି। ତେଣୁ ଇଂଲଣ୍ଡ ବୋଲରମାନେ ଯଦି ପାକ୍ ବୋଲରଙ୍କ ଉପରେ ଚାପ ପକାଇବାରେ ସଫଳ ହେବେ ତେବେ ଏହି ନିର୍ଜୀବ ପିଚରେ ମଧ୍ୟ ଫଳାଫଳ ବାହାରିବା ସମ୍ଭାବନା ରହିଛି।

# କ୍ଷମା ମାଗିଲେ ବାଂଲାଦେଶ କ୍ରିକେଟର **ସାକିବ**



**ଢାକା, ୧୦।୧୦:** ବାଂଲାଦେଶରେ ନିକଟରେ ହୋଇଥିବା ଭୟଙ୍କର ଛାତ୍ର ଆନ୍ଦୋଳନ ଓ ସରକାର ପତନ ବେଳେ ବାଂଲାଦେଶ କ୍ରିକେଟର ଷ୍ଟାର ଅଲରାଉଣ୍ଡର ସାକିବ ଅଲ ହାସନ ତୁଣ୍ଡ ଖୋଲି ନଥିଲେ। ହିଂସାରେ ଅନେକ ଲୋକ ପ୍ରାଣ ହରାଇବା ସହ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶ ଛାଡ଼ି ପଳାଇଥିଲେ। ଏତେ ସବୁ ପରେ ବି ସାକିବ ଚୁପ ରହିଥିଲେ। ଏହାକୁ ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏବେ ସେ ନିଜର ନୀରବତା ପାଇଁ ଦେଶବାସୀଙ୍କୁ କ୍ଷମା ମାଗିଛନ୍ତି।

ବାଂଲାଦେଶର ମୀରପୁରରେ ନିଜର ଶେଷ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଲକ୍ଷ୍ୟ ରଖିଥିବା ସାକିବ ଦେଶବାସୀଙ୍କୁ କ୍ଷମା କରିଦେବାକୁ ଅନୁରୋଧ କରିଛନ୍ତି। ଦେଶ ଛାଡ଼ି ଦେଇଥିବା ହସିନାଙ୍କ ଆବାମୀ ଲିଗ ନେତୃତ୍ୱାଧୀନ ସରକାରର ସାଂସଦ ଥିଲେ ସାକିବ। ହସନା ଦେଶ ଛାଡ଼ିବା ପରେ ସାକିବଙ୍କ ଅଡୁଆ ବଢ଼ିଥିଲା। ତାଙ୍କ ନାଁରେ ଏକାଧିକ ହତ୍ୟା ମାମଲା ବାଂଲାଦେଶରେ ରୁଜୁ କରାଯାଇଥିଲା। ଏପରି ସ୍ଥିତିରେ ସେ ବାଂଲାଦେଶରେ ଟେଷ୍ଟ ଖେଳି ପାରିବେ କି ନାହିଁ, ତା'କୁ ନେଇ ସସପେନ୍ସ ଜାରି ରହିଛି। ଏବୁ ଭିତରେ ସାକିବ ଦେଶବାସୀଙ୍କୁ କ୍ଷମା ମାଗିଛନ୍ତି। ସେ କହିଛନ୍ତି, "ପ୍ରଥମତଃ ମୁଁ ଆନ୍ଦୋଳନ ବେଳେ ବଳିଦାନ ଦେଇଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଶୋକ ପ୍ରକାଶ କରି ସମ୍ମାନ ଜଣାଉଛି। ଲୋକଙ୍କୁ ଦମନ ବେଳେ ସହିଦ ହୋଇଥିବା ଓ ଆହତ ହୋଇଥିବା ଲୋକଙ୍କ ପ୍ରତି ମୋର ସମବେଦନା ରହିଛି। ସେମାନଙ୍କୁ ଓ ସେମାନଙ୍କ ପରିବାର ବର୍ଗକୁ ମୁଁ ଶୋକ ଜଣାଉଛି। ନିଜ ପ୍ରିୟଜନଙ୍କୁ ହରାଇବାର ଶୂନ୍ୟତାକୁ କୌଣସି କ୍ଷତିପୂରଣ ଭରଣ କରିପାରିବ ନାହିଁ। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମୋ ନୀରବତା ଯୋଗୁ ଆଘାତ ପାଇଥିବା ଲୋକଙ୍କ ଭାବନାକୁ ମୁଁ ହୃଦୟରୁ ସମ୍ମାନ କରୁଛି ଓ ବେଶ ନମ୍ରତାର ସହ କ୍ଷମା ମାଗୁଛି। ଯଦି ମୁଁ ଆପଣଙ୍କ ସ୍ଥାନରେ ଥାଆନ୍ତି, ତା'ହେଲେ ମୁଁ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥାଆନ୍ତି।" ଆନ୍ଦୋଳନ ବେଳେ ସାକିବ Bangla Tigers Mississaugaର ନେତୃତ୍ୱ Global T20 Canadaରେ ନେଉଥିଲେ। ବାଂଲାଦେଶରେ ପ୍ରବଳ ହିଂସାକାଣ୍ଡ ଚାଲିଥିବା ବେଳେ ସେ ଚୁପ ରହିଥିଲେ। ପାକିସ୍ତାନ ବିପକ୍ଷ ଟେଷ୍ଟରେ ସେ ରାୱଲପିଣ୍ଡିରେ ଖେଳୁଥିବା ବେଳେ ବାଂଲାଦେଶରେ ଆବାମୀ ଲିଗର ଅନେକ ନେତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଏମାନଙ୍କ ମଧ୍ୟରେ ସାକିବଙ୍କ ନାଁ ମଧ୍ୟ ରହିଥିଲା।

ଅକ୍ଟୋବର ୨୧ରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ନିଜର ଶେଷ ଟେଷ୍ଟ ଖେଳିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଥିଲେ। ହେଲେ ବାଂଲାଦେଶ କ୍ରିକେଟ ବୋର୍ଡ ତାଙ୍କ ସୁରକ୍ଷାର ଗ୍ୟାରେଣ୍ଟୀ ନେଇ ପାରିବ ନାହିଁ କହିଥିଲା। ନିଜର ଫେସବୁକ ପୋଷ୍ଟରେ ସାକିବ କ୍ରିକେଟରେ ସଫଳତା ପାଇବା ସତ୍ତ୍ୱେ କାହିଁକି ରାଜନୀତିରେ ଯୋଗ ଦେଇଥିଲେ, ସେକଥା ମଧ୍ୟ କହିଛନ୍ତି। ସେ କହିଛନ୍ତି, "ମୁଁ କିଛି ସମୟ ପାଇଁ ମାଗୁରା-୧ ନିର୍ବାଚନ ମଣ୍ଡଳୀରୁ ସାଂସଦ ହୋଇଥିଲି। ମାଗୁରାର ବିକାଶ ପାଇଁ ମୁଁ ରାଜନୀତିକୁ ଆସିବାକୁ ଇଚ୍ଛା ପ୍ରକାଶ କରିଥିଲି। ବାଂଲାଦେଶରେ ନିଜର ଅଞ୍ଚଳକୁ ବିକାଶ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଜରୁରୀ ବୋଲି ଆପଣମାନେ ଭଲ ଭାବେ ଜାଣିଛନ୍ତି। ମୋ ଅଞ୍ଚଳର ବିକାଶ ପାଇଁ ମୁଁ ସାଂସଦ ହେବାକୁ ଇଚ୍ଛା କରିଥିଲି। ତଥାପି ବାଂଲାଦେଶରେ ମୋର ପ୍ରମୁଖ ପରିଚୟ ହେଉଛି ଯେ ମୁଁ ଜଣେ କ୍ରିକେଟର। ମୁଁ ଯେଉଁ ରୁହେ ଓ ଯେଉଁ ସ୍ଥାନରେ ରହିଲେ ମଧ୍ୟ କ୍ରିକେଟ ସବୁବେଳେ ମୋ ହୃଦୟରେ ରହିବ।" ସାକିବ ନିଜର ଟେଷ୍ଟ ମ୍ୟାଚ୍ ଖେଳିବାକୁ ପ୍ରସ୍ତୁତ ହେଉଥିବାରୁ ବାଂଲାଦେଶ ଫ୍ୟାନ୍ସକୁ ତାଙ୍କ ପଛରେ ଛିଡ଼ା ହେବାକୁ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଲ୍‌ବିଦା...

ବିଶିଷ୍ଟ ବ୍ୟକ୍ତି, ସାଧାରଣ ଜନତା ସ୍ୱର୍ଗତ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଅପରାହ୍ଣ ପ୍ରାୟ ୩.୩୦ରେ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ଏନ୍‌ସିପିଏ ଠାରୁ ପ୍ରାୟ ୧୩ କିମି ଦୂର ୱର୍ଲି ଶ୍ମଶାନକୁ ନିଆଯାଇଥିଲା। ମରଶରୀର ନେଉଥିବା ଟ୍ରକ୍ ଆଗରେ ୟେଜ୍‌ଦି ବାଇକ୍ ଶୋଭାଯାତ୍ରା ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଜନତା ସ୍ୱର୍ଗତ ଟାଟାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳ ଜଣାଇଥିଲେ। ଅପରାହ୍ଣ ୪ଟା ପରେ ପାର୍ସୀ ରୀତି ନୀତି ସମ୍ପନ୍ନ କରାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

ରତନ ଟାଟାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ, ଆର୍‌ଏସ୍ ମୁଖ୍ୟ ମୋହନ ଭାଗବତ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ, କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେ, ସାଂସଦ ରାହୁଲ ଗାନ୍ଧି, ବ୍ରିଟିସ୍ ବାଣିଜ୍ୟ ସଚିବ ଜୋନାଥନ ରିନଲ୍ଡ, ଅମୀର ଖାନ୍, ପ୍ରମୁଖ ଶୋକ ବ୍ୟକ୍ତ କରି ରତନ ଟାଟାଙ୍କ ବିୟୋଗ ଶିଳ୍ପ ଜଗତର ଅପୂରଣୀୟ କ୍ଷତି ବୋଲି କହିଛନ୍ତି।

ରିନ ଟାଟାଙ୍କ ପ୍ରତି ସମ୍ମାନ ଜଣାଇ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଦିନଟିଏ ଶୋକ ପାଳନ କରାଯାଇଛି। ରାଜ୍ୟର ବିଭିନ୍ନ ସରକାରୀ କୋଠାରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। ଏହାସହିତ ମରଣୋତ୍ତର ଭାବେ ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ ନିମିତ୍ତ ରାଜ୍ୟ କ୍ୟାବିନେଟ୍‌ରେ ପ୍ରସ୍ତାବ ପାରିତ ହୋଇଛି। ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ମଧ୍ୟ ଦିନଟିଏ ରାଷ୍ଟ୍ରୀୟ ଶୋକ ପାଳନ କରାଯାଇଛି।

### ସରଗରମ...

ସକାଳ ୯ଟା ୩୦ରେ କଟକରେ ପହଞ୍ଚି ଚୌଧୁରୀ ବଜାର, ଚାନ୍ଦିନୀଚୌକ ଓ ମଙ୍ଗଳାବାଗ ସମେତ ୧୫ଟି ପୂଜା ମଣ୍ଡପରେ ଦେବୀଙ୍କୁ ଦର୍ଶନ କରିବେ। ସେହିପରି ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଅଷ୍ଟମୀ, ନବମୀ ଓ ଦଶମୀରେ କଟକ ଯାଇ ପୂଜା ମଣ୍ଡପ ବୁଲିପାରନ୍ତି। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ଦଳୀୟ କର୍ମୀଙ୍କ ସହ ପୂଜା ମଣ୍ଡପ ବୁଲିବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

### ବିଜେଡିର...

ଉଭୟ ରାଜ୍ୟରେ ହାତ ମିଳାଇବେ ତେବେ ବିଜେପିକୁ ପଛକୁ ଠେଲିଦେବା କିଛି ବଡକଥା ନୁହେଁ । ବିଜେପି ନେତୃବୃନ୍ଦ ଏହା ଉପରେ ସତର୍କ ଦୃଷ୍ଟି ରଖିବା ଜରୁରୀ ହୋଇପଡିଛି।
ଅନ୍ୟ ପକ୍ଷରେ ହରିଆନା ନିର୍ବାଚନ ପରେ ବିଜେଡିର କଂଗ୍ରେସ ପ୍ରେମରେ ଭଟ୍ଟା ପଡିଥିବାବେଳେ ଦଳର ଗୋଟିଏ ଗୋଷ୍ଠି କିନ୍ତୁ ଆଗାମୀ ମହାରାଷ୍ଟ୍ର ଓ ଝାଡଖଣ୍ଡ ବିଧାନସଭା ନିର୍ବାଚନକୁ ଅପେକ୍ଷା କରିଛନ୍ତି। ଏଠାରେ ଯଦି କଂଗ୍ରେସ ଭଲ ଫଳାଫଳ କରିବ ତେବେ ପୁଣିଥରେ ପ୍ରେମ ସମ୍ପର୍କ ଆଗକୁ ବଢିବ ବୋଲି କୁହାଯାଉଛି । ସେ ପର୍ଯ୍ୟନ୍ତ କଂଗ୍ରେସ କିମ୍ବା ଇଣ୍ଡି ମେଣ୍ଟ ବିରୁଦ୍ଧରେ କିଛି ନକହିବାପାଇଁ ବିଜେଡି ନିଷ୍ପତ୍ତି ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ଆଗାମୀ ଦିନରେ ବିଜେଡି-କଂଗ୍ରେସ ପ୍ରେମକୁ ବିଜେଡିରେ ଥିବା କଂଗ୍ରେସିଆମାନେ କେତେଦୂର ଆଗକୁ ନେବେ ତାହା ଉପରେ ଏବେ ସମସ୍ତଙ୍କ ନଜର ।

### ହାନ୍ କଙ୍ଗଙ୍କୁ ...

ମାନବ ଜୀବନର ଦୁର୍ବଳତାକୁ ଉନ୍ମୋଚନ କରିଛନ୍ତି। ଶରୀର ଓ ଆତ୍ମା, ଜୀବିତ ଓ ମୃତଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ତାଙ୍କର ଏକ ଅନନ୍ୟ ସଚେତନତା ରହିଛି। ତାଙ୍କ କାବ୍ୟ ଓ ପରୀକ୍ଷାମୂଳକ ଶୈଳୀରେ ସେ ସମସାମୟିକ ଗଦ୍ୟରେ ଜଣେ ଉଦ୍ଭାବକ ପାଲଟିଛନ୍ତି। ୧୯୯୪ରେ ସେ ରେଡ୍ ଆଙ୍କର ନାଁରେ ପ୍ରଥମ ଉପନ୍ୟାସ ଲେଖିଥିଲେ। ସେହିପରି ୧୯୯୫ରେ 'ୟେଓସୁ' ନାମକ ପ୍ରଥମ ଲଘୁ କାହାଣୀ ଲେଖିଥିଲେ। ତାଙ୍କ ଦ୍ୱାରା ଲିଖିତ ଏକ ଲଘୁ କାହାଣୀ ସଂକଳନ ବ୍ୟତୀତ ଫ୍ରୁଟ୍ସ ଅଫ୍ ମାଇ ୱିମେନ୍(୨୦୦୦), ଫାୟାରା ସାଲାମାଣ୍ଡର(୨୦୧୨), ବ୍ଲାକ ଡିଅର(୧୯୯୮) ଆଦି ଉପନ୍ୟାସ ଲେଖିଛନ୍ତି। କବିତା ସଂକଳନ 'ଆଇ ପୁଟ ଦ ଇଭନିଂ ଇନ୍ ଦ ଡ୍ରୟର'(୨୦୧୩) ରେ ପ୍ରକାଶିତ ହୋଇ ଖୁବ୍ ଲୋକପ୍ରିୟତା ସାଉଁଟିଥିଲା।

ସୂଚନାଯୋଗ୍ୟ, ଅକ୍ଟୋବର ୭ରୁ ଚଳିତ ବର୍ଷର ନୋବେଲ ବିଜେତାଙ୍କ ନାମ ଘୋଷଣା କରାଯାଉଛି। ବର୍ତ୍ତମାନ ସୁଦ୍ଧା ମେଡିସିନ, ଫିଜିକ୍ସ ଏବଂ କେମିଷ୍ଟ୍ରୀ ପାଇଁ ବିଜେତାଙ୍କ ନାମ ଘୋଷଣା ସରିଛି। ନୋବେଲ ବିଜେତାଙ୍କୁ ପୁରସ୍କାର ରାଶି ସ୍ୱରୂପ ୧୦ ନିୟୁତ ସ୍ୱିଡେନ କ୍ରୋନୋର (ପ୍ରାୟ ୯୦୦,୦୦୦ ଡଲାର) ଦିଆଯାଏ।

### ତେଲମରାଙ୍କୁ ...

ମିଶ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି । କାର୍ଯ୍ୟ ଆରମ୍ଭ କରିବାର କିଛି ଦିନ ମଧ୍ୟରେ ଏହି ଦୁଇ ଅଫିସର ଆଇଆଇସିରୁ ଆରମ୍ଭ କରି ଆଡିସନାଲ ଡିସିପି ରାଙ୍କ ଅଫିସରଙ୍କ ଏକ ଲିଷ୍ଟ ପ୍ରସ୍ତୁତ କରିଛନ୍ତି। ଯେଉଁ ଲିଷ୍ଟରେ ମୋରମ ଚୋର, ବାଲି ଚୋର, ଚିଟଫଣ୍ଡ ଚୋର, ଜମି ପଯେସନ ମାଫିଆ, ବିଲ୍ଡର ଲିଙ୍କରେ ଥିବା ଅନେକ ଅଫିସରଙ୍କ ନାଁ ରହିଛି । ସେହିପରି ପୁରୁଣା ଅଫିସରଙ୍କ ଗେହ୍ଲାପୁଅ କହି ସିପି ଅଫିସରେ ବସୁଥିବା ଟଙ୍କାଖିଆ ଟିଙ୍କ ନାଁ ସର୍ବାଗ୍ରେ ରହିଛି। ଜିଲ୍ଲା ବାହାରେ ଲାଞ୍ଚ ଖାଇ ସସପେଣ୍ଡ ହୋଇଥିବା କିମ୍ବା ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିବା ଅଫିସରଙ୍କ ନାଁ ମଧ୍ୟ ଲିଷ୍ଟରେ ଅଛି । ସର୍ବୋପରେ ପୂର୍ବ ସରକାରର ଗେହ୍ଲାପୁଅ ବନି ବିଜେଡି ପାଇଁ ଛାତି ଦେଖାଉଥିବା ଅଫିସରଙ୍କୁ କେବିକେ ଜିଲ୍ଲାକୁ ପଠାଇବାକୁ ଯୋଜନା ଚାଲିଥିବା ଖବର ଚର୍ଚ୍ଚା ହେବା ପରେ ସନ୍ୟାସୀଙ୍କ ଚେଲା ଓ ତେଲମରାଙ୍କ ଛାତିରେ ପଶିଛି ଛନକା।

### ମାମଲତକାରଙ୍କ...

ପରଠାରୁ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ବିଷ ଓଗାଳିବାରେ ଲାଗିଛନ୍ତି। ଗତ ନିର୍ବାଚନରେ ବଡଚଣା ଆସନରୁ ବିଜେଡି ତାଙ୍କୁ ଟିକଟ ନଦେଇ ଚଳଚିତ୍ର ଅଭିନେତ୍ରୀ ବର୍ଷାଙ୍କୁ ସେଠାରୁ ପ୍ରାର୍ଥୀ କରିଥିଲା। ବର୍ଷା ଶୋଚନୀୟ ଭାବେ ହାରିଥିଲେ। ଅମର ସେବେଠାରୁ ମାମଲତକାରଙ୍କ ବିରୁଦ୍ଧରେ ବିଷ ଓଗାଳିବା ସହିତ ଏବେ ସଭ୍ୟ ସଂଗ୍ରହ ଅଭିଯାନକୁ ବୟକଟ୍ କରିଛନ୍ତି।

କଟକ ବିଜେଡିର ଆଉ ଦୁଇ ବରିଷ୍ଠ ନେତା ପୂର୍ବରୁ ବ୍ୟାପକ ଭାବେ ନିର୍ଯ୍ୟାତିତ ହୋଇ ଦଳ ଛାଡିଛନ୍ତି। ଏମାନେ ହେଲେ ସାତ ଥରର ସାଂସଦ ଭର୍ତ୍ତୃହରି ମହତାବ ଓ ସାଂସଦ ତଥା ଚଳଚିତ୍ର ତାରକା ଅନୁଭବ ମହାନ୍ତି। ମାମଲତକାରମାନେ ଭର୍ତ୍ତୃହରିଙ୍କୁ କୋଣଠେସା କରିବାପରେ ସେ ବିଜେପିରେ ମିଶି ପୁଣି କଟକରୁ ସାଂସଦ ହୋଇଛନ୍ତି। ଅନୁଭବ ଯଦିଓ ଏଥର ନିର୍ବାଚନ ଲଢିନଥିଲେ କିନ୍ତୁ ତାଙ୍କର ଲୋକପ୍ରିୟତା ଏବେ ବଜାୟ ରହିଛି। ଯୁବ ଭୋଟରଙ୍କର ସିଏ ଏବେ ବି ପ୍ରଥମ ପସନ୍ଦ ରହିଛନ୍ତି।

ବିଜେଡିର ମାମଲତକାରମାନଙ୍କ ଏଭଳି କାର୍ଯ୍ୟକୁ ପୂର୍ବରୁ ମୁଣ୍ଡପାତି ସହିଥିବା ନେତାମାନେ ଆଉ ସହିବା ଅବସ୍ଥାରେ ନାହାନ୍ତି। କାରଣ ସେମାନେ ଦେଖିଲେଣି ମାମଲତକାରମାନେ ପୁଣି ଉତ୍ପାତ ଆରମ୍ଭ କରିବା ସହିତ ଦଳକୁ ବୁଡାଇବା କାର୍ଯ୍ୟ କରୁଛନ୍ତି। ତେଣୁ ନିଜର ରାଜନୈତିକ ଭବିଷ୍ୟତ ସଫା ହୋଇଯିବା ପୂର୍ବରୁ ସେମାନେ ଏବେ ଆକ୍ରମଣାତ୍ମକ ମୁଦ୍ରାରେ ଉପନୀତି ହୋଇଛନ୍ତି। କଟକରେ ସୌଭିକ ଏହାର ମୂଳଦୂଆ ପକାଇଥିବାବେଳେ ଆଗାମୀ ଦିନରେ ଏହି ଦୃଶ୍ୟ ବହୁ ଜିଲ୍ଲାରେ ଦେଖିବାକୁ ମିଳିବ ଏବଂ ପ୍ରକାଶଙ୍କ ଭଳି ଅନେକ ବିଜେଡିକୁ ବାଏ ବଏ କରିବା ସହିତ ମାମଲତକାରଙ୍କ ଗାଲରେ ଚାପୁଡା କଷିବେ ବୋଲି ଖୋଦ ବିଜେଡି କର୍ମୀମାନେ ଆଲୋଚନା କରୁଛନ୍ତି।



ସହିଦ ନଗର ପୂଜା ମଣ୍ଡପରେ ନିର୍ମିତ ତୋରଣ।

# ରଙ୍ଗୀନ ଆଲୋକମାଳାରେ ଝଲସୁଛି ସହର

**ଭୁବନେଶ୍ୱର/କଟକ,୧୦।୧୦ (ସଂଚାର ବ୍ୟୁରୋ):** ଶାରଦୀୟ ଦୁର୍ଗାପୂଜା ଅବସରରେ ଟ୍ୱିନ୍ ସିଟିରେ ଗୁରୁବାର ପୀଠରେ ମହାଷ୍ଟମୀ ପାଳନ କରାଯାଇଛି। ଶ୍ରଦ୍ଧାଳୁମାନେ ଭକ୍ତିର ସହିତ ମା'ଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି। ପୂଜା ମଣ୍ଡପରେ ଆଜି ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଚକ୍ଷୁଦାନ ପରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିଛନ୍ତି। ରୁଛନ୍ତି। ସହରାଞ୍ଚଳରେ ବ୍ୟୟବହୁଳ ପୂଜା ହେଉଛି। ରାଜଧାନୀ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଆଦି ସହରରେ ସୁସଜ୍ଜିତ ଦୁର୍ଗା ମେଢ଼ ମେଢ଼, ତୋରଣ ଓ ଆଲୋକମାଳା ଲୋକଙ୍କୁ ଆକର୍ଷଣ କରୁଛି।

ମହାସପ୍ତମୀ ଅବସରରେ ମଣ୍ଡପରେ ଚଣ୍ଡୀପାଠ ଚାଲିଛି। ମା'ଙ୍କ ଆବାହନୀ ମନ୍ତ୍ରରେ ମୁଖରିତ ହେଉଛି ମଣ୍ଡପ। ମହାସପ୍ତମୀରେ ଧରାପୃଷ୍ଠରେ ଆବିର୍ଭୁତା ମାଆ ଜଗତଜନନୀ ଦୁର୍ଗାଙ୍କ ସ୍ନାନ ପରେ ମାର୍ଜଣା, ନବପତ୍ରିକା, ଚକ୍ଷୁଦାନ ଓ ଶେଷରେ ହୋଇଛି ପ୍ରାଣପ୍ରତିଷ୍ଠା। ତା' ପରଠୁ ଅନ୍ୟାନ୍ୟ ବିଧି ବିଧାନରେ ପୂଜାପାଠ ସହ ଆବରଣ ଖୋଲିବା ପରେ କମନୀୟ ରୂପ ଲାବଣ୍ୟରେ ଝଟକୁଥିବା ମାଆଙ୍କ ଦର୍ଶନ ଲାଗି ମଣ୍ଡପଗୁଡ଼ିକରେ ଭିଡ଼ ହୋଇଛି। ପାଗ ଅନୁକୂଳ ଥିବାରୁ ଭିଡ଼ ଅଧିକ ରହିଛି।

କଟକରେ ସୁନା-ଚାନ୍ଦି ମେଢ଼ ଭଳି ଭୁବନେଶ୍ୱରରେ ବି ଏବର୍ଷ ତୋରଣକୁ ନେଇ ହୋଇଛି ନାନା ଏକ୍ସପେରିମେଣ୍ଟ। ପୁରୁଣା ଷ୍ଟେସନ ବଜାର ପୂଜା ମଣ୍ଡପରେ ଶୋଭା ପାଉଛି କାମ୍ବୋଡ଼ିଆର ଆଙ୍ଗକୋର୍ ୱାଟ୍ ଆକୃତିର ତୋରଣ। ଏହା ସହିତ ୨ କ୍ୱିଣ୍ଟାଲରୁ ଅଧିକ ଚାନ୍ଦି ସହ ଏକ କେଜିର ସୁନା ଅଳଙ୍କାର ଧାରଣ କରିଥିବା ମା'ଙ୍କ ପ୍ରତିମୂର୍ତ୍ତି ଆକର୍ଷିତ କରୁଛି। ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପରେ ପୋଡ଼ାମାଟିର ଟେରାକୋଟା କଳା ସହ ବାଉଁଶ, ତାଟିରେ ନିର୍ମିତ ହୋଇଛି ତୋରଣ।

ଶକ୍ତିପୀଠରେ ଚାଲିଛି ମା'ଙ୍କ ମହାଷ୍ଟମୀ ପୂଜା। ବାଣପୁରର ମା'ଭଗବତୀ, ଯାଜପୁରର ମା' ବିରଜା ଏବଂ ଗଞ୍ଜାମର ମା' ତାରାତାରିଣୀଙ୍କ ପୀଠରେ ପୂଜା ଚାଲିଛି। ଶୁକ୍ରବାର ଭବାନୀପାଟଣାରେ ବିରାଜିତା ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ଅନୁଷ୍ଠିତ ହେଉଛି। ଗୁରୁବାର ରାତିରେ ମା'ଙ୍କ ଗୁପ୍ତପୂଜା ଓ ସନ୍ଧିପୂଜା ପରେ ଭୋରରୁ ଜେନାଖାଲରୁ ମା'ଙ୍କ ଚଳନ୍ତି ପ୍ରତିମା ତଥା ବିଜୟ ଛତରକୁ ଅଣାଯିବ ମାଣିକେଶ୍ୱରୀ ମନ୍ଦିର। ଏଥିପାଇଁ ସହରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।

# ସିଂହବାହିନୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



**କାକଟପୁର, ୧୦।୧୦ (ସଂଚାର ବ୍ୟୁରୋ) :** ଶାରଦୀୟ ପାର୍ବଣ ପୂଜାର ସପ୍ତମୀ ତିଥିରେ ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପ୍ରସିଦ୍ଧ ସିଂହବାହିନୀ ବେଶ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ କାଳରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଙ୍କର ପହୁଡ ଖୋଲିବା ପରେ ମଙ୍ଗଳ ଆଳତୀ, ଅବକାଶ ବେଶ କରାଯିବା ପରେ ସହାଣମେଲା କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବଲ୍ଲଭ ପରେ ମା'ଙ୍କର ଷୋଡଶଉପଚାର ପୂଜା ବିଧି ରୀତିନୀତି ଅନୁଯାୟୀ ସକାଳ ଧୂପ, ଦ୍ୱିପହର ଧୂପ ଓ ଭଅଣ୍ଡ ନୀତି ଅନୁଷ୍ଠିତ ହେବା ପରେ ପହୁଡ଼ ପଡିଥିଲା । ପରେ ସନ୍ଧ୍ୟା ଆଳତି ଓ ସ୍ନାନ ମାର୍ଜନା କରାଯିବା ପରେ ମା'ଙ୍କର ପ୍ରସିଦ୍ଧ ସିଂହବାହିନୀ ବେଶ ଆରମ୍ଭ କରାଯାଇଥିଲା । ମନ୍ଦିର ପ୍ରଶାସନ ପକ୍ଷରୁ ମା'ଙ୍କ ପାଇଁ ପାଟ ବସ୍ତ୍ର, ସ୍ୱର୍ଣ୍ଣ ଆଭୂଷଣ ଓ ଅସ୍ତ୍ରଶସ୍ତ୍ର ଆଦି ଯୋଗାଇ ଦିଆଯିବା ସହିତ ଏକ କାଷ୍ଠ ନିର୍ମିତ ସିଂହ ମା'ଙ୍କୁ ଲାଗି କରାଯାଇଥିଲା । ସିଂହକୁ ଏପରି ଭାବେ ଲଗାଯାଇଥିଲା କି ଯେପରି ମା' ସିଂହ ପୃଷ୍ଠରେ ଉପବେଶନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

କିମ୍ବଦନ୍ତୀ ଅନୁସାରେ ଆଜିର ଦିନରେ ମହିଷାସୁରକୁ ବଧ ନିମନ୍ତେ ସମସ୍ତ ଦେବତାମାନେ ମା' ଦୁର୍ଗାଙ୍କୁ ନିଜ ନିଜର ଅସ୍ତ୍ରଶସ୍ତ୍ର ପ୍ରଦାନ କରିବା ସହିତ ବାହାନ ଭାବେ ସିଂହକୁ ଅର୍ପଣ କରିଥିଲେ । ମା'ଙ୍କ ଚଳନ୍ତି ପ୍ରତିମା କନକ ଦୁର୍ଗା ବିମାନରେ ଯାଇ ମହିଷାସୁରକୁ ସନ୍ଧାନ କରି ନିଧନ କରିଥିଲେ। ମନ୍ଦିର ମଧ୍ୟରେ ଚକଡା ବେଦୀରେ ପଂକ୍ତି ଭୋଗ ଲାଗିକରାଯିବା ପରେ ମା'ଙ୍କୁ ସର୍ବସାଧାରଣ ଦର୍ଶନ ନିମନ୍ତେ ସାହାଣମେଲା କରାଯାଇଥିଲା । ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ମା'ଙ୍କୁ ଦର୍ଶନ କରିବା ସହିତ ମାତୃକୃପା ଲାଭ କରିଥିଲେ । ମନ୍ଦିର ପ୍ରଶାସନ ପକ୍ଷରୁ ଟ୍ରଷ୍ଟି ଅର୍ଙ୍କିତା ଆନନ୍ଦିତା, କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ଓ ସେବାୟତ ନିଯୋଗୀ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ସିଂହବାହିନୀ ବେଶ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଏହି ଅବସରରେ ଓଡିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ମାନଙ୍କୁ ନେଇ ଦୁଇ ଦୁଇଟି ସ୍ଥାନରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ମାଙ୍କ ଦର୍ଶନ ପାଇଁ ଆସୁଥିବା ମାତୃଭକ୍ତ ଙ୍କ ପ୍ରବଳ ଲୋକ ସମାଗମକୁ ଦୃଷ୍ଟିରେ ରଖି ନିମାପଡ଼ା ଏସଡିପିଓ, କାକଟପୁର ଥାନା ଅଧିକାରୀଙ୍କ ମିଳିତ ସହଯୋଗରେ ଆଇନଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

# ସୌନ୍ଦର୍ଯ୍ୟ ହରାଉଛି ରେଶମ ସହର

## ସବୁ କାନ୍ଥରେ ବିଜ୍ଞାପନ ପୋଷ୍ଟର, ଚୁପ୍ ବସିଛି ବିଏମ୍‌ସି

**ବ୍ରହ୍ମପୁର, ୧୦।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭାବେ ଗଢି ତୋଳିବାକୁ ଅନେକ ପ୍ରୟାସ କରାଯାଉଛି। ସହରର ସ୍ୱଚ୍ଛତାକୁ ସାଧାରଣ ଲୋକେ ମଧ୍ୟ କିଛି ମାତ୍ରାରେ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ସଫେଇ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଅଲୋକୀକରଣ ବ୍ୟବସ୍ଥା ମାଧ୍ୟମରେ ସହରକୁ ଆହୁରି ସୁନ୍ଦର କରିବାକୁ ମହାନଗର ନିଗମ ପ୍ରୟାସ ଜାରି ରଖିଛି। କିନ୍ତୁ ସହରର କିଛି ବେସରକାରୀ ଅନୁଷ୍ଠାନ ଗୁଡିକ ବିଭିନ୍ନ ଅଞ୍ଚଳର କାନ୍ଥ ଗୁଡିକରେ ପୋଷ୍ଟର ଛପେଇ ଚାଲିଛନ୍ତି। ପୂର୍ବରୁ ବହୁବାର ତାଗିଦ୍ କରାଯିବା ସତ୍ତ୍ୱେ ପୁଣି ସେହି ଅବସ୍ଥା ଦେଖିବାକୁ ମିଳୁଛି। ସହର ସାରା ପୋଷ୍ଟର ବ୍ୟାନର ଆଦି କାନ୍ଥ ଗୁଡିକରେ ଛପା ଯାଉଥିବା ବେଳେ ଏହା ସହରର ସୌନ୍ଦର୍ଯ୍ୟକୁ ସମ୍ପୂର୍ଣ୍ଣ ଫିକା କରୁଛି। ବାସ୍ତବରେ କିଛି ସଂସ୍ଥା ଓ ଅନୁଷ୍ଠାନ ନିଜ ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ସହରର କାନ୍ଥ ଗୁଡିକୁ ବିଜ୍ଞାପନ ପୋଷ୍ଟରରେ ଭର୍ତ୍ତି କରି ନିଜର ପ୍ରଚାର ପ୍ରସାର କରିବାରେ ଲାଗି ପଡିଛନ୍ତି।




ଗତ କିଛି ବର୍ଷ ଧରି ସହରକୁ ପୋଷ୍ଟର ମୁକ୍ତ କରିବା ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲକ୍ଷ୍ୟରେ ଟିମ୍ କ୍ଲିନ୍ ସିଟି ବ୍ରହ୍ମପୁର ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଟିମ୍‌ର ସଦସ୍ୟମାନେ ସହରର ମୁଖ୍ୟ ଛକ ସମେତ ଗଳି କନ୍ଦି ବୁଲି ବିଭିନ୍ନ କାନ୍ଥ ଗୁଡିକରେ ଲାଗିଥିବା ବିଜ୍ଞାପନ ପୋଷ୍ଟରକୁ ବାହାର କରିବା ସହ ସହରକୁ ପୋଷ୍ଟର ମୁକ୍ତ କରାଇବା ନେଇ ସଚେତନ ମଧ୍ୟ କରାଇ ଆସୁଛନ୍ତି। ତଥାପି କିଛି ବ୍ୟବସାୟୀକ ଅନୁଷ୍ଠାନ ବାରମ୍ବାର ସଚେତନତା ପରେ ବି ମାନିବାକୁ ନାରାଜ୍ । ଗତ କିଛି ବର୍ଷ ତଳେ ବ୍ରହ୍ମପୁର ମହାନଗର ନିଗମ ମଧ୍ୟ ଏହାକୁ ଗୁରୁତ୍ୱ ଦେଇ କାନ୍ଥ ଗୁଡିକରେ ପୋଷ୍ଟର ମାରିବାକୁ ବାରଣ କରିବା ସହ ଜରିମାନା ଆଦାୟ ନେଇ ପଦକ୍ଷେପ ନେଇଥିଲା। ସମ୍ପ୍ରତି ପୂର୍ଣ୍ଣ ଚିତ୍ର ପୁଣି ସାମ୍ନାକୁ ଆସିଛି। ସବୁଠୁ ବଡ କଥା ହେଉଛି, ସହରର ସୁନ୍ଦରତା ବୃଦ୍ଧି କରିବା ପାଇଁ କାନ୍ଥ ଗୁଡିକରେ ବିଏମସି ପକ୍ଷରୁ ସଂସ୍କୃତି ଓ ପରମ୍ପରାକୁ ନେଇ ରଙ୍ଗ ବେରଙ୍ଗର ଚିତ୍ର ମଧ୍ୟ ଅଙ୍କା ଯାଇଛି। କିନ୍ତୁ ବିଜ୍ଞାପନ ଛପାଯିବା ଫଳରେ ବ୍ରହ୍ମପୁରର ସୌନ୍ଦର୍ଯ୍ୟ ମଳିନ ପଡିବାରେ ଲାଗିଛି।

ଦକ୍ଷିଣ ଓଡ଼ିଶାର ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ଟିମ୍ କ୍ଲିନ୍ ସିଟି ପକ୍ଷରୁ ଏବେ ବି ପୋଷ୍ଟରମୁକ୍ତ ଅଭିଯାନ ଜାରି ରହିଥିବା ବେଳେ ପୂର୍ବ ଭଳି ବ୍ରହ୍ମପୁର ମହାନଗର ନିଗମ ପୁଣି ଏଭଳି କାନ୍ଥରେ ବିଜ୍ଞାପନ ଛାପୁଥିବା ସଂସ୍ଥାଙ୍କ ବିରୋଧରେ ଆକ୍ସନ୍ ମୁଡ୍‌କୁ ଆସିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



# ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସାଧାରଣ ସଭା

**ପାଟଣାଗଡ, ୧୦।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଟଙ୍କପାଣି ଗ୍ରାମରେ ଗତ ବୁଧବାର ଦିନ ଅପରାହ୍ନ ୪ଘଟିକା ସମୟରେ ଗନ୍ଧମାର୍ଦ୍ଦନ ପାଦଦେଶରେ ଅବସ୍ଥିତ ଟଙ୍କପାଣି ଗ୍ରାମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆହ୍ୱାନ କ୍ରମେ ଅନୁଷ୍ଠିତ ଉକ୍ତ ସଭାରେ ଟଙ୍କପାଣି ଗ୍ରାମ ନିକଟସ୍ଥ ପାହାଡକୁ ଆଦାନି ଗୃପ କମ୍ପାନୀକୁ ଲିଜ ଦେବାକୁ ସ୍ଥାନୀୟ ନେତୃବୃନ୍ଦଙ୍କ କରୁଥିବା ମସୁଧା ବିଷୟରେ ଆଲୋଚନା କରାଯାଇଥିଲା। ଗ୍ରାମର ଶତାଧିକ ପୁରୁଷ ମହିଳା ଓ ଯୁବକ ଏହି ସଭାରେ ଯୋଗ ଦେଇଥିଲେ । ଆଗାମୀ ଦିନରେ କୌଣସି ପ୍ରକାର ଖନନକାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସମସ୍ତ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ । ଗ୍ରାମର ତିନିଜଣ ଯୁବକ ସୁଫଲ କରୁଆଁ, ସୁଦର୍ଶନ ବାଗ ଓ ପର୍ଶୁରାମ ଖମାରୀ ଙ୍କୁ ଗନ୍ଧମାର୍ଦ୍ଦନ ସୁରକ୍ଷା କମିଟୀର ଆବାହକ ଦାୟିତ୍ୱ ଦିଆଗଲା । ଏହି ସଭାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଂଗ୍ରାମୀ ରାଜକୁମାର ସେଠ, କ୍ଷେତ୍ରୀ ଲୁହାର, ସୁଶିଲ ନାୟକ, ପ୍ରଶାନ୍ତ ମାଝୀ, ଅଭିଳାଷ ଭୋଇ, ଟେକେନ୍ଦ୍ର ଜାଲ, ସନ୍ତୋଷ ପଧାନ, ଶାନ୍ତନୁ କୁମାର ବୁଧିଆ, ମୋହନ ଜଗତ ପ୍ରମୁଖ ଯୋଗଦେଇ ଥିଲେ ।

# ଅଜଣା ରୋଗ ସହ ଲଢୁଛନ୍ତି କୈଳାଶ ବରିହା

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ପାଟଣାଗଡ, ୧୦।୧୦ (ସଂଚାର ବ୍ୟୁରୋ):** ଏବେବି ସମାଜରେ ଅନେକ ମଣିଷ ରହିଛନ୍ତି ସେମାନଙ୍କ ପରିବାରରେ କୌଣସି ସଦସ୍ୟଙ୍କୁ ଯଦି ରୋଗ ଗ୍ରାସ କରେ ତାହେଲେ ଗରିବ ଜୀବନ ବଡ କଷ୍ଟକର ହୋଇପଡେ । ଅର୍ଥ ଅଭାବରୁ ରୋଗକୁ ଚିକିତ୍ସା କରିବା ପାଇଁ ସମ୍ଭବ ହୋଇପାରେ ନାହିଁ, ମୃତ୍ୟୁବରଣ କରିବାକୁ ପଡିଥାଏ। ଏହା ପ୍ରତି କୌଣସି ପ୍ରକାରେ ବାଟ ଫିଟୁନଥିବା ଦେଖାଯାଏ । ଅର୍ଥହୀନା ମଣିଷକୁ ସମାଜରେ କେହିବି ପଚାରନ୍ତି ନାହିଁ, ଯାହାଫଳରେ ରୋଗରେ ପୀଡିତ ହୋଇ ଘରେ ଛଟପଟ ଜୀବନ ବିତାଉଥିବା ଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ଯାହାକି ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଖପ୍ରାଖୋଲ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମହୁରୁଣ୍ଡି ଗ୍ରାମରେ।



ମହୁରୁଣ୍ଡି ଗ୍ରାମର କୁନ୍ତୀ ବରିହାଙ୍କର ସ୍ୱାମୀ କୈଳାଶ ବରିହା ବର୍ତ୍ତମାନ ୩ ରୁ ୪ ବର୍ଷ ହେବ କୌଣସି ଏକ ଅଜଣା ରୋଗରେ ପୀଡିତ। ପତ୍ନୀ କୁନ୍ତୀ ବରିହା ଏବେ କରିବେ କଣ, ସ୍ୱାମୀର ଏହି ରୋଗ ପାଇଁ ଚିନ୍ତିତ ରହିଛନ୍ତି । ଗରିବ ପତ୍ନୀ ଆଗରୁ କିଛି ଅର୍ଥ ଯୋଗାଡ କରି ସ୍ୱାମୀର ଚିକିତ୍ସା ପାଇଁ ଖପ୍ରାଖୋଲ ଓ ପାଟଣାଗଡ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର କୌଣସି ପ୍ରକାରେ ରୋଗକୁ ଚିହ୍ନଟ କରିପାରିଲେ ନାହିଁ । ଡାକ୍ତର କୈଳାଶଙ୍କୁ ସିଧାସଳଖ ଅନ୍ୟ ଏକ ବଡ଼ ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ହେଲେ କୁନ୍ତୀ ବରିହାଙ୍କ ପାଖରେ ଅର୍ଥ ଅଭାବରୁ ସ୍ୱାମୀ କୈଳାଶଙ୍କୁ ଅନ୍ୟ ବଡ଼ ହସ୍ପିଟାଲ ନେବା ପାଇଁ ଅକ୍ଷମ ହୋଇ ନିଜ ଘରକୁ ବାହୁଡି ଆସିବା ପାଇଁ ବାଧ୍ୟ ହୋଇଥିବା ପ୍ରକାଶ କରିଛନ୍ତି ।

ଅନ୍ୟ ପଟେ କୈଳାଶଙ୍କ ଅଜଣା ରୋଗ ଦିନକୁ ଦିନ ବୃଦ୍ଧି ପାଇ ଲାଗିଛି। ପ୍ରଥମେ ଦେହରୁ ଆରମ୍ଭ ହୋଇ ଶରୀରର ବିଭିନ୍ନ ଅଂଶକୁ ବ୍ୟାପିବା ଯୋଗୁଁ ଯନ୍ତ୍ରଣାରେ କୈଳାଶ ଛଟପଟ ଜୀବନ ଭିତରେ ଜିଇଁବା ପାଇଁ ସଂଗ୍ରାମ କରୁଛି। ଯିଏ ଦେଖିବ ତା ହୃଦୟରେ ନିଶ୍ଚୟ ଭାବରେ କଷ୍ଟରେ ଫାଟି ପଡିବ । ତେବେ ସରକାରୀ ସହାୟତା ବିନା ଏହି ଗରିବ ପତ୍ନୀ କୁନ୍ତୀ ବରିହା ସ୍ୱାମୀ କୈଳାଶଙ୍କୁ ଚିକିତ୍ସା କରାଇବା ପାଇଁ ଅକ୍ଷମ ଅଛନ୍ତି। ଏହି ରୋଗର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ତେଣୁ ସରକାରଙ୍କ ପକ୍ଷରୁ କୈଳାଶଙ୍କୁ ଚିକିତ୍ସା କରାଇବା ନିମନ୍ତେ ସହାୟତା ପାଇଁ ପତ୍ନୀ କୁନ୍ତୀ ବରିହା ଗଣମାଧ୍ୟମ ଆଗରେ ଆକୁଳ ନିବେଦନ କରିଛନ୍ତି ।

# ଶାରଦୀୟ ପୂଜା ପାଇଁ ଶ୍ରୀକ୍ଷେତ୍ର ଉତ୍ସବମୁଖର

**ପୁରୀ, ୧୦।୧୦ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ମାଆ ବିମଳାଙ୍କର ତ୍ରିଦିନାତ୍ମକ ପୂଜା ଆରମ୍ଭ ହୋଇଛି।ମହାଷ୍ଟମୀ, ମହାନବମୀ ପାଳନ କରାଯିବ ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି। ଏହି ତିନି ଦିନ ରାତ୍ର ପହୁଡ଼ ପରେ ପଶ୍ଚିମ ଦ୍ୱାର ଦେଇ ଶଙ୍ଖୁଡ଼ି ଭୋଗ ପାଇଁ ଆବଶ୍ୟକୀୟ ଜିନିଷ ଯିବ। ମାଆ ବିମଳାଙ୍କର କୂଅ ପଛଭାଗରେ ଅସ୍ଥାୟୀ ରୋଷଘରେ ଶଙ୍ଖୁଡ଼ି ଭୋଗ ରନ୍ଧା ହେବାପରେ ଭୋଗ ଥାନକୁ ଯିବ। ଏହାପରେ ସମସ୍ତ ଶଙ୍ଖୁଡ଼ି ଭୋଗ ପଶ୍ଚିମ ଦ୍ୱାର ବାଟେ ବାହାରକୁ ଯିବ। ପରେ ଚୂନ ପାଣି ପକା ଯାଇ ସୌଧ ପରେ ଶ୍ରୀମନ୍ଦିର ଦ୍ୱାର ଫିଟା ଯିବ। ଚଳିତ ବର୍ଷ ସହରରେ ମୋଟ ୪୮ଟି ପୂଜା ମଣ୍ଡପ ମଧ୍ୟରୁ ୨୧ଟି ପୂଜା ମଣ୍ଡପରେ ଦେବୀ ଓ ୨୭ଟି ପୂଜା ମଣ୍ଡପରେ ଅନ୍ୟ ଦେବାଦେବୀ ଓ କିଛି ସାମାଜିକ ଚରିତ୍ରଙ୍କ ପୂଜନ କରାଯାଇଥାଏ। ଆଜି ପୀଠରେ ମହାଷ୍ଟମୀ ପାଳନ କରୁଥିବା ବେଳେ ମଣ୍ଡପ ଗୁଡ଼ିକରେ ସପ୍ତମୀ ପୂଜା ଅନୁଷ୍ଠିତ ହେଉଛି। ପୂଜା ମଣ୍ଡପ ଗୁଡ଼ିକୁ ରଙ୍ଗ ବେରଙ୍ଗୀ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସନ୍ଧ୍ୟା ସମୟରେ ପୂଜା ମଣ୍ଡପ ଗୁଡ଼ିକରେ ମାଆଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ଼ ଲାଗି ରହିଛି। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।



# ପ୍ରଧାନଶିକ୍ଷକଙ୍କୁ ଭବ୍ୟ ସ୍ୱାଗତ

**ସୁବର୍ଣ୍ଣପୁର, ୧୦।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବେହେରାମାଲ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼ଭାଲୁପାଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁନୀଲ କୁମାର ସେଠ ଙ୍କୁ ଗ୍ରାମବାସୀ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରକୃତି ସଂରକ୍ଷଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନିୟ କାର୍ଯ୍ୟ ପାଇଁ ଏହି ବିଦ୍ୟାଳୟକୁ ଗତ ୦୫-୧୦-୨୦୨୪ରେ ବନଖଣ୍ଡ ଅଧିକାରୀଙ୍କର କନଫେରେନ୍ସ ହଲ ଠାରେ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଶ୍ରୀଯୁକ୍ତ ସେଠ ବନଖଣ୍ଡ ଅଧିକାରୀ ଙ୍କର ଠାରୁ କୋଡିଏ ହଜାର ଟଙ୍କାର ଚେକ ଓ ମାନ ପତ୍ର ଗ୍ରହଣ କରିଥିଲେ। ଆଜି ଶ୍ରୀଯୁକ୍ତ ସେଠ କୁ ଗ୍ରାମ ର ଅଧିବାସୀ ମାନେ ହର୍ଷଉଲ୍ଲାସ ରେ ପ୍ରଧାନ ଶିକ୍ଷକ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ କୁ ଗ୍ରାମ ପରିକ୍ରମା କରାଇ ସ୍ୱାଗତ କରିଥିଲେ। ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ଆର୍‌ଏସ୍‌ଏସ୍ ପାଳିଲା ବିଜୟାଦଶମୀ ଉତ୍ସବ

**ବ୍ରହ୍ମପୁର, ୧୦।୧୦ (ସଂଚାର ବ୍ୟୁରୋ):** ଆର୍‌ଏସ୍‌ଏସ୍ ସଂଘର ପ୍ରତିଷ୍ଠା ଦିବସ ତଥା ବିଜୟାଦଶମୀ ଉତ୍ସବ ପାଳିତ ହୋଇଯାଇଛି। ୪ଟି ସ୍ଥାନରୁ ୪ଟି ପଥ ସଞ୍ଚଳନ ବାହାରିଥିଲା । ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ଶିଶୁ ବିଦ୍ୟାମନ୍ଦିର ଏପରି ସମସ୍ତେ ଖଲିକୋଟ ବିଶ୍ୱବିଦ୍ୟାଳୟ ପଡିଆରେ ଏକତ୍ରିତ ହେଇଥିଲେ । ସ୍ୱୟଂ ସେବକ ମାନେ ଘୋଷ ବିଦ୍ୟା ଓ ଭଗବା ଧ୍ୱଜ ସହ ପରିକ୍ରମା କରିଥିଲେ । ବିଶ୍ୱବିଦ୍ୟାଳୟ ପଡିଆରେ ହୋଇଥିବା ସଭାରେ ନିୟୁଦ୍ଧ, ଦଣ୍ଡ ଯୁଦ୍ଧ, ଯୋଗାସନ ଆଦି ଶାରୀରିକ ପ୍ରଦର୍ଶନ ହୋଇଥଲା । ଗଞ୍ଜାମ ବିଭାଗ ସଂଘ ଚାଳକ ଡ ଭଗବାନ ତ୍ରିପାଠୀ, ଜିଲ୍ଲା ସଂଘ ଚାଳକ ଡ ପ୍ରଶାନ୍ତ କୁମାର ପତି ମଞ୍ଚାସିନ ଥିଲେ । ବରିଷ୍ଠ ଡାକ୍ତର ଶଙ୍କର୍ଷଣ ପାତ୍ର, ଆର୍ ଏସ ଏସ ଓଡ଼ିଶା ପୂର୍ବ ପ୍ରାନ୍ତ କର୍ଯ୍ୟବାହ ଡ ଅନିଲ କୁମାର ମିଶ୍ର, ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ । ସୁରେଶ ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ପ୍ରମୁଖ ବକ୍ତବ୍ୟରେ କହିଥିଲେ, ସୁସ୍ଥ ରାଷ୍ଟ୍ର ସକାଶେ ସୁସ୍ଥ ସଂସ୍କୃତି ଓ ସୁସ୍ଥ ମାନସିକତା ଆବଶ୍ୟକ । ଲୋକେ ନିଜକୁ ଭାରତୀୟ ବୋଲି ପରିଚୟ ଦେବାକୁ କୁଣ୍ଠାବୋଧ କରୁଛନ୍ତି । ସମାଜରେ ଭିନ୍ନ ଭିନ୍ନ ବିଚାରାଧାରା ରହିଛି । ବ୍ୟକ୍ତି ନିର୍ମାଣର ପ୍ରଥମ ପାହାଚ ହେଉଛି ରାଷ୍ଟ୍ର ଭକ୍ତି । ଆର୍ ଏସ ଏସ ସକାଶେ ଦେଶ ଭକ୍ତି ସର୍ବାଦୌ ଓ ସର୍ବାଗ୍ରେ ବିଚାର ଅଟେ ।







# ଆଇନ ସେବା ସମିତି ତରଫରୁ ବିଶ୍ୱ ମାନସିକ ଦିବସ

**କଳାହାଣ୍ଡି, ୧୦।୧୦ (ସଂଚାର ବ୍ୟୁରୋ):** ତାଲୁକ ଆଇନ ସେବା ସମିତି ଧର୍ମଗଡ ଦ୍ୱାରା ଧର୍ମଗଡ ଯଶୋଦା ଅନାଥ ଆଶ୍ରମ ଠାରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ସକାଳ ୧୦ ଟା ରେ ବିଶ୍ୱ ମାନସିକ ଦିବସ ପାଳିତ । ଏହି କାର୍ଯ୍ୟକ୍ରମ ରେ ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପ୍ରାଜ୍ଞ୍ୟାପାରମିତା ସ୍ୱାଇଁ ବରିଷ୍ଠ ଓକିଲତଥା ସଦସ୍ୟ ତାଲୁକ ଆଇନ ସେବା ସମିତି ମିହିର ରଞ୍ଜନ ପଟ୍ଟଯୋଶୀ, ହରିଶ ଚନ୍ଦ୍ର ବାଗ , ଉକ୍ତ ଅନାଥ ଆଶ୍ରମ ର ପ୍ରତିଷ୍ଠାତା ଶ୍ୟାମସୁନ୍ଦର ଜାଲ ଓ କସ୍ତୁରୀ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାନନୀୟ ଅଧକ୍ଷ ଉପସ୍ଥିତ ଅନ୍ତେବାସୀ ମାନଙ୍କୁ ବିଶ୍ୱ ମାନସିକ ଦିବସ ର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ମାନସିକ ରୋଗ ରେ ପୀଡିତ ଅନ୍ତେବାସୀ ମାନଙ୍କ ସହିତ ଦେଖା କରିବା ସହିତ ତାଙ୍କୁ ଅନୁଷ୍ଠାନ ତରଫରୁ ଦିଆ ଯାଉଥିବା ସୁବିଧା ଓ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ,। ବରିଷ୍ଠ ଓକିଲ ହରିଶ୍ଚନ୍ଦ୍ର ବାଗ ସଭା ପରିଚାଳନା କରିଥିବା ବେଳେ ମିହିର ରଞ୍ଜନ ପଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉକ୍ତ ଅନାଥଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।



# ଗୋବିନ୍ଦପୁର ଗ୍ରାମରେ ଭାଇ ଜିଉନ୍ତିଆ ପାଳିତ

**ନୂଆପଡ଼ା, ୧୦।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସିନାପାଲି ଅନ୍ତର୍ଗତ ଗୋବିନ୍ଦପୁର ଠାରେ ଭାଇ ଜିଉନ୍ତିଆ ଓଷା ପାଳନ ଅନୁଷ୍ଠିତ ହୋଇଯାଇଛି। ଆଶ୍ୱିନ ମାସ ଅଷ୍ଟମୀ ତିଥି ରେ ଭଉଣୀ ମାନେ ନିର୍ଜଳା ଉପବାସ ରହି ଭାଇ ଜିଉନ୍ତିଆ ଓଷା ବ୍ରତ ପାଳନ କରି ନିଜ ଭାଇଙ୍କ ଦୀର୍ଘାୟୁ କାମନା କରିଥାନ୍ତି। ସନ୍ଧ୍ୟା ସମୟ ରେ ଜଗତ ଜନନୀ ମାଁ ଦୁର୍ଗାଙ୍କ ପୂଜା କରି ଆର ଦିନ ଭାଇକୁ ୧୦୮ ଖଣ୍ଡ ଦୁବ ଏବଂ ଜିଉନ୍ତିଆ ଦେଇ ଦୀର୍ଘାୟୁ କାମନା କରିଥାନ୍ତି। ମାଁ ଦୂର୍ଗାଙ୍କ ପାଖରେ ବିଭିନ୍ନ ପ୍ରକାରର ଫଳ ମୂଳ ଓ ସାତ ପ୍ରକାର ଡାଲ ବିଡା ଚଢ଼ାଇଥାନ୍ତି।

## ବ୍ରହ୍ମପୁର ବିଜେଡିରେ ଅଲ୍ ଇଜ୍ ନଟ୍ ୱେଲ୍

# ଚ୍ୟାଉ-ବିକ୍ରମ କଳି

# ଫାଇଦା ନେବେ କି ସଂଘମିତ୍ରା ?





**ବ୍ରହ୍ମପୁର, ୧୦।୧୦ (ସଂଚାର ବ୍ୟୁରୋ):** ରାଜନୈତିକ କରିଡ଼ରରେ ସର୍ବଦା ଚର୍ଚ୍ଚାରେ ରହିଥାଏ ଗଞ୍ଜାମ ଜିଲ୍ଲା। ବିଶେଷ କରି ଜିଲ୍ଲାର ପ୍ରମୁଖ ସହର କୁହାଯାଉଥିବା ବ୍ରହ୍ମପୁରର ରାଜନୀତି ସବୁବେଳେ ଚର୍ଚ୍ଚିତ। ସଂଗଠନ ହେଉ କି ବିବାଦ ଓ ବିଭ୍ରାଟ ସବୁରେ ରେଶମ ସହରର ପଲିଟିକ୍ସ ଉପରେ ସଭିଙ୍କ ନଜର୍। ଏଭଳି କ୍ଷେତ୍ରରେ ଏବେ ବ୍ରହ୍ମପୁର ବିଜେଡିର ସଂଗଠନକୁ ନେଇ ସୃଷ୍ଟି ହୋଇଛି ବଡ ପ୍ରଶ୍ନବାଚୀ। ରାଜ୍ୟରେ ବିଜେଡି କ୍ଷମତାରୁ ହଟିବା ପରେ ଗଞ୍ଜାମ ଜିଲ୍ଲା ଏବଂ ବିଶେଷ କରି ବ୍ରହ୍ମପୁରରେ ଦଳର ସ୍ଥିତିକୁ ନେଇ ଅନେକ ଆଲୋଚନା ହେଉଛି। କିଏ ସଂଗଠନର ଦାୟିତ୍ୱ ନେବ? କାହା ହାତରେ ସହରରେ ଶଙ୍ଖ ଦଳ ମଜବୁତ ହେବ? ସେନେଇ ଏବେ ସ୍ଥାନୀୟ ନେତାଙ୍କ ଠାରୁ ଆରମ୍ଭ କରି କର୍ମୀ ଯାଏଁ ଦ୍ୱନ୍ଦ୍ୱରେ ରହିଥିବା କୁହାଯାଉଛି।

ବାସ୍ତବରେ ୨୦୧୯ରେ ବ୍ରହ୍ମପୁର ବିଜେଡିରେ ବିକ୍ରମ-ଶେଖରଙ୍କ ଏଣ୍ଟ୍ରି ପରେ ଦଳ ଆହୁରି ମଜବୁତ ହୋଇଥିଲା। ଏପରିକି ଉକ୍ତ ନିର୍ବାଚନରେ ଉଭୟେ ବ୍ରହ୍ମପୁରର ବିଧାୟକ ଏବଂ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ଅସଲ ବିଜେଡି କ୍ୟାମ୍ପ୍ କୁଆଡେ ଏହାକୁ ଗ୍ରହଣ କରିପାରିନଥିଲା। ଅସଲରେ ବ୍ରହ୍ମପୁରର ପାଞ୍ଚ ପାଞ୍ଚ ଥରର ବିଧାୟକ ରହି ଆସିଥିବା ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ଟିକେଟ୍ କଟିବା ଅସନ୍ତୋଷର ବଡ କାରଣ ବୋଲି କୁହାଯାଉଥିଲା। ପରବର୍ତ୍ତୀ ସମୟରେ ବ୍ରହ୍ମପୁରରେ ଶଙ୍ଖ ଦଳର ଦାୟିତ୍ୱ କିନ୍ତୁ ନିଜ ମୁଣ୍ଡକୁ ନେଇଥିଲେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା। ଏକଦମ୍ ନିଜସ୍ୱ ଟିମ୍ ଜରିଆରେ ଦଳର ସଂଗଠନକୁ ସୁଦୃଢ଼ କରିବାକୁ ଲାଗି ପଡ଼ିଥିଲେ। ଯାହାକୁ ପୁରୁଖା ନେତା ଓ କର୍ମୀ ସହ୍ୟ କରିପାରିନଥିଲେ। ତେବେ ୨୦୨୪ ନିର୍ବାଚନରେ ଦଳ କିନ୍ତୁ ଭିନ୍ନ ପନ୍ଥା ଅବଲମ୍ବନ କରିଥିଲା। ବିକ୍ରମଙ୍କୁ ବ୍ରହ୍ମପୁର ପରିବର୍ତ୍ତେ ଗୋପାଳପୁରରେ ନିର୍ବାଚନ ଲଢ଼ିବାକୁ ସ୍ଥିର କରାଗଲା। କୁହାଗଲା ବିକ୍ରମଙ୍କୁ ବ୍ରହ୍ମପୁର ପଲିଟିକ୍ସରୁ ହଟାଇବାକୁ ଏବଂ ଚ୍ୟାଉ ବାବୁ ପୁଣି ବିଧାୟକ ହେବାକୁ ଉପର ମୋହଲାରେ ଏଭଳି ମାଷ୍ଟରଷ୍ଟ୍ରୋକ ଖେଳିଥିଲେ। ଆଉ ଚର୍ଚ୍ଚା ପ୍ରକାରେ ଦଳ ଭିତରେ ନିଜ ସମର୍ଥକଙ୍କ ଗୋଡ ଟଣାଟାଣି ସ୍ୱଭାବ ପାଇଁ ଉଭୟେ ଉଭୟ ଆସନରୁ ହାରି ଯାଇଥିଲେ। ବର୍ତ୍ତମାନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଏବଂ ତାଙ୍କ ସମର୍ଥକ ପୁଣି ବ୍ରହ୍ମପୁର ରାଜନୀତିରେ ସକ୍ରିୟ ରହିଛନ୍ତି।

ସେପଟେ ଗଞ୍ଜାମ ବିଜେଡି ସଭାପତି ଆସନରେ ବସିଥିବା ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ଗୋଷ୍ଠୀ ମଧ୍ୟ ନିଜ ସ୍ତରରେ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଯଦିଓ ସଭିଙ୍କୁ ଗୋଟିଏ ସ୍ଥାନରେ ଦେଖିବାକୁ ମିଳୁଛି, କିନ୍ତୁ ସବୁ କିଛି ଠିକ୍ ଠାକ୍ ନଥିବା କୁହାଯାଉଛି। ଗତ ପୌର ନିର୍ବାଚନରେ ବଡ ବିଜୟ ହାସଲ କରିଥିଲା ବିଜେଡି। ଦଳୀୟ ପ୍ରାର୍ଥୀଙ୍କ ବିଜୟର ଶ୍ରେୟ ବିକ୍ରମଙ୍କୁ ହିଁ ଯାଇଥିବା ଜଣାପଡିଥିଲା।



ଅନ୍ୟପଟେ ଗତ ମେୟର ନିର୍ବାଚନରେ ବିଜେଡି ଟିକେଟ୍‌ରୁ ଲଢ଼ି ବାଜି ମାରିଥିଲେ ଶ୍ରୀମତୀ ସଂଘମିତ୍ରା ଦଳେଇ। ସମ୍ପ୍ରତି ସେ ବ୍ରହ୍ମପୁର ମହାନଗର ନିଗମର ମେୟର ଅଛନ୍ତି। କିନ୍ତୁ କୁହାଯାଉଛି ମେୟରଙ୍କ କାର୍ଯ୍ୟରେ ଅଧିକାଂଶ କର୍ପୋରେଟରଙ୍କ ସମର୍ଥନ ମିଳୁନି। ନିକଟରେ ବିକ୍ରମଙ୍କ ଗୋଷ୍ଠୀର କିଛି କର୍ପୋରେଟର ଅନାସ୍ଥା ପ୍ରସ୍ତାବ ଆଣିବାକୁ ଅଣ୍ଟା ଭିଡିଥିଲେ ବୋଲି ବି ଚର୍ଚ୍ଚା ହୋଇଥିଲା। ମୋଟାମୋଟି କହିବାକୁ ଗଲେ ବ୍ରହ୍ମପୁର ବିଜେଡି ନେତୃତ୍ୱଙ୍କ ମଧ୍ୟରେ କୁଆଡେ ଶୀତଳଯୁଦ୍ଧ ଚାଲିଛି। ଯଦି ଚର୍ଚ୍ଚା ସତ ତେବେ ଦଳର ସ୍ଥାନୀୟ ସଂଗଠନ ଯେ ସଙ୍କଟରେ ନପଡିବ ଏକଥାକୁ ଏଡାଇ ଦିଆଯାଇନପାରେ। ବର୍ତ୍ତମାନ ଦଳ ରାଜ୍ୟରେ ପାୱାରରେ ନଥିବା ବେଳେ ଦଳରେ ନେତାଙ୍କ ଏପରି ଏକଲା ଚେଲୋ ନୀତି ନିହାତି ଦଳ ଏବଂ ସଂଗଠନକୁ ବିପଦରେ ପକାଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏକ ଅସମର୍ଥୀତ ସୂତ୍ର କହୁଛି, ଚର୍ଚ୍ଚା ପ୍ରକାରେ ରେଶମ ସହରର ଶଙ୍ଖ ୟୁନିଟ୍‌ରେ ଚ୍ୟାଉ ଏବଂ ବିକ୍ରମ ଗୋଷ୍ଠୀଙ୍କ ଅଦୃଶ୍ୟ କଳି ଭିତରେ ତୃତୀୟ ବ୍ୟକ୍ତିଙ୍କୁ ଏହାର ଫାଇଦା ମିଳିପାରେ।

ସମ୍ପ୍ରତି ବ୍ରହ୍ମପୁର ମେୟର ଥିବା ସଂଘମିତ୍ରା ଦଳାଇ ଜିଲ୍ଲା ମହିଳା ବିଜେଡିର ସଭାନେତ୍ରୀ ରହିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କର କ୍ଷିପ୍ର ବେଗରେ ଯୋଗଦାନ ବି ରହିଛି। ରାଜନୀତି ଠାରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମରେ ବି ସେ ଫୁଲ୍ ସକ୍ରିୟ। ରାଜ୍ୟ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ମଧ୍ୟ ଏବେ ସଂଗଠନକୁ ଖୁବ୍ ଗୁରୁତ୍ୱ ଦେଉଛନ୍ତି। ଆଉ ବ୍ରହ୍ମପୁର ବିଜେଡିରେ ସ୍ଥାନୀୟ ନେତାଙ୍କ ଫାଟ ଥିବା କୁହାଯାଉଥିବା ବେଳେ ସଂଘମିତ୍ରାଙ୍କୁ ଯେ ଦଳ ସମ୍ପୂର୍ଣ୍ଣ ସଂଗଠନର ଦାୟିତ୍ୱ ନ ଦେବ ଏ କଥାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ଏମିତି ହେଲେ ନେତାଙ୍କ କଳିର ଫାଇଦା ସଂଘମିତ୍ରା ନେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ସ୍ଥାନୀୟ ରାଜନୈତିକ କରିଡ଼ରରେ ଚର୍ଚ୍ଚା ହେଉଛି।

## ଝଲସୁଛି ଟ୍ୱିନ୍ ସିଟି





# ଓଡ଼ିଶା ସହ ଥିଲା ନିବିଡ଼ ସମ୍ପର୍କ



**ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ):** ଶିଳ୍ପ ସମ୍ରାଟ ରତନ ଟାଟାଙ୍କର ଗତ ରାତିରେ ପରଲୋକ ଘଟିଛି। ରତନ ଟାଟା ବିଶ୍ୱରେ ଜଣେ ପ୍ରମୁଖ ଶିଳ୍ପପତି ଥିଲେ। ଓଡ଼ିଶା ଓ ରତନ ଟାଟାଙ୍କ ମଧ୍ୟରେ ସମ୍ପର୍କ ଥିଲା ଅତି ନିବିଡ଼। ଓଡ଼ିଶାର ଶିଳ୍ପ, ଅର୍ଥନୈତିକ ପ୍ରଗତି, ସମାଜସେବା କ୍ଷେତ୍ରରେ ରତନ ଟାଟାଙ୍କର ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା। ଯାଜପୁରରୁ କଳିଙ୍ଗନଗର ଇସ୍ପାତ କାରଖାନା, ଗୋପାଳପୁର ପ୍ରୋଜେକ୍ଟ ଏବଂ ଗଞ୍ଜାମରେ ହୋଇଥିବା ଜାଗା ମିଶନ ପ୍ରକଳ୍ପ ସହ ରତନ ଟାଟାଙ୍କର ଥିଲା ପ୍ରତ୍ୟକ୍ଷ ସଂପୃକ୍ତି। ଏସବୁ ପ୍ରକଳ୍ପ ପାଇଁ ଏକାଧିକ ବାର ଓଡ଼ିଆ ଆସିଥିଲେ ରତନ ଟାଟା।

୧୯୯୫ ଡିସେମ୍ବର ୩୦ରେ ଗୋପାଳପୁର ଷ୍ଟିଲ ପ୍ରକଳ୍ପ ପାଇଁ ଓଡ଼ିଶା ଆସିଥିଲେ ଟାଟା। ସେତେବେଳେ ଏହି ପ୍ରକଳ୍ପ ଶିଳାନ୍ୟାସ କରିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ। ୨୦୧୮ରେ ଓଡ଼ିଶାରେ ବସ୍ତି ବାସିନ୍ଦାମାନଙ୍କୁ ଘର ଯୋଗାଇ ଦେବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସହ ମିଶି ଜାଗା ମିଶନର ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଯାହାକି ସେତେବେଳେ ବସ୍ତି ବାସିନ୍ଦାଙ୍କ ପାଇଁ ବିଶ୍ୱର ସବୁଠୁ ବଡ଼ ପ୍ରକଳ୍ପର ମାନ୍ୟତା ପାଇଥିଲା। ସେହିଭଳି ରାଜ୍ୟ ସମ୍ମୁଖୀନ ହୋଇଥିବା ବିଭିନ୍ନ ଦୁର୍ବିପାକ ସମୟରେ ମଧ୍ୟ ଟାଟା ଗ୍ରୁପ୍ ଓ ରତନ ଟାଟାଙ୍କ ଅବଦାନ ଅତୁଳନୀୟ ଥିଲା। ଟାଟା ଗ୍ରୁପର ଏକାଧିକ କମ୍ପାନୀ ଓଡ଼ିଶାରେ ପ୍ରତିଷ୍ଠା ହେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ସ୍କିଲ ଡେଭଲପମେଣ୍ଟ କ୍ଷେତ୍ରରେ କାର୍ଯ୍ୟ ଜାରି ରଖିଛନ୍ତି।

# ବିଲ୍ଡର ନିରଞ୍ଜନ ରଣା ଗିରଫ

**ଜମି ଦେବାକୁ କହି ଠକିଥିଲେ କୋଟି କୋଟି ଟଙ୍କା**

**ରହିଛି ୨୧ ମାମଲା ଜାରି ହୋଇଥିଲା ୭ ଏନ୍‌ବିଡବ୍ଲ୍ୟୁ**



**ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ):** ଜମି ଓ ଫ୍ଲାଟ୍ ଦେବ କହି ରାଜଧାନୀ ଭୁବନେଶ୍ୱରରେ କୋଟି କୋଟି ଟଙ୍କା ଠକେଇ କରିଥିଲା ରଙ୍ଗୀଲା ବିଲ୍ଡର। ଲୋକଙ୍କୁ ଘର ନ ଦେଇ ସେହି ଅର୍ଥରେ ଓଡ଼ିଆ ଫିଲ୍ମ ଶୁଟିଂ କରୁଥିଲେ ଏବଂ ଅୟସ୍ କରୁଥିଲେ। ପ୍ରାୟ ୨୧ ମାମଲା ରୁଜୁ ହେବା ପରେ କମିଶନରେଟ୍ ପୋଲିସ ଗୁରୁବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ବିପୁଳ ପରିମାଣର ଟଙ୍କା ଜବତ କରାଯାଇଛି। ରଙ୍ଗୀଲା ବିଲ୍ଡର ହେଲେ ଓଡ଼ିଆ ଫିଲ୍ମ ପ୍ରଯୋଜକ ନିରଞ୍ଜନ ରଣା। ତାଙ୍କ ଘର ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ। ସେ ମାଆ ତାରେଣୀ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ କରି ନକଲି କାଗଜପତ୍ରରେ ଜମି ଓ ଫ୍ଲାଟ୍ ଦେବେ ବୋଲି କହି ଲୋକଙ୍କୁ ଠକୁଥିଲେ। ଏମିତିକି ଗୋଟିଏ ଗୋଟିଏ ଫ୍ଲାଟ୍‌କୁ ବିଭିନ୍ନ ଲୋକଙ୍କୁ ବିକ୍ରି କରି ମାଲାମାଲ୍ ହେଉଥିବା ଅଭିଯୋଗ ହେଉଥିଲା। ଟଙ୍କା ନେଇ ପରବର୍ତ୍ତୀ ସମୟରେ ଧରାଛୁଆଁ ଦେଉ ନ ଥିଲେ। ଠକେଇର ଶିକାର ହୋଇଥିବା ଲୋକମାନେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନାରେ ଅଭିଯୋଗ କରିଥିଲେ। ସୂଚନା ଅନୁସାରେ ନିରଞ୍ଜନ ରଣାଙ୍କ ନାଁରେ ବିଭିନ୍ନ ଥାନାରେ ୨୧ଟି ମାମଲା ରହିଛି। ହେଲେ ବାବୁ ନିରଞ୍ଜନ ଧରାଛୁଆଁ ଦେଉ ନ ଥିଲେ। ଏ ଥି ପ ା ଇଁ ବିଭିନ୍ନ କୋର୍ଟ ତାଙ୍କ ନାଁରେ ୭ ଟି ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଯାହାକୁ ନେଇ ଚିନ୍ତାରେ ପଡ଼ି ଯାଇଥିଲା ଭୁବନେଶ୍ୱର କମିଶରେଟ୍ ପୁଲିସ୍। ନିରଞ୍ଜନ ରଣା ବୁଧବାର ମୁମ୍ବାଇରୁ ଘରକୁ ଆସିଥିବା ବେଳେ ଧରିଥିଲା କମିଶନରେଟ୍ ପୁଲିସ୍। ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କ କହିବା ଅନୁସାରେ ନିରଞ୍ଜନଙ୍କଠାରୁ ନଗଦ ୩ ଲକ୍ଷ ୯୨ ହଜାର ଟଙ୍କା,ଏକ ଦାମୀ କାର ଓ ୨ ମୋବାଇଲ ଜବତ କରାଯାଇଛି। ଜମି ଜାଲିଆତି ନେଇ ମୋବାଇଲରେ ବହୁ ତଥ୍ୟ ରହିଛି। ଏହା ଉପରେ ତର୍ଜମା କରାଯାଉଛି।

## ଆର୍‌ଆଇ-ଅମିନ୍ ପରୀକ୍ଷାରେ ଅନିୟମିତତା
## କାଠଯୋଡ଼ିରେ ଆଡ୍‌ମିଟ କାର୍ଡ ଭସାଇଲେ ଆଶାୟୀ



**କଟକ, ୧୦।୧୦ (ସଂଚାର ବ୍ୟୁରୋ):** ଜୋର ଧରୁଛି ଆରଆଇ-ଅମିନ୍ ପରୀକ୍ଷା ବାତିଲ ଦାବି। ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍ ରେ ବ୍ୟାପକ ତ୍ରୁଟି ପରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ପରୀକ୍ଷାର୍ଥୀ। ରାଜଧାନୀରେ ହଲ୍ଲାବୋଲ ପରେ ଗୁରୁବାର କଟକରେ ପ୍ରତିବାଦ କରୁଛନ୍ତି ଆଶାୟୀ। କଟକ ନେତାଜୀ ବସ୍ ଟର୍ମିନାଲ ସ୍ଥିତ ଲାଇବ୍ରେରୀ ସମ୍ମୁଖ କାଠଯୋଡି ନଦୀରେ ଆଡମିଟ୍ କାର୍ଡ ଡଙ୍ଗା କରି ଭସାଇ ପ୍ରତିବାଦ କରିଛନ୍ତି ଆଶାୟୀ। ଅଯୋଗ୍ୟ ସଂସ୍ଥା ସିଫିକୁ ପରୀକ୍ଷା ଦାୟିତ୍ୱରୁ ଅବ୍ୟାହତି ଦେଇ ତୁରନ୍ତ ସାନି ପରୀକ୍ଷା କରିବାକୁ ଆଶାୟୀମାନେ ଦାବି ରଖିଛନ୍ତି। ସେହିଭଳି ବ୍ରହ୍ମପୁରରେ ବି ଜୋର୍ ଧରିଛି ଆରଆଇ ଓ ଅମିନ ପରୀକ୍ଷା ବାତିଲ୍ ଦାବି। ଟାଉନ୍ ହଲ୍ ନିକଟରେ ଆଡମିଟ୍ କାର୍ଡ ଜାଳିଛନ୍ତି କିଛି ପରୀକ୍ଷାର୍ଥୀ। ପରୀକ୍ଷା ବାତିଲ୍ ସହ ପୁନଃ ପରୀକ୍ଷା ଦାବିରେ ରାଜ୍ୟବ୍ୟାପୀ ପ୍ରତିବାଦ ତୀବ୍ର ହେବାରେ ଲାଗିଛି।

# ପୂଜାରେ ଦରମା ପାଇଲେନି ୬ଶହ କର୍ମଚାରୀ

ଭୁବନେଶ୍ୱର, ୧୦।୧୦-(ତଥ୍ୟ) ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ପୌରସଂସ୍ଥା ଓ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ ୬ଶହରୁ ଅଧିକ ଠିକା କର୍ମଚାରୀ (ପ୍ରଫେସନାଲ) ପୂଜାରେ ନିଜର ପାଉଣା ଗଣ୍ଡାକ ପାଇଲେ ନାହିଁ। ଏମାନଙ୍କୁ ଯୋଗାଇଥିବା କମ୍ପାନୀ ସହିତ ସରକାରଙ୍କ ଚୁକ୍ତିନାମା ନବୀକରଣ ହେଉନଥିବାରୁ ବିଭାଗ ଦ୍ୱାରା ଚଳାଯାଉଥିବା ବିଭିନ୍ନ କାର୍ଯ୍ୟ କିଭଳି ସମ୍ପାଦନ ହେବ ତାହା ଚିନ୍ତାର ବିଷୟ ପାଲଟିଛି।
ରାଜ୍ୟର ବିଭିନ୍ନ ମହାନଗର ନିଗମ, ମ୍ୟୁନିସିପାଲିଟି ଓ ଏନ୍‌ଏସିରେ ବିଭାଗ ଦ୍ୱାରା ଚଳାଯାଉଥିବା ବିଭିନ୍ନ କାର୍ଯ୍ୟର ସମ୍ପାଦନ ଓ ତଦାରଖ ପାଇଁ ୬୦୦ରୁ ଅଧିକ କର୍ମଚାରୀ ନିଯୁକ୍ତି ହେଇଛନ୍ତି। ଏମାନେ ବିଭିନ୍ନ ସଂସ୍ଥା ଜରିଆରେ ନିଯୁକ୍ତ ହୋଇଥିବାବେଳେ ସମ୍ପୃକ୍ତ ସଂସ୍ଥାଗୁଡିକ ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହିତ ରାଜିନାମା କରିଥିଲେ। ତେବେ ଏହି ରାଜିନାମା ୨୦୨୩ ସେପ୍ଟେମ୍ବର ମାସରୁ ସରିଥିବାବେଳେ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ୬ମାସ କରି ଦୁଇ ପର୍ଯ୍ୟାୟରେ ଚୁକ୍ତି ଅବଧି ବୃଦ୍ଧି କରିଥିଲେ।
ତଦନୁଯାୟୀ ଚଳିତବର୍ଷ ସେପ୍ଟେମ୍ବର ୩୦ ତାରିଖରେ ସମ୍ପ୍ରସାରିତ ଚୁକ୍ତି ଅବଧି ଶେଷ ହୋଇଛି। ବର୍ତ୍ତମାନ ଏହି ଛଅଶହ କର୍ମଚାରୀ ବିଭିନ୍ନ ପୌରାଞ୍ଚଳ ଓ ପ୍ରକଳ୍ପରେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ କିନ୍ତୁ ପାଉଣା ମିଳୁନାହିଁ। ଏପରିକି ପୂଜା ସମୟରେ ମଧ୍ୟ ସେମାନେ ସେପ୍ଟେମ୍ବର ମାସର ପାଉଣା ପାଇନାହାନ୍ତି। ଯେହେତୁ ରାଜ୍ୟ ସରକାର ଏହି କର୍ମଚାରୀଙ୍କ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି ଓ ସେମାନଙ୍କୁ ଯୋଗାଇଥିବା ସଂସ୍ଥା ସହିତ ଚୁକ୍ତିନାମା କରୁନାହାନ୍ତି ତେଣୁ ଏମାନଙ୍କ ନିଯୁକ୍ତିର ଆଉ କୌଣସି ବୈଧତା ନାହିଁ। ହେଲେ ପୌରସଂସ୍ଥା ଗୁଡିକରେ ଚାଲୁ ରହିଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପରେ ପୂର୍ବବତ୍ କାର୍ଯ୍ୟ ଜାରି ରଖିଛନ୍ତି। ଉଲ୍ଲେଖନୀୟ ଯେ ବିଭିନ୍ନ ପୌରସଂସ୍ଥାରେ ମୁକ୍ତା ସହିତ ଆହାର ଓ ବିଜୁଳି ଏବଂ ଅନେକ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିରେ ଅନେକ ଯୋଜନା ଦୀର୍ଘମିଆଦୀ ଭିତ୍ତିରେ ସରକାର ଚଳାଉଛନ୍ତି। ଯୋଜନାଗୁଡିକ ସହିତ ସାଧାରଣ ଲୋକେ ଦୈନନ୍ଦିନ ଜଡିତ ଥିବାରୁ ଏହାକୁ ଚଳାଇ ରଖିବାକୁ ସରକାର ଏକ ପ୍ରକାର ବାଧ୍ୟ।
ବର୍ତ୍ତମାନ ସରକାରୀ ବିଭାଗ କିମ୍ବା ପୌରସଂସ୍ଥାରେ ଏହିସବୁ ଯୋଜନା ଓ ପ୍ରକଳ୍ପକାର୍ଯ୍ୟ ଚଳାଇ ରଖିବାପାଇଁ ପ୍ରଫେସନାଲମାନଙ୍କର ଏକାନ୍ତ ଆବଶ୍ୟକ ହୋଇଥିବାବେଳେ ବିନା ନିଯୁକ୍ତି ବୈଧତାରେ ୬ଶହରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ ଚଳାଇଛନ୍ତି। ପୂଜା ସମୟରେ ସରକାର କର୍ମଚାରୀଙ୍କ ପାଇଁ ବିଭିନ୍ନ ଯୋଜନା ଘୋଷଣା କରୁଥିବାବେଳେ ଖୋଦ୍ ସରକାରୀ କାର୍ଯ୍ୟର ସୁପରିଚାଳନା କରୁଥିବା କର୍ମଚାରୀ ସେମାନଙ୍କର ପାଉଣା ନପାଇବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିଭଳି ଯୋଜନା ଚଳାଇ ରଖିବାପାଇଁ ଏମାନଙ୍କ ନିଶ୍ଚିତ ଆବଶ୍ୟକ ଥିବାବେଳେ ସରକାର ତୁରନ୍ତ ନିଷ୍ପତ୍ତି ନେବାକୁ ମଧ୍ୟ ମତପ୍ରକାଶ ପାଉଛି। ନହେଲେ ପୌରସଂସ୍ଥାଗୁଡିକରେ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଅଚଳ ହୋଇଯିବାର ଆଶଙ୍କା ଉପୁଜିଲାଣି। (ତଥ୍ୟ)

DEPARTMENT OF HOUSING & URBAN DEVELOPMENT

**କେନ୍ଦୁଝରରେ ବିଜେଡି ସଂଗଠନ ଦୋହଲୁଛି**

# ଧରା ଦେଉନାହାନ୍ତି ସନାତନ ଭାଗୀରଥୀ ଅଲୋଡ଼ା




**କେନ୍ଦୁଝର/ ଆନନ୍ଦପୁର, ୧୦।୧୦ (ସଂଚାର ବ୍ୟୁରୋ):** ବିଜେଡି ସରକାର ଭାଙ୍ଗିବାପରେ ଦଳରେ ସବୁକିଛି ଯେପରି ବଦଳିଯାଇଛି। କେନ୍ଦୁଝରରେ ତିନିଜଣ ବିଧାୟକ ନିର୍ବାଚିତ ହୋଇଥିଲେ ମଧ୍ୟ ଜିଲ୍ଲାରେ ସଂଗଠନ ବିଗିଡି ଯାଇଛି।

ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ବିଜେଡି କାର୍ଯ୍ୟକ୍ରମରୁ ନିଜକୁ ଦୁରେଇ ରଖିବା ଚର୍ଚ୍ଚାର ବିଷୟ ପାଲଟିଛି। ଏପଟେ ଦଳରୁ ନିଜର ଇସ୍ତଫା ପ୍ରତ୍ୟାହାର କରିଥିବା ଆନନ୍ଦପୁର ର ପୂର୍ବତନ ବିଧାୟକ ଭାଗିରଥି ସେଠିଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ଡାକରା ଆସୁନଥିବା ଜଣାପଡିଛି । ନିର୍ବାଚନ ପୂର୍ବରୁ ବାହୁବଳୀ ନେତା ସନାତନ ବିଜେପି କି ବିଜେଡିକୁ ଯିବେ ସେ ନେଇ ସସ୍‌ପେନ୍ସ ଲାଗି ରହିଥିଲା । ତେବେ ଶେଷ ମୁହୂର୍ତ୍ତରେ ସନାତନ ବିଜେଡିରୁ ଟିକେଟ ପାଇ ଜିଲ୍ଲାରେ ସର୍ବାଧିକ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଥିଲେ। ହେଲେ ଦଳର ବିପର୍ଯ୍ୟୟ ପରେ ଜୁନ ୫ ତାରିଖରେ ଭୁବନେଶ୍ୱରରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଡାକିଥିବା ସମୀକ୍ଷା ବୈଠକରେ ସେ ଯୋଗ ଦେଇ ନ ଥିଲେ । ଫୋନ୍ ଆସିଥିଲେ ବି ସେ ବାହାନା ଦେଖାଇ ଏଡ଼ାଇ ଯାଇଥିବା ଆଲୋଚନା ହୋଇଥିଲା । ସେହିପରି ଗତକାଲି କେନ୍ଦୁଝରରେ ବିଜେଡିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସନାତନ ଯୋଗ ଦେଇ ନ ଥିଲେ । ଏଥିରେ ଜିଲ୍ଲାର ଦୁଇ ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ର ଓ ଅଭିମନ୍ୟୁ ସେଠିଙ୍କ ସହିତ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ମଧ୍ୟ ସନାତନ ଜାଣିଶୁଣି ଗଲେନି ବୋଲି ଜିଲ୍ଲାସାରା ଚର୍ଚ୍ଚା ହେଉଛି।

ଟିକେଟ ବଣ୍ଟନ ପ୍ରକ୍ରିୟା ଚାଲିଥିବା ସମୟରେ ସନାତନଙ୍କୁ ବିଜେପି ଦଳରେ ସାମିଲ କରି ପ୍ରାର୍ଥୀ କରିବାକୁ ଚାହୁଁଥିଲା, ମାତ୍ର, ବିଜେଡି ବାଟ ଛାଡ଼ିବାକୁ ରାଜି ନ ଥିଲା । ବହୁଦିନ ଝୁଲେଇ ରଖିବାପରେ ବିଜେଡି ଶେଷ ମୁହୂର୍ତ୍ତରେ ଟିକେଟ ଦେଇଥିଲା । ସନାତନ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଦଳ ବିରୋଧରେ ତାଙ୍କର ଅସନ୍ତୋଷ ରହିଥିଲା । ଅନ୍ୟ ଏକ ଆଲୋଚନାରୁ ଜଣାପଡ଼ିଛି ଯେ ବହୁବର୍ଷ ଧରି ସନାତନ ବିଜେଡିର ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଥିଲେ। ସନାତନଙ୍କୁ ପୁଲିସ ଲଗାଇ ଧମକାଇବା ସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିବା, ସମର୍ଥକଙ୍କୁ ବିଭିନ୍ନ ସମୟରେ ଗିରଫ କରିବା ଓ ବିଜେଡି ବିରୋଧରେ ମୁହଁ ଖୋଲିଲେ ଗିରଫ କରିବା ନେଇ ତୃତୀୟ ମହଲାର କିଛି ଅଧିକାରୀ ନିୟମିତ ଧମକାଉ ଥିଲେ । ଯେଉଁଥିପାଇଁ ସନାତନ ବିଜେଡି ଟିକେଟରେ ନିର୍ବାଚନ ଲଢ଼ିଥିଲେ ବି ଦଳ ବିରୋଧରେ କ୍ଷୋଭ ଥିଲା । ତେଣୁ ଦଳର ପରାଜୟ ପରେ ସୁପ୍ରିମୋଙ୍କୁ ସମ୍ମାନ ଦେବା କିମ୍ବା ତାଙ୍କ ନିର୍ଦ୍ଦେଶକୁ ସେ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ସାଧାରଣରେ ଆଲୋ ହେଉଛି । ଏବେ ଚର୍ଚ୍ଚା ହେଉଛି, ସନାତନ କାଳେ ବିଜେପି ସହ ସଂପର୍କରେ ରହିଛନ୍ତି । ଏପଟେ ଟିକେଟ ନ ପାଇ ବିଜୁ ପରିବାରର ବରିଷ୍ଠ ସଦସ୍ୟ କୁହାଯାଉଥିବା ଆନନ୍ଦପୁରର ପୂର୍ବତନ ବିଧାୟକ ଭାଗୀରଥୀ ସେଠି ବିଜେଡିରୁ ଇସ୍ତଫା ଦେଇଥିଲେ। ପୁଣି ଗତ ୨୦ତାରିଖରେ ସେ ଇସ୍ତଫା ପ୍ରତ୍ୟାହାର କରିଥିଲେ । ଏପରିକି ଭୁବନେଶ୍ୱର ଯାଇ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଭେଟିଥିଲେ । ତେବେ ତାଙ୍କୁ ଦଳୀୟ କାର୍ଯ୍ୟକ୍ରମକୁ ଡାକରା ହେଉ ନ ଥିବା ଚର୍ଚ୍ଚା ହେଉଛି । ଦଳର ଅନ୍ୟ କିଛି ନେତା ବିଜେପି ମୁହାଁ ହୋଇଥିବାରୁ ବିଜେଡି ସଂଗଠନର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଖସି ପାରିବେନି ‘ପାପା କି ପରୀ’
# ବନ୍ଧା ହେବେ ମାତାଲ ଯୁବତୀ



ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ): ମାଲ ପିଇ ମାତାଲ ହେଉଛନ୍ତି ‘ ପାପା କି ପରୀ’। ହିତାହିତ ଜ୍ଞାନ ଭୁଲି କେଉଁଠି ଗଡ଼ିଲେଣି ତ ଆଉ କେଉଁଠି ପୋଲିସ ଉପରେ ଚଢ଼ିଲେଣି। ତିନି ଘଣ୍ଟା ଧରି ଅନ-ଡ୍ୟୁଟି ଅଫିସରଙ୍କୁ ଦୁର୍ବ୍ୟବହାର ପରେ ଚେତିବା ଆରମ୍ଭ କରିଛି କମିଶନରେଟ ପୋଲିସ। ଷ୍ଟ୍ରଙ୍ଗ ଆକ୍ସନ ନେବାକୁ ପୋଲିସ କମିଶନରଙ୍କ ନିର୍ଦ୍ଦେଶ ପରେ ଆରମ୍ଭ ହୋଇଛି ମାତାଲ ମହିଳାଙ୍କ ଡାଟାବେସ୍ ପ୍ରସ୍ତୁତି। ପରିବାରର କେହିଲୋକ ଭୁବନେଶ୍ୱରରେ ରହୁ ନ ଥିବା, ସ୍ୱାମୀଙ୍କ ପାଖରେ ରହୁ ନ ଥିବା ସ୍ତ୍ରୀମାନେ ପ୍ରତ୍ୟେକ ଦିନ ରାଜଧାନୀରେ ପୋଲିସ ପାଇଁ ବଢ଼ାଉଛନ୍ତି ମୁଣ୍ଡବିନ୍ଧା।

ମସଗୁଲ ସହର, ମତୁଆଲା ଯୁବତୀ। ପବ, ବାର୍‌ରୁ ବାହାରି ପୋଲିସକୁ ନାକେଦମ କରୁଛନ୍ତି । ୩ ଦିନ ତଳେ ବଡ଼ଗଡ଼ ଥାନାରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିଲେ ଏହି ମହିଳା ଜଣଙ୍କ । ତା ପର ଦିନ ଇନ୍ଫୋସିଟି ଅଞ୍ଚଳରେ ‘ହର୍’ ଟିମ୍‌ର ନିଦ ହଜାଇଦେଇଥିଲେ ଯୁବତୀ। ପୋଲିସକୁ ପିଟିଥିଲେ ଆଉ ପରେ ହସ୍ପିଟାଲରେ ଶବକୁ ସ୍ନେହରେ ଚୁମ୍ବନ କରିବାକୁ ପଛାଇ ନ ଥିଲେ । ପୂଜା ସୁରକ୍ଷାରେ ନାକେଦମ ହୋଇଥିବା ଖଣ୍ଡଗିରି ଥାନାରେ ଦିନକ ତଳେ ପୁଣି ପହଞ୍ଚିଥିଲେ ଆଉ ଜଣେ ମହିଳା। ବେଶ ସମ୍ଭ୍ରାନ୍ତ ଶ୍ରେଣୀର ଏହି ମହିଳା ପେଟେ ପିଇବା ପରେ ଖଣ୍ଡଗିରି ଥାନାରେ ଚେୟାର, ବେଞ୍ଚ ଫିଙ୍ଗିବା ସହ ପୋଲିସକୁ ନୟାନ୍ତ କରିଦେଇଥିଲେ। ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା ହାଇଡ୍ରାମା । ଥାନା ପାଲଟିଥିଲା ରଣକ୍ଷେତ୍ର। ପରିସ୍ଥିତି ଏଭଳି ହୋଇଥିଲା ଯେ ଶେଷରେ ମହିଳା ପୋଲିସଙ୍କୁ ଘଟଣାସ୍ଥଳକୁ ଆସିବାକୁ ପଡିଥିଲା। ସୋସାଲ ମିଡିଆରେ ଏହି ଖବର ଭାଇରାଲ ହେବା ପରେ ବୁଧବାର ସାଢ଼େ ୧୦ଟା ବେଳେ ଖଣ୍ଡଗିରି ଥାନାରେ ଅତର୍କିତ ପହଞ୍ଚିଥିଲେ ଟୁଇନ ସିଟି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ। ଭାଇରାଲ ହେଉଥିବା ଭିଡିଓର ସରଜମିନ ଯାଞ୍ଚ କରିଥିଲେ। ଥାନାରେ ପହଂଚିବା ପରେ ସିସିଟିଭି, ମୋବାଇଲ ଭିଡିଓ ଯାଞ୍ଚ କରିବା ସହ ସେଦିନ ରାତିରେ ଡ୍ୟୁଟିରେ ଥିବା ଅଫିସରଙ୍କୁ ପଚରାଉଚରା କରିଥିଲେ। ତୁରନ୍ତ ଏକ କେସ ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ କମିଶନର । ଏହାପରେ ମହିଳା ଜଣଙ୍କୁ ନୋଟିସ ଦେଇ ଛାଡିଛି ପୋଲିସ। କେବଳ ଗୋଟିଏ ନୁହେଁ, ପ୍ରତେକ ଟି ଘଟଣାରେ ମହିଳାଙ୍କ ବିରୋଧରେ କେସ ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଧୁନିକତା, ପ୍ରତିଷ୍ଠିତ ବା ନିଜର ଷ୍ଟାଟସ ଦେଖାଇବା ଆଳରେ ବିପଦଜନକ ଭାବେ ନିଶା ସେବନ କରୁଛନ୍ତି । କିନ୍ତୁ ଯୁବକଙ୍କ କ୍ଷେତ୍ରରେ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ଯୁବତୀ ବା ମହିଳା ଗଳାବାଟ ଦେଇ ଖସି ଯାଉଥିବା ଅଭିଯୋଗ ହୋଇଛି। ସର୍ଭେ ରିପୋର୍ଟ ମୁତାବକ ଓଡ଼ିଶାରେ ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ମଦ୍ୟପାନ କରୁଥିବା ବେଳେ ୨୨ ପ୍ରତିଶତ ଏଥିରେ ସହରୀ ଲୋକ ରହିଛନ୍ତି। ତେବେ ଚିନ୍ତାଜନକ କଥା ହେଉଛି ଏଥର ମହିଳା ମଦ୍ୟପଙ୍କ ସଂଖ୍ୟା ଅଧିକ ରହିଛି । ଯାହାକି ବର୍ତ୍ତମାନ ମୁଣ୍ଡବିନ୍ଧାର କାରଣ ପାଲଟିଛି।

## ପାପୁଲି କାଟିଥିବା ଅଭିଯୁକ୍ତକୁ ଏନ୍‌କାଉଣ୍ଟର

ସମ୍ବଲପୁର, ୧୦।୧୦ (ସଂଚାର ବ୍ୟୁରୋ): କନଷ୍ଟେବଲଙ୍କ ପାପୁଲି ଛିଡ଼ାଇ ଦେଇଥିବା ଅଭିଯୁକ୍ତକୁ ଏନକାଉଣ୍ଟର କରିଛି ପୁଲିସ। ଅଭିଯୁକ୍ତ ଜଣଙ୍କ ହେଲେ କମଲୁ ପ୍ରଧାନ। ତାର ଡାହାଣ ଗୋଡ଼ରେ ଗୁଳି ବାଜିଛି। କମଲୁକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଗତ ୪ ତାରିଖରେ ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଝରାପାଲି ଗାଁରେ ପୁଲିସ କନେଷ୍ଟବଲ ସରୋଜ ଭୋଇଙ୍କ ଉପରେ ଆକ୍ରମଣ କରିଥିଲା କମଲୁ। ଦାମ୍ପତ୍ୟ ଝଗଡ଼ାର ସମାଧାନ ପାଇଁ ଯାଇଥିବା ବେଳେ ସରୋଜଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ପାପୁଲି ଛିଡ଼ାଇ ଦେଇଥିଲା। ଘଟଣାପରଠୁ ଫେରାର ଥିଲା କମଲୁ। ପରେ ପୁଲିସ କମଲୁକୁ ଧରିବାକୁ ଚେଷ୍ଟା ଚଳାଇଥିଲା। କଟାପାଲି ନିକଟ ଜଙ୍ଗଲରେ କମଲୁ ଲୁଚି ଥିବା ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ପୁଲିସ ଟିମ୍ ଜଙ୍ଗଲରେ ପହଞ୍ଚି ଖୋଜାଖୋଜି କରି କମଲୁକୁ ଧରିଥିଲେ। ସରେଣ୍ଡର ପାଇଁ କମଲୁକୁ ପୁଲିସ ପକ୍ଷରୁ କୁହାଯାଇଥିଲା। ହେଲେ କମଲୁ ପୁଲିସକୁ ଭୁଜାଲିରେ ଆକ୍ରମଣ କରିଥିଲା। ଜଣେ ପୁଲିସ ଇନ୍ସପେକ୍ଟରଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଥିଲା। ପୁଲିସକୁ ଆକ୍ରମଣ କରିବା ପରେ କମଲୁ ଚମ୍ପଟ ମାରିବାକୁ ଉଦ୍ୟମ କରିବା ବେଳେ ଏନକାଉଣ୍ଟର କରାଯାଇଥିଲା। କମଲୁ ଓ ଆହତ ଇନ୍ସପେକ୍ଟରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଭିଜିଲାନ୍ସ ଜାଲରେ ଏସ୍‌ସିବି ଡିଇଓ

**କଟକ,୧୦।୧୦ (ସଂଚାର ବ୍ୟୁରୋ):** ଗରିବ ରୋଗୀଙ୍କୁ ବି ଛାଡ଼ିଲେନି। ସରକାରୀ ଔଷଧ ଦେବା ପାଇଁ ଟଙ୍କା ନେବା ବେଳେ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି ଏସ୍‌ସିବି ମେଡିକାଲର ଡାଟାଏଣ୍ଟ୍ରି ଅପରେଟର୍। ଅସ୍ଥାୟୀ ଠିକା ଡାଟାଏଣ୍ଟ୍ରି ଅପରେଟର ସ୍ମୃତି ରଞ୍ଜନ ସାହୁଙ୍କୁ ଧରିଛି ଭିଜିଲାନ୍ସ। ହେପାଟାଇଟିସ୍ ପୀଡ଼ିତ ବାପାଙ୍କୁ ଔଷଧ ଦେବା ନିମନ୍ତେ ପୁଅ ଠାରୁ ୨ ହଜାର ଲାଞ୍ଚ ନେଇ ସେ ଧରାପଡ଼ିଛନ୍ତି। ପାଇଁ ଔଷଧ ଦେବାକୁ ପୁଅଠାରୁ ଲାଞ୍ଚ ନେଉଥିଲେ ସ୍ମୃତିରଂଜନ। ଏହି ଔଷଧ ମାଗଣାରେ ମିଳୁଥିଲେ ମଧ୍ୟ ସେ ୨ ହଜାର ମାଗିଥିଲେ। ଏନେଇ ଅଭିଯୋଗ ପରେ ସ୍ମୃତି ରଞ୍ଜନ ସାହୁଙ୍କୁ ଧରିଛି ଭିଜିଲାନ୍ସ।

# ରାତିଅଧିଆ ଚାଲିଛି ବେଆଇନ ବାଲି ଚାଲାଣ

**ହାତଗୁଞ୍ଜା ନେଇ ଚୁପ ବସୁଛି ପ୍ରଶାସନ**

**ଥାନା, ତହସିଲ ଆଗରେ ହେଉଛି ଚୋରା ଚାଲାଣ**

**କେନ୍ଦ୍ରାପଡ଼ା, ୧୦।୧୦(ସଂଚାର) :** ଗରଦପୁର ବ୍ଲକ ରାଜସ୍ୱ ଅଞ୍ଚଳରୁ ଦୈନିକ ଶହ ଶହ ଟ୍ରାକ୍ଟର ଏବଂ ହାଇୱା ମାଧ୍ୟମରେ ନଦୀ ପଠାରୁ ବାଲି ବେନିୟମ ଭାବରେ ଚୋରା ଚାଲାଣ ହେଉଥିବାର ଦେଖିବାକୁ ମିଳୁଛି। ଖୁଲମଖୁଲା ସରକାରୀ ରାଜସ୍ୱ ଫାଙ୍କି ଅନ୍ୟ ସ୍ଥାନରେ ଥିବା ପୂର୍ବ ଗଚ୍ଛିତ ବାଲି ସହିତ ନଦୀ ପଠାକୁ ଜେସିବି ମାଧ୍ୟମରେ ତାଡି ଚୋରା ଚାଲାଣ ହେଉଛି। ସବୁ ଦେଖି ମଧ୍ୟ ସ୍ଥାନୀୟ ତହସିଲ ଓ ଥାନା ବାବୁମାନେ ଧୃତରାଷ୍ଟ୍ର ସାଜିଛନ୍ତି। ଅନ୍ୟ ପକ୍ଷରେ ବର୍ଷ ବର୍ଷ ଧରି ନଦୀରୁ ବାଲି ଉଠୁଥିବାରୁ ନଦୀ ଶଯ୍ୟାର ଜଳଧାରଣା କ୍ଷମତା ଏବେ ଅହେତୁକ ଭାବରେ ହ୍ରାସ ପାଇବାରେ ଲାଗିଛି। ଫଳତଃ ନଦୀ ଜଳକୁ ଭରସା କରି ଚାଷ କରୁଥିବା ଚାଷୀଙ୍କ ଅବସ୍ଥା ବେହାଲ ହୋଇ ପଡୁଛି। ଗରଦପୁର ରାଜସ୍ୱ ବିଭାଗ ପରିସୀମାରେ ପ୍ରବାହିତ ହେଉଥିବା ଚିତ୍ରୋତ୍ପଳା ନଦୀରେ ଉତ୍କୃଷ୍ଟ ମାନର ବାଲି ମିଳୁଥିବାରୁ ବାଲି ମାଫିଆଙ୍କ ନଜର ସର୍ବଦା ରହିଛି।

ପୂର୍ବରୁ ପାଇକା ନଦୀର ଚାଉଳିଆବାମେରା, ତେଣ୍ଡାକୁଡ଼ା, ଅନୂପଲା, କୋଲର ବାଲିଘାଟ ରୁ ବେନିୟମ ଭାବେ ବାଲି ଲୁଟ୍ କରିଥିବା ବେଳେ ବର୍ତ୍ତମାନ ଚିତ୍ରୋତ୍ପଳା ନଦୀର ଗୋବିନ୍ଦପୁର, କୋର୍ଣ୍ଣିଦା ମାହାଙ୍ଗା, ଜଗନ୍ନାଥପୁର, ସମସରା ଆଦି ଅଞ୍ଚଳର ଗ୍ରାମ ମାନଙ୍କରୁ ବେଆଇନ ଭାବେ ଚୋରା ବାଲି ମାଫିଆ ମାନେ ବାଲିକୁ ନିତିଦିନ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଲୁଟ୍ କରିବାରେ ଲାଗିଛନ୍ତି। ଏହି ନଦୀ ଘାଟରୁ ଦୈନିକ ଶହ ଶହ ଟ୍ରାକ୍ଟର ଏବଂ ହାଇୱା ଯୋଗେ ବାଲି ବେଧଡକ ଚାଲାଣ ହେଉଥିବା ବେଳେ ପୁଲିସ ଓ ତହସିଲ ପ୍ରଶାସନ କିଛି ହାତଗୁଞ୍ଜା ନେଇ ଚୁପ ବସୁଥିବା ଅଭିଯୋଗ ମଧ୍ୟ ହେଉଛି। ବିଭିନ୍ନ ସରକାରୀ ବେସରକାରୀ ପ୍ରକଳ୍ପ ସହ ଥାନା ଗୃହ ନିର୍ମାଣରେ ଏସବୁ ବାଲି ବିନିଯୋଗ ହେଉଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ଆବାସଠୁ ଆରମ୍ଭ କରି ଲୋକେ ନିଜସ୍ୱ ଘର ନିର୍ମାଣ ପାଇଁ ବାଲି ଚୋରାରେ ନେଉଛନ୍ତି। କିଛି ଘାଟକୁ ସରକାରୀ ଭାବେ ନିଲାମ କରାଯାଉଥିଲା କିନ୍ତୁ ତାହା ବର୍ତ୍ତମାନ ହୋଇପାରିନାହିଁ, ଫଳରେ ବାଲି ମାଫିଆମାନେ ବେଫିକର ବାଲି ଚୋରା ଚାଲାଣ କରୁଛନ୍ତି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଛି। ଏ ସମ୍ପର୍କରେ ଗରଦପୁର ତହସିଲ ଅଧିକାରୀଙ୍କୁ ଆମ ପ୍ରତିନିଧି ପ୍ରତିକ୍ରିୟା ମାଗିଥିଲେ ମଧ୍ୟ ସେମାନେ ପ୍ରତିକ୍ରିୟା ଦେବାକୁ ଅନିଚ୍ଛା ପ୍ରକାଶ କରିଥିବା ଜାଣିବାକୁ ମିଳିଛି।



ନିୟମିତ ବାଲି ଚାଲାଣ ଦୁଇ ଦୁଇଟି ପାଟକୁରା ଓ କୁଦାନଗରୀ ଥାନା ସମ୍ମୁଖରେ ବାଲି ବୋଝେଇ ଗାଡ଼ି ନିର୍ଭୟରେ ଯାତାୟାତ ହେବାଫଳରେ ସ୍ଥାନୀୟ ଗ୍ରାମବାସୀ ପାଖରେ ଥିବା ବିଭିନ୍ନ ବଜାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହ ମାଫିଆମାନେ ନଦୀ ପଠାକୁ ଖୋଲୁ ଥିବାରୁ ଚାଷ ଜମି ଆଗାମୀ ଦିନରେ ନଦୀରେ ଲୀନ ହେବା ସହ ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଯେଉଁମାନେ ଏହି ବାଲି ଚୋରା ଚାଲାଣ ପଛରେ ଅଛନ୍ତି ତାଙ୍କ ସହ ସ୍ଥାନୀୟ ଥାନା ବାବୁ ମାନେ ଭିତିରିଆ ବୁଝାମଣା କରି ନୀରବ ରହୁଥିବା କେତେକ ଅତି ଗୋପନରେ ପ୍ରକାଶ କରିଛନ୍ତି। ବାଲି ଚୋରା ଚାଲାଣ ବନ୍ଦ ହେଲେ ସରକାରୀ ରାଜସ୍ୱ ଆଦାୟ ହେବା ସହିତ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ମତ ପ୍ରକାଶ ପାଉଛି। ତେଣୁ ବାଲି ଚୋରା ଚାଲାଣକୁ ବନ୍ଦ କରିବା ପାଇଁ ଦାବି ହେଉଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର